


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୨୮ ଜୁନ୍ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 28 June 2026

Vol.No. 36 ■ No.168 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ନାମଲେଖା ଚାଲୁଅଛି-୨୦୨୬

ସାଇ ସାଧନା ସେବାଶ୍ରମ

ଦିବ୍ୟସିଂହପୁର, ଉଦଳା, ମୟୂରଭଞ୍ଜ

(+୨ ବିଜ୍ଞାନ, +୨ କଳା ଏବଂ +୩ ବିଜ୍ଞାନ)

୧୦୦% ପ୍ରତିଶତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ-୨୦୨୬


Only for ST/SC Students

(Not for Service Holders)

ଖାଇବା ରହିବା ସମ୍ପୂର୍ଣ୍ଣ ମାଗଣା

Contact No: 9437294587, 9437443950, 9937557158


## ଆଫଗାନିସ୍ତାନରେ ଭୂକମ୍ପ: ଉତ୍ତର-ପଶ୍ଚିମ ଭାରତ ଓ ପାକିସ୍ତାନରେ ଅନୁଭୂତ ହେଲା ଝଟକା



ନୂଆଦିଲ୍ଲୀ,୨୭/୬ : ଆଫଗାନିସ୍ତାନର ହିନ୍ଦୁକୁଶ ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୬.୨ ଥିଲା। ଏହି ଭୂକମ୍ପ ଭାରତୀୟ ସମୟ ସନ୍ଧ୍ୟା ୭:୦୪ ମିନିଟରେ ଭୂପୃଷ୍ଠରୁ ୨୧୫ କିଲୋମିଟର ଗଭୀରତାରେ ସଂଗଠିତ ହୋଇଥିଲା, ଯାହାର ଝଟକା ପାକିସ୍ତାନ ଏବଂ ଉତ୍ତର-ପଶ୍ଚିମ ଭାରତର କିଛି ଅଞ୍ଚଳରେ ମଧ୍ୟ ଅନୁଭୂତ ହୋଇଛି। ତେବେ ଏହି ଭୂକମ୍ପ ଯୋଗୁ କୌଣସି କ୍ଷୟକ୍ଷତି କିମ୍ବା ମୃତାହତ ସଂପର୍କରେ ତତ୍କାଳ କିଛି ସୂଚନା ମିଳିନାହିଁ। ଏହି ଭୂକମ୍ପର କେନ୍ଦ୍ରସ୍ଥଳ ଉତ୍ତର-ପୂର୍ବ ଆଫଗାନିସ୍ତାନର କାଲାଫଗାନଠାରୁ ପ୍ରାୟ ୮୧ କିଲୋମିଟର ଦୂରରେ ଥିଲା। ଏହି ଝଟକା ଆଫଗାନିସ୍ତାନ, ପାକିସ୍ତାନ, ଭାରତ, ଚୀନ, ତାଜିକିସ୍ତାନ, ଉଜବେକିସ୍ତାନ, କିର୍ଗିଜିସ୍ତାନ ଏବଂ ତୁର୍କମେନିସ୍ତାନରେ ଅନୁଭୂତ ହୋଇଛି। ଭୂକମ୍ପଟି ଅଧିକ ଗଭୀରତାରେ ହୋଇଥିବାରୁ ଏହାର ପ୍ରଭାବ ଏକ ବଡ଼ ଭୌଗୋଳିକ ଅଞ୍ଚଳରେ ଦେଖିବାକୁ ମିଳିଛି। ଯଦିଓ ସାଧାରଣତଃ ଅଧିକ ଗଭୀର କେନ୍ଦ୍ରବିନ୍ଦୁ ଥିବା ଭୂକମ୍ପଗୁଡ଼ିକ ଯୋଗୁଁ ଭୂପୃଷ୍ଠରେ ବ୍ୟାପକ କ୍ଷୟକ୍ଷତି ହେବାର ସମ୍ଭାବନା କମ୍ ଥାଏ। ଭୂକମ୍ପର ଝଟକା ଉତ୍ତର-ପଶ୍ଚିମ ଭାରତର କିଛି ଅଂଶରେ ଅନୁଭୂତ ହୋଇଛି। ଭୂକମ୍ପ ଅନୁଭୂତ ହେବାରୁ ଦିଲ୍ଲୀର କିଛି ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଲୋକେ ନିଜ ନିଜ ଘରୁ ଏବଂ ଅଫିସରୁ ବାହାରକୁ ଦୌଡ଼ି ବାହାରି ଆସିଥିଲେ। ସୂଚନାଯୋଗ୍ୟ, ଦୁଇ ଦିନ ତଳେ ବଳ ଭୂକମ୍ପ ଝଟକାରେ ଦୋହଲି ଯାଇଛି ଭେନେଜୁଏଲା। ମାତ୍ର ୩୯ ସେକେଣ୍ଡ ବ୍ୟବଧାନରେ ଦୁଇ ଦୁଇଟି ବଡ଼ ଭୂକମ୍ପରେ ଛାରଖାର ହୋଇଯାଇଛି ଭେନେଜୁଏଲା। ପ୍ରଥମେ ୭.୨ ଓ ପରେ ୭.୫ ତୀବ୍ରତା ଭୂକମ୍ପ ଝଟକା ଭୟଙ୍କର କ୍ଷୟକ୍ଷତି କରିଛି।

## ପ୍ରଶ୍ନପତ୍ର ଲିକ୍ ପରେ ମହାରାଷ୍ଟ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷା ସ୍ଥଗିତ

ନୂଆଦିଲ୍ଲୀ,୨୭/୬ : ପୁଣି ଥରେ ଦେଶରେ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ଆସିଛି। ଏଥର ମହାରାଷ୍ଟ୍ରରେ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଟିଇଟି) ପ୍ରଶ୍ନପତ୍ର ଲିକ୍ ହୋଇଥିବା ଜଣାପଡ଼ିବା ପରେ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଟିଇଟି ପରୀକ୍ଷା ରବିବାର (ଜୁନ୍ ୨୮ ତାରିଖରେ) ଅନୁଷ୍ଠିତ ହେବାକୁ ଥିଲା। ତେବେ ପରୀକ୍ଷାର ୨୪ ଘଣ୍ଟା ପୂର୍ବରୁ ଥାଣେରୁ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ, ପୁଲିସକୁ ପ୍ରଶ୍ନପତ୍ର ଲିକ୍ ସମ୍ପର୍କରେ ସୂଚନା ମିଳିବା ପରେ ଥାଣେର ଭିୱାଣ୍ଡିରେ ଏକ ଅପରେସନ ପରେ ପ୍ରଶ୍ନପତ୍ର ଜବତ କରାଯାଇଛି। ଏହି ମାମଲାରେ କିଛି ଲୋକଙ୍କୁ ଗିରଫ କରାଯାଇଛି। କିନ୍ତୁ ସେମାନଙ୍କ ପରିଚୟ ପ୍ରକାଶ କରାଯାଇନାହିଁ। ଶନିବାର ଜାରି ହୋଇଥିବା ଏକ ଆଧିକାରିକ ବିବୃତିରେ ମହାରାଷ୍ଟ୍ର ରାଜ୍ୟ ପରୀକ୍ଷା ପରିଷଦ କହିଛି ଯେ, ରାଜ୍ୟର ୧୦୨୮ଟି କେନ୍ଦ୍ରରେ ଜୁନ୍ ୨୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଟିଇଟି ୨୦୨୬ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ସମ୍ପର୍କରେ ଜଣାପଡ଼ିବା ପରେ ଏହାକୁ ସ୍ଥଗିତ ରଖାଯାଇଛି। ପରିଷଦ ଅନୁଯାୟୀ ଶନିବାର ପ୍ରତ୍ୟୁଷରେ ଗୋପନୀୟ ସୂଚନା ଉପରେ କାର୍ଯ୍ୟ କରି ଭିୱାଣ୍ଡି ପୁଲିସ ଏକ ସ୍ଥାନରେ ଚଢାଉ କରିଥିଲା ଯେଉଁଠାରେ କିଛି ବ୍ୟକ୍ତିଙ୍କଠାରୁ ସିଲ୍ ହୋଇଥିବା ପ୍ରଶ୍ନପତ୍ରର ପୃଷ୍ଠାଗୁଡ଼ିକ ମିଳିଥିଲା। ପରୀକ୍ଷା ପରିଷଦ ପରେ ସ୍ପଷ୍ଟ କରିଥିଲା ଯେ, ଜବତ ହୋଇଥିବା କାଗଜ ପ୍ରଶ୍ନପତ୍ରରେ ରହିଥିବା ପ୍ରଶ୍ନ ସହିତ ସମାନତା ରହିଛି। ଫଳରେ ପରୀକ୍ଷାର ସ୍ୱଚ୍ଛତାକୁ ନେଇ ଚିନ୍ତା ପ୍ରକାଶ ପାଇଥିଲା। ତଦନ୍ତ ସମାପ୍ତ ହେବା ଓ ପରିସ୍ଥିତିର ପୂର୍ଣ୍ଣ ମୂଲ୍ୟାୟନ ହେବା ପରେ ନୂତନ ପରୀକ୍ଷା ତାରିଖ ଘୋଷଣା କରାଯିବ। ରାଜ୍ୟ ଶିକ୍ଷା ବିଭାଗ ଖୁବ୍‌ଶୀଘ୍ର ଏହି ଘଟଣାର ସବିଶେଷ ତଥ୍ୟ ପ୍ରଦାନ କରି ପ୍ରେସ୍ ନୋଟ ଜାରି କରିବ। ସରକାରଙ୍କ ନିଷ୍ପତ୍ତି ହେବା ପରେ ପରୀକ୍ଷା ସମ୍ପର୍କିତ ସଂଶୋଧିତ କାର୍ଯ୍ୟକ୍ରମ ଘୋଷଣା କରାଯିବା ବୋଲି ଆଶା କରାଯାଉଛି। ପ୍ରଶ୍ନପତ୍ର କେମିତି ଲିକ୍ ହେଲା ଓ ଏହି ରାକେଟରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି ପୁଲିସ ସେସବୁର ତଦନ୍ତ କରୁଛି। ସମଗ୍ର ରାଜ୍ୟରେ ପାଖାପାଖି ୪ ଲକ୍ଷ ୨୮ ହଜାର ପ୍ରାର୍ଥୀ ପରୀକ୍ଷା ଦେବାପାଇଁ ପଞ୍ଜୀକରଣ କରିଥିଲେ। ଏମାନଙ୍କ ମଧ୍ୟରେ ୨ ଲକ୍ଷ ୨୬ ହଜାର ୨୬୩ ଏପରି ପରୀକ୍ଷାର୍ଥୀ ଥିଲେ, ଯେଉଁମାନେ ପୂର୍ବରୁ ଶିକ୍ଷକ ଚାକିରି କରୁଛନ୍ତି। ସେମାନେ ଶିକ୍ଷକ ଯୋଗ୍ୟତା ସାର୍ଟିଫକେଟ ପାଇବା ପାଇଁ ପରୀକ୍ଷା ଦେଉଥିଲେ। ତେବେ ପ୍ରଶ୍ନପତ୍ର ଲିକ୍ ହେବା ପରେ ଅନେକ ପ୍ରାର୍ଥୀଙ୍କ ଜୀବନ ଅନ୍ଧକାରକୁ ଠେଲି ହୋଇଯାଇଛ। ଏହାପୂର୍ବରୁ ୨୦୨୫ରେ ମଧ୍ୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା ମଧ୍ୟ ଲିକ୍ ହୋଇଥିଲା।

## ଚନ୍ଦ୍ରିକା ମୃତ୍ୟୁ ମାମଲାରେ ବଡ଼ କାର୍ଯ୍ୟାନୁଷ୍ଠାନ: ଓଟିଏଏସ ଅଧିକାରୀ ଭୀମସେନ ଟୁଡ୍ଡୁ ଚାକିରିରୁ ବିଦା



ଭୁବନେଶ୍ୱର, ୨୭/୬ (ନି.ପ୍ର): ବହୁ ଚର୍ଚ୍ଚିତ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ମାମଲାରେ ସରକାର ନେଇଛନ୍ତି ବଡ଼ କାର୍ଯ୍ୟାନୁଷ୍ଠାନ। ତାଙ୍କ ମୃତ୍ୟୁ ମାମଲାରେ ପୁଲିସ୍ ପ୍ରେମିକ ତଥା ନୂଆ କରି ନିଯୁକ୍ତି ପାଇଥିବା ଓଟିଏଏସ ଅଧିକାରୀ ଭୀମସେନ ଟୁଡୁଙ୍କୁ ଗିରଫ କରିଥିଲା।

◆◆ପୃଷ୍ଠା ୭

## ସମୃଦ୍ଧ ଓଡ଼ିଶାରେ ଆମର ମା’ ମାନେ ବିକାଶର ନେତୃତ୍ୱ ନେବେ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୭/୬ (ନି.ପ୍ର): ମହିଳାମାନଙ୍କୁ ଉଦ୍ୟୋଗ କ୍ଷେତ୍ରରେ ପ୍ରୋତ୍ସାହିତ କରିବା ପାଇଁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଓଡ଼ିଶା ରାଜ୍ୟ ମହିଳା ଉଦ୍ୟମିତା ପ୍ଲାଟଫର୍ମର ଶୁଭାରମ୍ଭ କରିଛନ୍ତି। ନୀତି ଆୟୋଗର ସହାୟତାରେ ଆରମ୍ଭ ହୋଇଥିବା ଏହି ପ୍ଲାଟ୍‌ଫର୍ମ’ କେବଳ ଏକ ଅନୁଷ୍ଠାନ ନୁହେଁ, ବରଂ ଓଡ଼ିଶାର ବିକାଶ ଯାତ୍ରାରେ ମହିଳାମାନଙ୍କ ଅର୍ଥନୈତିକ ନେତୃତ୍ୱର ଏକ ମହା-ଅଭିଯାନ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଆୟୋଜିତ ‘ଉଦ୍ୟମୀ ଓଡ଼ିଶା ଗଝଗର କାର୍ଯ୍ୟକ୍ରମ’ ତଥା ଅନ୍ତର୍ଜାତୀୟ ଗଝଗର ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ସେ କହିଛନ୍ତି ଯେ ଆମର ଲକ୍ଷ୍ୟ ହେଉଛି ଆମେ ଏମିତି ଏକ ଓଡ଼ିଶା ଗଠନ କରିବୁ, ଯେଉଁଠାରେ ମହିଳାମାନେ ଚାକିରି ଖୋଜିବେ ନାହିଁ, ବରଂ ଚାକିରି ସୃଷ୍ଟି କରିବେ, ବିଭିନ୍ନ ଉତ୍ପାଦର କେବଳ ଉପଭୋକ୍ତା ହେବେ ନାହିଁ, ବରଂ ଉତ୍ପାଦକୁ ନିଜେ ସୃଷ୍ଟି କରିବେ, ସେମାନେ ବିକାଶର କେବଳ ଅଂଶୀଦାର ହେବେ ନାହିଁ, ବରଂ ବିକାଶର ନେତୃତ୍ୱ ନେବେ’ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଡରଚର ଏକ ବର୍ଷର ଆକ୍ସନ ପ୍ଲାନ୍‌ର ମଧ୍ୟ ଶୁଭାରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ ରାଜ୍ୟର ମହିଳା ସଶକ୍ତୀକରଣ କ୍ଷେତ୍ରରେ ‘ସୁଭଦ୍ରା ଯୋଜନା’ର ସଫଳତା ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ, ଆଜି ଏକ କୋଟିରୁ ଅଧିକ ମହିଳା ଏହି ଯୋଜନାରେ ସଶକ୍ତ ହୋଇ ସ୍ୱାବଲମ୍ବନ ପଥରେ ଅଗ୍ରସର ହେଉଛନ୍ତି।

◆◆ପୃଷ୍ଠା ୭

## ଜଙ୍ଗଲରୁ ଚାରି ମାସର ଶିଶୁପୁତ୍ର ଉଦ୍ଧାର: ଚାଇଲ୍ଡ ହେଲ୍ପଲାଇନ୍‌କୁ ହସ୍ତାନ୍ତର

ଭୁବନେଶ୍ୱର, ୨୭/୬ (ନି.ପ୍ର): ଗଞ୍ଜାମ ଜିଲ୍ଲା ଚିକିଟି ଅଂଚଳର କେ. ନୂଆଗାଁ ଥାନା ଅଧୀନ କେ. ନୂଆଗାଁ ଗ୍ରାମସ୍ଥିତ ରନତ୍ୱେରୀ ମନ୍ଦିର ନିକଟ ଜଙ୍ଗଲରୁ ଏକ ଚାରି ମାସର ଶିଶୁପୁତ୍ରକୁ ଉଦ୍ଧାର କରାଯାଇଛି। କେହି ଦୁର୍ବୃତ୍ତ ଶିଶୁଟିକୁ ସେଠାରେ ପରିତ୍ୟାଗ କରି ପଳାଇଯାଇଥିବା ସନ୍ଦେହ କରାଯାଉଛି। ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟା ପ୍ରାୟ ୮ଟା ସମୟରେ ହାତିବାଡ଼ି ଗ୍ରାମର ଜଣେ ଶ୍ରମିକ କାମ ସାରି ଘରକୁ ଫେରୁଥିବା ବେଳେ ଜଙ୍ଗଲ ମଧ୍ୟରୁ ଶିଶୁର କାନ୍ଦ ଶୁଣିଥିଲେ।

## ସ୍ନାନଯାତ୍ରା ପାଇଁ ପୁରୀରେ କଡ଼ାକଡ଼ି ସୁରକ୍ଷା ବ୍ୟବସ୍ଥା: ୭୯ ପ୍ଲାଟୁନ୍ ଫୋର୍ସ ମୁତୟନ

ଭୁବନେଶ୍ୱର /ପୁରୀ, ୨୭ ଜୁନ (ହି.ସ.)। ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ସ୍ନାନଯାତ୍ରାକୁ ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ପୁରୀରେ ବ୍ୟାପକ ସୁରକ୍ଷା ଓ ଟ୍ରାଫିକ୍ ବ୍ୟବସ୍ଥା କରାଯାଇଛି। ଏନେଇ ପୁରୀ ଏସ୍‌ପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଭକ୍ତଙ୍କ ସୁରକ୍ଷା ଓ ଭିଡ଼ ନିୟନ୍ତ୍ରଣକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଛି। ଏଥିପାଇଁ ୭୯ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯିବ।


B.I.T. POLYTECHNIC, BALASORE

(A Sister Concern of Samalpur ITI, Balasore)

DIPLOMA ENGG COURSES

- Mechanical Engineering
- Electrical Engineering
- Civil Engineering
- E. & T. C. Engineering
- Comp. Sc. & Engineering

ITI TRADE

● Electrician ● Fitter ● Welder ● R & AC

Walk-In-Interview on Dated : 08-06-2026 (Monday)

| FACULTY RECRUITMENT | Lecture in all above Branches | Lab Technician in all above Branches | Clerk & Hostel Superintendent |
|---|---|---|---|

Place of Interview : IET Samalpur, Balasore

Contact : 9861947995, 8270317712

E-mail : bit_balasore@rediffmail.com


## ସୁଜାତାଙ୍କ ମିଶ୍ରଣ ପରେ ଶଙ୍ଖଭବନରେ ଗହଳି: ହେଲେ ଦେଖା ମିଳୁନାହାଁନ୍ତି ବରିଷ୍ଠ



ଭୁବନେଶ୍ୱର, ୨୭/୬ (ନି.ପ୍ର): କେହି କିଛି ବୁଝିବା ଆଉ ଜାଣିବା ଆଗରୁ ଦଳର ନେତା, କର୍ମୀଙ୍କ ଉପରେ ନିଷ୍ପତ୍ତି ଲଦି ଦେଇଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ୨୪ ନିର୍ବାଚନ ପୂର୍ବରୁ କାର୍ତ୍ତିକେୟନ ପାଣ୍ଡିଆନ ଆଉ ଏବେ ସୁଜାତା ହିଁ ଦଳରେ ସବୁକିଛି, ଏକଥା ଆଉ ଅଛପା ନାହିଁ। ବିଜେଡିର ନୂଆପିଢ଼ିର ନେତା ସୁଜାତାଙ୍କୁ ଗ୍ରହଣ କଲେଣି, ହେଲେ ବିଜୁ ଏବଂ ନବୀନଙ୍କ ସହ ରାଜନୀତି ଆରମ୍ଭ କରିଥିବା ନେତା ଏବେ ଦ୍ୱନ୍ଦ୍ୱରେ। ସମର୍ଥନ ଦେବେ ନା ବିରୋଧ କରିବେ ? ସୁଜାତା ଦଳରେ ସାମିଲ ହେଲେ, ନବୀନ କହିଲେ ସେ ସାଧାରଣ କର୍ମୀ ଭାବେ ଦଳରେ ରହି କାମ କରିବେ। ଦୁଇ ଦିନ ହେଲା ଶଙ୍ଖ ଭବନରେ ସୁଜାତାଙ୍କୁ ସ୍ୱାଗତ ପାଇଁ ଲାଗୁଛି ଲମ୍ଫାଧାଡ଼ି। ହେଲେ ଦୁଇ ଦିନର ଏହି ହୋହଲ୍ଲା ମଧ୍ୟରେ ସାମ୍ନାକୁ ଆସୁନି ବରିଷ୍ଠଙ୍କ ଚେହେରା। ପ୍ରସନ୍ନ ଆଚାର୍ଯ୍ୟ, ଏୟୁ ସିଂଦେଓ, ବଦ୍ରି ପାତ୍ର, ରାଜା ସ୍ୱାଇଁ, ଶଶୀ ବେହେରାଙ୍କ ଭଳି ଭେଟେରାନ୍ ନେତା ସୁଜାତାଙ୍କ କାର୍ଯ୍ୟକ୍ରମକୁ ଆସୁନାହାଁନ୍ତି। ଏହି ଚର୍ଚ୍ଚା ଭିତରେ ଆଜି ଏକାଠି ହୋଇଛନ୍ତି ପ୍ରସନ୍ନ ଆଚାର୍ଯ୍ୟ ଓ ଭୂପିନ୍ଦର ସିଂ। ୨୦୨୪ ସାଧାରଣ ନିର୍ବାଚନରେ ପରାଜୟ ପଛରେ ପାଣ୍ଡିଆନ୍ ? ଫ୍ୟାକ୍ଟରକୁ ଦାୟୀ କରିଥିଲେ ବରିଷ୍ଠ ନେତା, ଏବଂ ବିଭିନ୍ନ ସ୍ଥାନରେ ମେଳି କରି ଖୋଲାଖୋଲି ବର୍ଷୁଥିଲେ।

◆◆ପୃଷ୍ଠା ୭

## ପୂର୍ବତନ ଶିକ୍ଷକ ସ୍ୱର୍ଗତ ଦୀନବନ୍ଧୁ ମହାପାତ୍ରଙ୍କର ସ୍ମୃତି ସଭା ଅନୁଷ୍ଠିତ



ବାଲେଶ୍ୱର, ୨୭/୬ (ନି.ପ୍ର): ଆଜି ରୁପ୍‌ସା ସ୍ଥିତ ମହାପାତ୍ର ହାଇସ୍କୁଲ ପରିସରର ପୂର୍ବତନ ଶିକ୍ଷକ ସ୍ୱର୍ଗତ ଦୀନବନ୍ଧୁ ମହାପାତ୍ରଙ୍କର ପୁରାତନ ଛାତ୍ରମାନଙ୍କ ତରଫରୁ ଏକ ସ୍ମୃତି ସଭା ଆୟୋଜନ କରାଯାଇଥିଲା । ସ୍ୱର୍ଗତ ଶିକ୍ଷକ ଦୀନବନ୍ଧୁ ମହାପାତ୍ର ରୁପ୍‌ସା ମହାପାତ୍ର ହାଇସ୍କୁଲରେ ୧୯୬୭-୨୦୦୨ ପର୍ଯ୍ୟନ୍ତ ସ୍କୁଲରେ ଶିକ୍ଷକତା କରୁଥିଲେ । ସୋର ଅନନ୍ତପୁର ନିବାସୀ ସ୍ୱର୍ଗତ ମହାପାତ୍ର ରୁପ୍‌ସା ମହାପାତ୍ର ହାଇସ୍କୁଲରେ ତଥା ସେ ଅଞ୍ଚଳରେ ସମସ୍ତଙ୍କର ଖୁବ୍ ପ୍ରିୟ ଥିଲେ ଆଉ ଜଣେ ଛାତ୍ର ବତ୍ସଳ ଶିକ୍ଷକ ହିସାବରେ ତାଙ୍କର ସୁନାମ ଯଥେଷ୍ଟ ଥିଲା । ଗତ ଗୁରୁବାର ଦିନ ସକାଳ ୯.୩୦ରେ ଜ୍ୟୋତି ହସ୍‌ପିଟାଲରେ ତାଙ୍କର ଦେହାନ୍ତ ଘଟିଥିଲା । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଏକମାତ୍ର ପୁତ୍ର ତାଙ୍କ ପାଖରେ ଉପସ୍ଥିତ ଥିଲେ । ତାଙ୍କୁ ୮୨ବର୍ଷ ବୟସ ହୋଇଥିଲା । ତାଙ୍କର ମୃତ୍ୟୁ ଖବର ପାଇ ସମଗ୍ର ରୁପ୍‌ସା ଅଞ୍ଚଳ ଦୁଃଖରେ ମ୍ରିୟମାଣ ହୋଇପଡ଼ିଥିଲା । ପୁରାତନ ଛାତ୍ର ସଂସଦ ତରଫରୁ ସର୍ବଶ୍ରୀ ବରଦାପ୍ରସନ୍ନ ପଟ୍ଟନାୟକ, ସୃଷ୍ଟିଧର ପରିଡ଼ା, ସୁଧାକର ଗିରି, ଭିକାରୀ ମିସ୍ତ୍ରୀ, ଜଗଦୀଶ ଚନ୍ଦ୍ର ପଟ୍ଟନାୟକ, ଅକ୍ଷୟ ବେହେରା, ନିତ୍ୟାନନ୍ଦ ପଟ୍ଟନାୟକ, ଲକ୍ଷ୍ମୀଧର ବେହେରା, ଅନନ୍ତ କୁମାର ସାହୁ, ଜୟକୃଷ୍ଣ ଗିରି, ମଦନ ଜେନା, ମୃତ୍ୟୁଞ୍ଜୟ ବେହେରା, ରାମଚନ୍ଦ୍ର ବେହେରା, କାହ୍ନୁ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ଗିରି, ଜ୍ୟୋତ୍ସ୍ନାରାଣୀ ବେହେରା, ସାବିତ୍ରୀ ରାଣୀ ମାଇତି, ନିରଞ୍ଜନ ବାରିକ, ପର୍ଶୁରାମ ବେହେରା ଓ ପ୍ରସନ୍ନ ଗିରି ପ୍ରମୁଖ ବହୁ ପୁରାତନ ଛାତ୍ର ସ୍ୱର୍ଗତ ଶିକ୍ଷକ ଦୀନବନ୍ଧୁ ମହାପାତ୍ର ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ଭୁବନେଶ୍ୱରରେ ଜଣେ ବଙ୍ଗୀୟ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୭/୬ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଜଣେ ବଙ୍ଗୀୟ ମହିଳାଙ୍କୁ ଦୁଷ୍କର୍ମ କରିବାକୁ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ତାଙ୍କ ନାଁ ଜୟନ୍ତ କୁମାର ନାୟକ। ତାଙ୍କ ଘର ବାଲେଶ୍ୱର ଜିଲ୍ଲା ସୋର ଥାନା ଅନ୍ତର୍ଗତ ଶିରପୁରରେ। ବଙ୍ଗୀୟ ମହିଳାଙ୍କ ଘର କୋଲକାତାର ଗିରିଶ ପାର୍କ ଅଞ୍ଚଳରେ। ସେ ୪ ମାସ ହେବ ତାଙ୍କ ସ୍ୱାମୀଙ୍କ ସହ ଭରତପୁର ଜିଏ କଲୋନୀର ଏକ ହୋଟେଲରେ ରହୁଥିଲେ। ସ୍ୱାମୀ ବାହାରକୁ ଯାଇଥିବା ବେଳେ ପୀଡ଼ିତାଙ୍କ ବିଶ୍ୱାସ ଜନ୍ମାଇ ରୁମ୍ ଭିତରେ ପଶିଥିଲେ ଅଭିଯୁକ୍ତ।

◆◆ପୃଷ୍ଠା ୭

# ବାସୁଦେବପୁର କଳା ସଂସ୍କୃତି ମହାସଂଘର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ



ବାସୁଦେବପୁର, ୨୭/୬ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ବାସୁଦେବପୁର କଳା ସଂସ୍କୃତି ମହାସଂଘର ପ୍ରଥମ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ପ୍ରଥମ ଅଧିବେଶନରେ ସଭାପତିତ୍ୱ କରିଥିଲେ ମହାସଂଘର ସଭାପତି କରୁଣାକର ମଲ୍ଲିକ। ଏହି ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ। ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ଲୋକ କଳା ଗୁରୁ ସୁବାସ ଚନ୍ଦ୍ର ମଲ୍ଲିକ ଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ କଳା ସଂସ୍କୃତି ମହାସଂଘର ଉପ ସଭାପତି ଅଭୟ କୁମାର ସାମଲ, କୋଷାଧ୍ୟକ୍ଷ ତଥା ବରିଷ୍ଠ ଯାତ୍ରା କଳାକାର ଅମରେନ୍ଦ୍ର ପଣ୍ଡା। ଦ୍ୱିତୀୟ ଅଧିବେଶନରେ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ଭଦ୍ରକର ଲୋକପ୍ରିୟ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟ। ବାସୁଦେବପୁର ତହସିଲଦାର ପ୍ରିୟବ୍ରତ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ସମସ୍ତ ଅତିଥି କଳା ସାହିତ୍ୟ ସଂସ୍କୃତିର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ମଦନ କୁମାର ପାଢୀଙ୍କ ଉପନ୍ୟାସ ପୁସ୍ତକ ଅସ୍ତ ଅନ୍ଧାର ଅତିଥି ବନ୍ଧୁ ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇ ଥିଲା। ଏହି ପୁସ୍ତକ କୁ ସମସ୍ତ ଅତିଥି ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ବିଭିନ୍ନ କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଅଲେଖ ମନୋରଞ୍ଜନ ଏକାଡେମୀର କଳାକାର ମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଉତ୍ସବରେ ମୟୂରଭଞ୍ଜ, ଉଦଳା, ଖୁଣ୍ଟା, ବାଲେଶ୍ୱର,ଭଦ୍ରକ ତଥା ସ୍ଥାନୀୟ କଳାକାର ମାନଙ୍କ ନୃତ୍ୟ ଓ ସଙ୍ଗୀତରେ ସମସ୍ତେ ମନ୍ତ୍ର ମୁଗ୍ଧ ହୋଇଥିଲେ।

# ଏମ୍.ଟି.ଆଇ.ର 'ଜ୍ଞାନ ଉତ୍ସବ'ରେ ସେଲ୍‌ର 'ଲର୍ଣ୍ଣିଂ ଆଣ୍ଡ ଡେଭେଲପମେଣ୍ଟରେ ସର୍ବୋତ୍ତମ ଶୈଳୀ' ପାଇଁ ରାଉରକେଲା ଇସ୍ପାତ କାରଖାନାକୁ ପ୍ରଥମ ସ୍ଥାନ

ରାଉରକେଲା, ୨୭/୬ (ନି.ପ୍ର): ସେଲ୍‌ର ସର୍ବୋଚ୍ଚ ଶିକ୍ଷା ଓ ବିକାଶ ପ୍ରତିଷ୍ଠାନ, ମ୍ୟାନେଜମେଣ୍ଟ ଟ୍ରେନିଂ ଇନଷ୍ଟିଚ୍ୟୁଟ୍ ଦ୍ୱାରା ଆୟୋଜିତ 'ଜ୍ଞାନ ଉତ୍ସବ: ଏଲ ଆଣ୍ଡ ଡି କନକ୍ଲେଭ୍ ୨.୦'ରେ ସେଲ୍, ରାଉରକେଲା ଇସ୍ପାତ କାରଖାନା ଏକ ପ୍ରମୁଖ ସଫଳତା ହାସଲକାରୀ ଭାବେ ଉଭା ହୋଇଛି। ଏହି କାର୍ଯ୍ୟକ୍ରମଟି ୨୩ ଜୁନ୍‌ରୁ ୨୫ ଜୁନ୍ ୨୦୨୬ ପର୍ଯ୍ୟନ୍ତ ରାଞ୍ଚିଠାରେ ଆୟୋଜିତ ହୋଇଥିଲା। 'ମିଶନ କର୍ମଯୋଗୀ' ଅଧୀନରେ ଭାରତ ସରକାରଙ୍କ କ୍ୟାପାସିଟି ବିଲଡିଂ କମିଶନ ର ସଦସ୍ୟ (ପ୍ରଶାସନ) ଡକ୍ଟର ଅଲକା ମିତ୍ତଲ ଉଦ୍‌ଘାଟନୀ ଅଧିବେଶନକୁ ମଣ୍ଡିତ କରିଥିବାବେଳେ, ସେଲ୍‌ର ନିର୍ଦ୍ଦେଶକ (କାର୍ମିକ) ଶ୍ରୀ କେ. କେ. ସିଂ ୨୩ ଜୁନ୍ ୨୦୨୬ ରେ ଅନୁଷ୍ଠିତ ଉଦ୍‌ଯାପନୀ ଅଧିବେଶନର ସଭାପତିତ୍ୱ କରିଥିଲେ। ବୋକାରୋ ଇସ୍ପାତ କାରଖାନାର ଡି.ଆଇ.ସି. ଶ୍ରୀ ପ୍ରିୟରଞ୍ଜନ ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏଚ.ଆର.ଡି) ଶ୍ରୀ ସଞ୍ଜୟ ଧରଙ୍କ ଉପସ୍ଥିତିରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଆର.ଏସ.ପି. ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ 'ସେଲ୍ ?ରେ ଲର୍ଣ୍ଣିଂ ଆଣ୍ଡ ଡେଭେଲପମେଣ୍ଟରେ ସର୍ବୋତ୍ତମ ଶୈଳୀ' ବର୍ଗରେ ପ୍ରଥମ ସ୍ଥାନ ହାସଲ କରି ଏକ ଉଲ୍ଲେଖନୀୟ ପ୍ରଦର୍ଶନ ରେକର୍ଡ କରିଛି। ଉଦ୍‌ଯାପନୀ ଅଧିବେଶନ ସମୟରେ କାରଖାନା ପକ୍ଷରୁ ମୁଖ୍ୟ ମହାପ୍ରବନ୍ଧକ (ଏଚ.ଆର – ଏଲ ଆଣ୍ଡ ଡି) ଶ୍ରୀ ପ୍ରମୋଦ କୁମାର ସାହୁ ଏହି ପ୍ରତିଷ୍ଠିତ ପୁରସ୍କାର ଗ୍ରହଣ କରିଥିଲେ। ଏହା ସହିତ ଆର.ଏସ.ପି. ବିଭିନ୍ନ ବ୍ୟକ୍ତିଗତ ବର୍ଗରେ ମଧ୍ୟ ପ୍ରଶଂସା ସାଉଁଟିଛି। ସହ ପ୍ରବନ୍ଧକ (ଏଲ ଆଣ୍ଡ ଡି) ଶ୍ରୀ ଆଲୋକ ରଞ୍ଜନ ବେହେରା ଏବଂ ଶ୍ରୀ ଜୟ ଚନ୍ଦ୍ର ପାତ୍ରଙ୍କୁ ଶିକ୍ଷା ଓ ବିକାଶମୂଳକ କାର୍ଯ୍ୟକ୍ରମରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ସ୍ୱୀକୃତି ଦିଆଯାଇଛି। ବରିଷ୍ଠ ପ୍ରବନ୍ଧକ (ନଗର ସେବା) ସୁଶ୍ରୀ ଅନ୍ନପୂର୍ଣ୍ଣା ବେହେରା ଏବଂ ସହ ପ୍ରବନ୍ଧକ (ଆର ଆଣ୍ଡ ସି ଲାବୋରେଟୋରୀ) ସୁଶ୍ରୀ ରାଜଲକ୍ଷ୍ମୀ ଆଚାର୍ଯ୍ୟଙ୍କୁ 'ଆଇ.ଜି.ଓ.ଟି ଲିଡ୍ ଟ୍ରେନର' ଭାବରେ ସେମାନଙ୍କର ମୂଲ୍ୟବାନ ଅବଦାନ ପାଇଁ ସମ୍ମାନିତ କରାଯାଇଛି। ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ 'ଫ୍ୟୁଚର ସ୍କିଲ୍ସ ପ୍ରାଇମ' ବର୍ଗରେ, ବରିଷ୍ଠ ପ୍ରବନ୍ଧକ (ଏନର୍ଜି ମ୍ୟାନେଜମେଣ୍ଟ) ଶ୍ରୀ ହିମାଂଶୁ ମିଶ୍ର ଏବଂ ପ୍ରବନ୍ଧକ (ବି.ଓ.ଏମ /ଓ.ଜି.ଓ.ଏମ / ସି.ଏମ.ଏଲ.ଓ) ଶ୍ରୀ ହରବିନ୍ଦର ସିଂଙ୍କୁ ନିରନ୍ତର ଶିକ୍ଷା ଗ୍ରହଣ ଏବଂ ଦକ୍ଷତା ବୃଦ୍ଧି ପ୍ରତି ସେମାନଙ୍କର ପ୍ରତିବଦ୍ଧତା ପାଇଁ 'ଶୀର୍ଷ ଶିକ୍ଷାର୍ଥୀ' ଭାବରେ ସ୍ୱୀକୃତି ଦିଆଯାଇଛି। ଏହି ସଫଳତାକୁ ଆହୁରି ଆଗକୁ ନେଇ, ବର୍ଷ ୨୦୨୪-୨୫ ପାଇଁ ଲର୍ଣ୍ଣିଂ ଆଣ୍ଡ ଡେଭେଲପମେଣ୍ଟ କ୍ଷେତ୍ରରେ ଟି.ଆର୍.ଏମ୍. ବିଭାଗକୁ ଆର.ଏସ.ପି.ର ସର୍ବୋତ୍ତମ ବିଭାଗ ଭାବେ ବିବେଚିତ କରାଯାଇଛି, ଯାହାର ପୁରସ୍କାର ମହା ପ୍ରବନ୍ଧକ (ଟି.ଆର.ଏମ୍.) ଶ୍ରୀ ମନୋଜ କୁମାର ଗ୍ରହଣ କରିଛନ୍ତି। ସେହିପରି ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଅଗ୍ନିଶମ ସେବା ବିଭାଗ ସମାନ ସ୍ୱୀକୃତି ଲାଭ କରିଛି। ଉପ ପ୍ରବନ୍ଧକ (ଅଗ୍ନିଶମ ସେବା) ଶ୍ରୀ ଶୁଭବ୍ରତ ସାହୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏମ୍.ଟି.ଆଇ.ର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା। ଶିକ୍ଷା ଏବଂ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ନୂତନ ପ୍ରବୃତ୍ତି ଏବଂ ସର୍ବୋତ୍ତମ ଶୈଳୀ ବିଷୟରେ ଆଲୋଚନା କରିବା ପାଇଁ ଏହା ସେଲ୍‌ର ବିଭିନ୍ନ ବିଭାଗରୁ ଶିକ୍ଷା ଓ ବିକାଶ ବିଶେଷଜ୍ଞ, ଚିନ୍ତାଶୀଳ ନେତୃବୃନ୍ଦ ଏବଂ ପ୍ରତିନିଧିମାନଙ୍କୁ ଏକତ୍ରିତ କରିଥିଲା।

# ଲୋକାର୍ପିତ ହେଲା ବର୍ଷା ପବ୍ଲିକେସନ୍ ପ୍ରକାଶିତ କବିତା ପୁସ୍ତକ 'ଲୋହିତ ସ୍ୱପ୍ନ'




ଭୁବନେଶ୍ୱର, ୨୭/୬ (ନି.ପ୍ର): ଓଡ଼ିଶାର ଅଗ୍ରଣୀ ପୁସ୍ତକ ପ୍ରକାଶନ ସଂସ୍ଥା ବର୍ଷା ପବ୍ଲିକେସନ୍ ପକ୍ଷରୁ ଭୁବନେଶ୍ୱରର ରେଡକ୍ରସ୍ ଭବନ ଠାରେ ଲୋକାର୍ପିତ ହୋଇଯାଇଛି ବରିଷ୍ଠ କବି ରମାକାନ୍ତ ଗୋଛାୟତଙ୍କ କବିତା ସଂକଳନ 'ଲୋହିତ ସ୍ୱପ୍ନ' । ଉକ୍ତ ଉତ୍ସବରେ ବିଶିଷ୍ଟ କଥାକାର ଓ କବି ଅଜୟ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କବିତା ସମ୍ପର୍କରେ ବହୁ ତାତ୍ତ୍ୱିକ ବକ୍ତବ୍ୟ ରଖିଥିବା ବେଳେ ମୁଖ୍ୟ ବକ୍ତା ଭାବେ ବରିଷ୍ଠ କବି ଓ ଆଲୋଚକ ଅଶୋକ ମହାନ୍ତି ପୁସ୍ତକ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । କବି କେଦାର ମିଶ୍ର ସଭାପତି ଭାବେ ସଭା ପରିଚାଳନା କରିବା ସହ କବିତାକୁ ନେଇ ନିଜର ବହୁ ମୂଲ୍ୟବାନ ମତ ପ୍ରଦାନ କରିଥିଲେ । କବି ରମାକାନ୍ତ ପୁସ୍ତକଟିର ରଚନା ସମ୍ପର୍କରେ ନିଜର ଲେଖକୀୟ ମତ ବ୍ୟକ୍ତ କରିଥିବା ବେଳେ ସଭାରେ ଉପସ୍ଥିତ ଓଡ଼ିଶାର ପ୍ରତିଷ୍ଠିତ ବହୁ ସାହିତ୍ୟିକ-ଲେଖକ ଓ ବୁଦ୍ଧିଜୀବୀମାନଙ୍କୁ କବି ଓ ପ୍ରକାଶକ ବାଦଲ ମହାନ୍ତି ସେମାନଙ୍କ ଉପସ୍ଥିତି ପାଇଁ ଧନ୍ୟବାଦ ଓ କୃତଜ୍ଞତା ପ୍ରଦାନ କରିଥିଲେ ।

# ଭାଇଚାରାର ପର୍ବ ମହରମ: ଜଳେଶ୍ୱର ସହରରେ ମହା ଆଡ଼ମ୍ବରରେ ଚାରିଟି ତାଜିଆର ଶୋଭାଯାତ୍ରା



ଜଳେଶ୍ୱର, ୨୭/୬ (ନି.ପ୍ର): ସାରା ରାଜ୍ୟରେ ପବିତ୍ର ତ୍ୟାଗ ଓ ଭାଇଚାରାର ପର୍ବ ମହରମ୍ ଅବସରରେ ଉତ୍ସବମୁଖର ପରିବେଶ ଦେଖିବାକୁ ମିଳିଥିବା ବେଳେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ସହରରେ ଏହା ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଶାନ୍ତି,ସଂହତି ଓ ପାରସ୍ପରିକ ସଦଭାବନାର ପ୍ରତୀକ ସ୍ୱରୂପ ଏହି ପର୍ବରେ ହିନ୍ଦୁ ଓ ମୁସଲିମ୍ ସମ୍ପ୍ରଦାୟର ଲୋକମାନେ ଏକାଠି ହୋଇ ଜଳେଶ୍ୱରର ଚିରାଚରିତ ମିଳିତ ସଂସ୍କୃତିର ପରମ୍ପରା ରକ୍ଷା କରିଛନ୍ତି। ହଜରତ ଇମାମ୍ ହୁସେନ୍‌ଙ୍କ ଅସୀମ ତ୍ୟାଗ ଓ ବଳିଦାନକୁ ସ୍ମରଣ କରି ସମସ୍ତ ଶ୍ରଦ୍ଧାଳୁମାନେ ଶୋକାକୁଳ ପରିବେଶରେ ନିଜର ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଜଳେଶ୍ୱର ସହରର ବିଭିନ୍ନ ପ୍ରମୁଖ ଛକ ଦେଇ ପାରମ୍ପରିକ ଚାରିଟି ତାଜିଆ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରା ସମୟରେ ସ୍ଥାନୀୟ ଯୁବକମାନଙ୍କ ଦ୍ୱାରା ପ୍ରଦର୍ଶିତ ପାରମ୍ପରିକ ଲାଠିଖେଳ ଓ ଆକର୍ଷଣୀୟ ସମରକଳା କୌଶଳ ଦେଖଣାହାରୀଙ୍କ ମନ ମୋହିଥିଲା। ଏହି ପାରମ୍ପରିକ ଯୁଦ୍ଧ କଳାର ଚମତ୍କାର ପ୍ରଦର୍ଶନ ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣ ସାଜିଥିଲା। ଶୋଭାଯାତ୍ରା ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ପ୍ରଶାସନ ଓ ଜଳେଶ୍ୱର ଥାନା ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ସହରର ପ୍ରମୁଖ ସ୍ଥାନଗୁଡ଼ିକରେ ପୋଲିସ ମୁତୟନ କରାଯାଇ ସୁରକ୍ଷା ବ୍ୟବସ୍ଥାକୁ ବେଶ୍ କଡ଼ାକଡ଼ି କରାଯାଇଥିବା ଦେଖିବାକୁ ମିଳିଥିଲା।ରାଜପୁର ୧ ତାଜିଆ କମିଟିର ସଭାପତି ଇନ୍ତାଜ ଖାନ, ଖଲିଫା ଶେଖ ସମୀର, ଉପସଭାପତି ଶେଖ ଅବଦୁଲ ମାଜିଦ, ସମ୍ପାଦକ କୌସର ଖାନ ଏବଂ କ୍ୟାସିୟର ମନ୍ତାଜ ଖାନ,ସେହିପରି ଶାସନବାଡ ୧ ନମ୍ବର ତାଜିଆ କମିଟିର ଖଲିଫା ଶେଖ ଅଫସର ଅଲ୍ଲୀ, ଇଦୁଲ ଶାହା, ଇର୍ଷାଦ ଖାଁ,ଶେଖ ଏମାମି, ସାମସେଦ ଖାଁ ସେକବାଡ ତାଜିଆର ଖଲିଫା ମମତାଜ ଖାଁ, ସଭାପତି ଏସ କେ ମଣ୍ଟୀ ବକ୍ସ, ଉପ ସଭାପତି ଇର୍ଷାଦ ଖାଁ, ସଂପାଦକ ମୈ ଇମୁଦ୍ ଖାଁ,କୋଷାଧ୍ୟକ୍ଷ ମିର ଇନ୍ୟୁସ ଅଲ୍ଲୀ ଏବଂ ଝଡେଶ୍ୱରପୁର ର ଖଲିଫା ଶେଖ ଆଝାର ଉଦ୍ଦିନ,ସଭାପତି ଶେଖ ଅକ୍ତାର,ସଂପାଦକ ଶେଖ ଲାଲୁ ପ୍ରମୁଖ କମିଟିର କର୍ମକର୍ତ୍ତାମାନେ ତତ୍ ସହିତ ଅଞ୍ଚଳର ଅନେକ ବିଶିଷ୍ଟ ବ୍ୟକ୍ତି,ସମାଜସେବୀ ଉପସ୍ଥିତ ରହି ଶୋଭାଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିଥିଲେ।ସମସ୍ତଙ୍କ ମିଳିତ ସହଯୋଗ ଜଳେଶ୍ୱରର ସାଂସ୍କୃତିକ ଏକତା ଓ ମିଳିତ ଭାଇଚାରାର ପରମ୍ପରାକୁ ଆହୁରି ସଦୃଢ଼ କରିଛି। ଚଳିତ ବର୍ଷ ମହରମ୍ ଶୋଭାଯାତ୍ରାରେ ଉଭୟ ସଂପ୍ରଦାୟର ସକ୍ରିୟ ଅଂଶଗ୍ରହଣ ଓ ଯୁବକମାନଙ୍କ ଲାଠିଖେଳ ପ୍ରଦର୍ଶନ ସହରବାସୀଙ୍କ ମଧ୍ୟରେ ସଂହତିର ଏକ ବଡ଼ ବାର୍ତ୍ତା ଦେଇଛି। ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ତହସିଲଦାର ସତ୍ୟଜିତ ମହାନ୍ତି, ଏସଡିପିଓ ସୁରେଶ କୁମାର ତ୍ରିପାଠୀ, ଆଇଆଇସି ଅଶୋକ କୁମାର ବାରିକ,ସବ ଇନ୍ସପେକ୍ଟର ଚିରଞ୍ଜିବି ରାଉତ ଙ୍କ ସମେତ ୧୦ ଜଣ ଅଫିସର ଏବଂ ତିନି ପ୍ଲାଟୁନ ପୋଲିସ ମୁତୟନ ହୋଇଥିଲା।

# ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ପୁରାତନ ବିଦ୍ୟାର୍ଥୀ ପରିଷଦ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ



ବାଲେଶ୍ୱର , ୨୭/୬ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ଗେଙ୍ଗୁଟି ଗ୍ରାମପଞ୍ଚାୟତର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟ, ସାଉଁ ପରିସରରେ ବିଦ୍ୟାଳୟର ଏକପଞ୍ଚବିଂଶତମ ପ୍ରତିଷ୍ଠା ଦିବସକୁ ଆଖିଆଗରେ ରଖି ଛାତ୍ର ସଂଗଠନ ପୁରାତନ ବିଦ୍ୟାର୍ଥୀ ପରିଷଦ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ଉଦୀୟମାନ ସାମାଜିକ କର୍ମୀ, ପ୍ରାକ୍ତନ ସରପଞ୍ଚ ବିରୁପାକ୍ଷ୍ୟ ମହାପାତ୍ର ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହିଅବସରରେ ଆୟୋଜିତ ସଭାରେ ପରିଷଦର ସଭାପତି ଜଳଧର ସାମଲ, କବି ପ୍ରଭାକର ସାହୁ, ପରିଷଦର କର୍ମକର୍ତ୍ତା ନବକୁମାର ନାୟକ, , ବିଦ୍ୟାଳୟର ପ୍ରଧାନଶିକ୍ଷକ ଦ୍ରୋଣାଚାର୍ଯ୍ୟ ପଟ୍ଟାୟତ କଥା ରଖିଥିଲେ, ପରିଷଦର ସମ୍ପାଦକ କବି ସୁଧାକର ସେଠୀ ମଞ୍ଚ ପରିଚାଳନା କରିଥିଲେ।ସହ ସମ୍ପାଦକ ସନତ କୁମାର ପରିଡା ମଞ୍ଚ ଆହ୍ୱାନ କରିଥିବା ବେଳେ କାର୍ଯ୍ୟକ୍ରମର ସଂଯୋଜକ ମନ୍ମଥ କୁମାର ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ। ଆୟୋଜିତ ଚିତ୍ରାଙ୍କନ, ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ବିଦ୍ୟାଳୟର ମୋଟ ଷାଠିଏ ରୁ ଉର୍ଦ୍ଧ ପ୍ରତିଯୋଗୀ ଭାଗନେଇଥିବା ବେଳେ ପରିଷଦର ବରିଷ୍ଠ ସଦସ୍ୟ ସଦସ୍ୟା ଅନିଲରଞ୍ଜନ ଜେନା, ବିଶ୍ୱରଂଜନ ସାମଲ , ସବ୍ୟସାଚୀ ପ୍ରଧାନ, ଜୟଶ୍ରୀ ରାଉତ, ଶୁଭ୍ରାଂଶୁ କୁମାର ରାଉତ, ନିହାର ରଞ୍ଜନ ବେହେରା, ପାର୍ଥ ସାରଥୀ ପ୍ରଧାନ,ରାହୁଲ ବାରିକ, ଲକି ସାମଲ,ଦିବ୍ୟାସା ଆଚାର୍ଯ୍ୟ, ପ୍ରିୟବ୍ରତ ଆଚାର୍ଯ୍ୟ, ହିମାଂଶୁ ଶେଖର ପରିଡା, ଶିକ୍ଷୟତ୍ରୀ ଚିନ୍ମୟୀ ପାତ୍ର, ମିହିର କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ଆସନ୍ତା ଜୁଲାଇ ସାତ ତାରିଖରେ ବିଦ୍ୟାଳୟର ଏକାବନ ତମ ପ୍ରତିଷ୍ଠା ଦିବସରେ ବିଜୟୀ ପ୍ରତିଯୋଗୀ ମାନଙ୍କୁ ପରିଷଦ ତରଫରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଟ୍ରଫି ଓ ବିଜୟୀ ପ୍ରମାଣ ପତ୍ର ପ୍ରଦାନ କରାଯିବ ବୋଲି ସମ୍ପାଦକ ଶ୍ରୀ ସେଠୀ ଜଣାଇଛନ୍ତି।

# ବାଲେଶ୍ୱରଠାରେ ନିଖିଳ ଓଡିଶା ବୁଦ୍ଧିଜୀବୀ ମଞ୍ଚ ସ୍ୱାସ୍ଥ୍ୟ ସଚେତନତା ଶିବିର




ବାଲେଶ୍ୱର, ୨୭/୬ (ନି.ପ୍ର): ନିଖିଳ ଓଡିଶା ବୁଦ୍ଧିଜୀବୀ ମଞ୍ଚ ତରଫ ରୁ ରାଣୀପାଟଣା ସ୍ଥିତ 'ଦି ୱେଲଫେୟାର' ଦ୍ୱାରା ପରିଚାଳିତ ଦୃଷ୍ଟିହୀନ ଓ ମାନସିକ ପକ୍ଷାଘାତ ଛାତ୍ର-ଛାତ୍ରୀଙ୍କ ବିଦ୍ୟାଳୟ ପରିସରରେ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠାନର ସଭାପତି ପ୍ରଫେସର ପାର୍ଥ ସାରଥୀ ଅଜୟ ବାରିକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲେଶ୍ୱରର ବରିଷ୍ଠ ଚିକିତ୍ସାବିତ ଡ଼କ୍ଟର ଗୀତ ଗିରି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭ୍ୟ ତଥା ଦୃଷ୍ଟିହୀନ ବିଦ୍ୟାଳୟର ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦିବାକର ସ ଙ୍କ ପ୍ରାକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦୃଷ୍ଟିହୀନ ଛାତ୍ର ବଂଶୀଧର ଦାସ ସର୍ବ ପ୍ରଥମେ ଗୀତା ପଠନ କରିବା ପରେ ମଞ୍ଚସିନା ଅତିଥି ମାନଙ୍କୁ ବିଦ୍ୟାଳୟ ର ଶିକ୍ଷୟତ୍ରୀ ଗୀତାଞ୍ଜଳି ପ୍ରଧାନ ଓ ବାସନ୍ତୀ ସିଂହ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ସହ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ନିଖିଳ ଓଡିଶା ବୁଦ୍ଧିଜୀବୀ ମଞ୍ଚ ର ସଭାପତିଙ୍କ ବ୍ୟତୀତ ଶିକ୍ଷାବିତ ଉପସଭାପତି ଶ୍ରୀ ମଦନ ମହଲ୍ଲା, ସମ୍ପାଦକ ଓଡିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଶ୍ରୀ ଦିଲୀପ କୁମାର ମହାପାତ୍ର ସହ ସମ୍ପାଦକ ବିବେକ କୁମାର ଜେନା, ରମେଶ ଚନ୍ଦ୍ର ଦାସ, ଜିତେନ୍ଦ୍ର ବେହେରା ଯୋଗ ଦେବା ସହିତ ସ୍ୱାସ୍ଥ୍ୟ ସଚେତନତା ଶିବିର ଆୟୋଜନର କାରଣ ଓ ବିଭିନ୍ନ ସ୍ୱାସ୍ଥ୍ୟଗତ ଯତ୍ନ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଡ଼କ୍ଟର ଗୀତା ଗିରି ଛାତ୍ର ଛାତ୍ରୀ ମାନଙ୍କୁ ଦୈନନ୍ଦିନା ଚଳଣି ଉପରେ ସ୍ୱାସ୍ଥ୍ୟ ର ଯତ୍ନ ନେବାରେ ଆଲୋକପାତ କରିବା ସହିତ ବିଭିନ୍ନ ସମୟରେ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ଉପଦେଶ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ନବୀନ ବେହେରା ଓ ଅନ୍ୟାନ୍ୟ ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲା ବେଳେ ଅନୁଷ୍ଠାନ ତରଫର ଶିକ୍ଷକ ଗୌରାଙ୍ଗ ଚରଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପତି ଶ୍ରୀଯୁକ୍ତ ପାର୍ଥ ସାରଥୀ ଅଜୟ ବାରିକ ଙ୍କ ଅନୁରୋଧ କ୍ରମେ ଆସନ୍ତା ବର୍ଷ ଠାରୁ ଫକୀର ମୋହନ ମାଟିରେ ପ୍ରତ୍ୟେକ ବର୍ଷ ଫକୀର ମୋହନ ଙ୍କ ଜୟନ୍ତୀ ପାଳନ ପାଇଁ ସ୍ଥିରୀକୃତ କରାଗଲା। ସର୍ବ ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ମୃଦୁ ପାନୀୟ ଓ କେକ ପ୍ରଦାନ କରାଗଲା ପରେ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା।

# ବରିଷ୍ଠ ଶିକ୍ଷୟିତ୍ରୀ ଦେବଜାନୀ ସେନାପତିଙ୍କୁ ପ୍ରଥମ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି

ଭଦ୍ରକ, ୨୭/୬ (ନି.ପ୍ର): ଭଦ୍ରକ ଜିଲ୍ଲା ତିହିଡି ବିଜ୍ଞାପିତ ଅଂଚଳ ଅଧିନ ତିହିଡି ଗ୍ରାମର ବରିଷ୍ଠ ଶିକ୍ଷୟିତ୍ରୀ ସ୍ୱର୍ଗତା ଦେବଜାନୀ ସେନାପତି (ମୀରା ଦିଦି)ଙ୍କୁ ପ୍ରଥମ ବାର୍ଷିକରେ ଶ୍ରଦ୍ଧାଞ୍ଜଳୀ ଦିଆଯାଇଛି ।ଏହି ଅବସରରେ ଗୁରୁବାର ଅବସରପ୍ରାପ୍ତ ଶିକ୍ଷକ ସଂଘର ସଭାପତି ଶିକ୍ଷାବିତ୍ ସନ୍ୟାସୀ ଚରଣ ବ୍ରହ୍ମଙ୍କ ପୌରୋହିତ୍ୟ ଓ ସମ୍ପାଦକ ହୃଷୀକେଶ ପାଢ଼ୀଙ୍କ ସଂଚାଳନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ପ୍ରଥମେ ସ୍ୱର୍ଗତା ମୀରା ଦିଦିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନ ଓ ନୀରବ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ ପ୍ରବଚିକା ଶିକ୍ଷୟିତ୍ରୀ ବିଶ୍ୱ ମୈତ୍ରୀ ନାୟକ ବେଦପାଠ କରିଥିଲେ ।ସଭାରେ ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ପ୍ରତାପ ଚନ୍ଦ୍ର ଆଚାର୍ଯ୍ୟ, କୁଳମଣୀ ସାହୁ, ନିତ୍ୟାନନ୍ଦ ନାୟକ, ଗୟାଧର ବଳ, କୃତିବାସ ଜେନା, କୃପାସିନ୍ଧୁ ବାରିକ, ମଥୁରା ମୋହନ ବେହେରା, ଜୟକୃଷ୍ଣ ସେଠୀ, ବସନ୍ତ କୁମାର ଦାସ, ପ୍ରଫୁଲ୍ଲ ରାଉତ, ଅକ୍ଷୟ ବ୍ରହ୍ମ, ନରହରି ନାୟକ ଓ ନିତ୍ୟାନନ୍ଦ ମଲ୍ଲିକ, ପୁତୁରା ନୀଳମାଧବ ସେନାପତି ପ୍ରମୁଖ ସ୍ୱର୍ଗତା ମୀରା ଦିଦି ଜଣେ ସରଳ, ନିଷ୍କପଟ, ଛାତ୍ରବତ୍ସଳା, କର୍ତବ୍ୟନିଷ୍ଠ ଓ ଆଦର୍ଶ ଶିକ୍ଷୟିତ୍ରୀ ଭାବେ ପରିଚିତଥିଲେ ବୋଲି କହିଥିଲେ। ଶେଷରେ ସ୍ୱର୍ଗତା ମୀରା ଦିଦିଙ୍କ ସ୍ୱାମୀ, ବିଦ୍ୟୁତ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ବାଇଧର ମହାପାତ୍ର ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

# ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ ଇଂଟର୍ନସିପ୍ କାର୍ଯ୍ୟକ୍ରମର ସମାପନ ସମାରୋହ

ଭଦ୍ରକ, ୨୭/୬ (ନି.ପ୍ର): ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ୩୦ ଦିନାତ୍ମକ ଇଂଟର୍ନସିପ୍ କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମକୁ କୋରାପୁଟ କେନ୍ଦ୍ରିୟ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଡ଼ଃ ନରସିଂହ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଏନ୍‌ଇପି-୨୦୨୦ର ଦକ୍ଷତା ବିକାଶ ଶିକ୍ଷା ଓ ପ୍ରାଚ୍ୟ ବିଦ୍ୟା ଅନ୍ତର୍ଦେଶୀୟ ଶିକ୍ଷା ଏବଂ ସଂସ୍କୃତ ଶିକ୍ଷାର ପ୍ରଚାର ପ୍ରସାର ଦିଗରେ ଆଲୋକପାତ କରିଥିବା ବେଳେ ମୁଖ୍ୟବକ୍ତା ଅକ୍ଷୟ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଶ୍ରୀମତୀ ପଣ୍ଡା, ମଞ୍ଜୁଲତା ମହାପାତ୍ର ଓ ପ୍ରଭାତୀ ନାୟକ ପ୍ରମୁଖ ଯୋଗଦେଇ ସଂସ୍କୃତ ଶିକ୍ଷାର ମାନବିକ ମୂଲ୍ୟବୋଧ ତଥା ସମାଜ ଉପରେ ପ୍ରତିଫଳନ ସଂପର୍କରେ ଆଲୋକପାତ କରିଥିଲେ । ଲୋକଭାଷା ପ୍ରଚାର ସମିତି ଆନୁକୂଲ୍ୟରେ ଚାଲିଥିବା ପ୍ରଶିକ୍ଷଣ ଶିବିରର ଅନୁଭୂତି ସମ୍ବନ୍ଧରେ ଛାତ୍ରଛାତ୍ରୀମାନେ ନିଜର ବକ୍ତବ୍ୟ ରଖିଥିଲେ । ମୁଖ୍ୟ ଅତିଥି ଚତୁର୍ଥ ସେମିଷ୍ଟାର ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଶୁକଦେବ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ସଭାରେ ମଧୁସୂଦନ ତ୍ରିପାଠୀ ଓ ଗୌରାଙ୍ଗ ଦାସ ସଭା ସଂଚାଳନ କରିଥିଲେ ।

# ସାପ କାମୁଡ଼ାରେ ନାବାଳିକାର ମୃତ୍ୟୁ

ଜୟପୁର, ୨୭/୬ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ବାଙ୍ଗବିଜାରେ ସାପ ଚୋଟରେ ନାବାଳିକାର ମୃତ୍ୟୁ ହୋଇଛି। ମୃତ ନାବାଳାକା ଜଣକ ମାମାଲି ପରାଜ(୬)। ସୂଚନା ଅନୁଯାଇ ବାଙ୍ଗବିଜାରେ ଘର ପଛପଟେ ନାବାଳିକା ଖେଳୁଥିବାବେଳେ ବିଷାକ୍ତ ସାପ ଚୋଟ ଦେଇଥିଲା। ଫଳରେ ନାବାଳିକା ଗୁରୁତର ହୋଇପଡ଼ିଥିଲେ। ଗୁରୁତର ଅବସ୍ଥାରେ ନାବାଳିକାକୁ ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଜୟପୁର ସଦର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତିକରି ପୋଲିସ ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୮ ଜୁନ୍ ୨୦୨୬
email : rabibarachayan2015@gmail.com

# ରବିବାର ଚୟନ

ପୃଷ୍ଠା ୩

......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର




## ବୁଦ୍ଧ କାହାଣୀ

ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ **'ବୁଦ୍ଧ କାହାଣୀ'** ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**



### ୩୮ ଖେମା (ବୁଦ୍ଧଙ୍କ ପ୍ରଥମ ମୁଖ୍ୟ ଶିଷ୍ୟା ହୋଇଥିବା ସୁନ୍ଦରୀ ରାଣୀ)

ଯେପରି ବୁଦ୍ଧ ଭିକ୍ଷୁସଂଘ ନିମନ୍ତେ ପୂଜ୍ୟ ସାରୀପୁତ୍ତ ଓ ପୂଜ୍ୟ ମୋଗାଲ୍ଲାନା ନାମକ ଦୁଇଜଣ ପ୍ରମୁଖ ଶିଷ୍ୟଙ୍କୁ ନିଯୁକ୍ତି ଦେଇଥିଲେ; ସେହିପରି ସେ ଭିକ୍ଷୁଣୀସଂଘ ନିମନ୍ତେ ପୂଜ୍ୟା ଖେମା ଓ ପୂଜ୍ୟା ଉପ୍ପଲାବନ୍ନା ନାମକ ଦୁଇଜଣ ପ୍ରମୁଖ ଶିଷ୍ୟାଙ୍କୁ ନିଯୁକ୍ତ କରିଥିଲେ।

ଖେମା ରାଜା ବିମ୍ବିସାରଙ୍କ ସୁନ୍ଦରୀ ରାଣୀମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ। ଖେମାଙ୍କ ଧର୍ମ ପରିବର୍ତ୍ତନ ଏପରି ଏକ ବିରଳ ଘଟଣା ମଧ୍ୟରୁ ଗୋଟିଏ ଥିଲା, ଯେଉଁଠି ବୁଦ୍ଧ ତାଙ୍କର ମାନସିକ ଶକ୍ତି ବ୍ୟବହାର କରି ଅନ୍ୟ ଜଣଙ୍କ ହୃଦୟରେ ପରିବର୍ତ୍ତନ ଆଣିଥିଲେ। ବୁଦ୍ଧ କେବେବି ଅନ୍ୟଜଣଙ୍କ ଭାବନାକୁ ନିୟନ୍ତ୍ରଣ କରିବା ପାଇଁ ତାଙ୍କର ଶକ୍ତି ପ୍ରୟୋଗ କରିନଥିଲେ, ବରଂ କେବଳ ଉପଲବ୍ଧି ସୃଷ୍ଟି କରିବା ଓ ଜ୍ଞାନ ଉତ୍ପନ୍ନ କରିବା ପାଇଁ କରିଥିଲେ।

ମଧ୍ୟରାତ୍ରରେ ଏକ ନିଶ୍ଚଳ ହ୍ରଦରେ ପ୍ରତିବିମ୍ବିତ ପୂର୍ଣ୍ଣଚନ୍ଦ୍ର ପରି ଖେମା ସୁନ୍ଦରୀ ଥିଲେ। ତାଙ୍କ ଗାଲ ପଦ୍ମପାଖୁଡ଼ା ପରି କୋମଳ ଏବଂ ଆଖି ମଣି ପରି ଚମକୁଥିଲା। ଯେହେତୁ ସେ ଶୁଣିଥିଲେ ଯେ ବୁଦ୍ଧ ଶାରୀରିକ ସୌନ୍ଦର୍ଯ୍ୟର ପ୍ରଶଂସା କରନ୍ତି ନାହିଁ, ତେଣୁ ବୁଦ୍ଧଙ୍କୁ ଦେଖିବାର କୌଣସି ଇଚ୍ଛା ତାଙ୍କର ନଥିଲା।

ଏକ ସୁଲୁସୁଲୁ ପବନ ବହୁଥିବା ଶୀତଳ ସକାଳ। ଖେମା ବାଉଁଶ ଜଙ୍ଗଲରେ ରାଜା ବିମ୍ବିସାର ବୁଦ୍ଧଙ୍କ ନିମନ୍ତେ ନିର୍ମାଣ କରିଥିବା ଆଶ୍ରମ ପରିଦର୍ଶନ କରିବାକୁ ନିଷ୍ପତ୍ତି ନେଲେ। ଘାସ ଉପରେ ଲମ୍ୱାଛାଇ ବିଛେଇ ଦେଉଥିବା ଫଳଗଛଗୁଡ଼ିକରେ ଗୁଣ୍ଡୁଚିମୂଷାମାନେ ଧାଁଦଉଡ଼ କରୁଥିଲେ। ପୋଖରୀଗୁଡ଼ିକ କଇଁଫୁଲରେ ଆଚ୍ଛାଦିତ ଥିଲା ଓ ପବନରେ ଯୂଇଫୁଲର ମହକ ଖେଳି ବୁଲୁଥିଲା।

ତତ୍ପରେ ଖେମା ପ୍ରବଚନ କକ୍ଷରୁ ଆସୁଥିବା ଏକ ଗଭୀର, ସ୍ପଷ୍ଟ ସ୍ୱର ପ୍ରତି ଆକର୍ଷିତ ହେଲେ। ଏହା ସେ ପୂର୍ବରୁ ଶୁଣିଥିବା କୌଣସି ସ୍ୱର ପରି ନଥିଲା। ଏହା ସକାଳ ହେବା ସମୟରେ ପକ୍ଷୀମାନଙ୍କ ମଧୁର କଳରବ ଅପେକ୍ଷା ଅଧିକ ସୁନ୍ଦର ଶୁଭୁଥିଲା। ସ୍ୱରଟି ଉଷ୍ମ, ଆରାମଦାୟକ ଏବଂ ପ୍ରେମ ଓ ଚିନ୍ତାରେ ପରିପୂର୍ଣ୍ଣ ଥିଲା। ଏହି ଶବ୍ଦଗୁଡ଼ିକ ଜ୍ଞାନଗର୍ଭକ ଥିଲା।

ଯେପରି ଏକ ମହୁମାଛି ଫୁଲ ପ୍ରତି ଆକର୍ଷିତ ହୁଏ, ଖେମା ବୁଦ୍ଧଙ୍କ ପ୍ରବଚନ ଦେଉଥିବା କକ୍ଷକୁ ଚାଲିଗଲେ। ଯେହେତୁ ସେ ଚାହୁଁ ନଥିଲେ ଯେ ବୁଦ୍ଧ ତାଙ୍କୁ ଚିହ୍ନିପାରନ୍ତୁ, ତେଣୁ ସେ ନିଜର ଓଢ଼ଣାକୁ ନିଜ ମୁହଁ ତଳକୁ ଟାଣି କକ୍ଷର ପଛ ଆଡ଼କୁ ବସିଗଲେ। ତାଙ୍କୁ ଏହା ଜଣା ନ ଥିଲା ଯେ ବୁଦ୍ଧ ସେ କିଏ ଓ କ'ଣ ଭାବୁଛନ୍ତି ବୋଲି ଜାଣିପାରିଛନ୍ତି।



ନିଜର ମାନସିକ ଶକ୍ତି ଦ୍ୱାରା ବୁଦ୍ଧ ପ୍ରାୟ ଷୋହଳ ବର୍ଷ ବୟସର ଜଣେ ସୁନ୍ଦରୀ ଯୁବତୀଙ୍କ ପ୍ରତିମୂର୍ତ୍ତି ସୃଷ୍ଟି କରିଥିଲେ ଯିଏ ତାଙ୍କ ପାଖରେ ଠିଆ ହୋଇ ପଙ୍ଖାରେ ବିଞ୍ଚି ଦେଉଥିଲା। ଖେମା ତାଙ୍କ ସୌନ୍ଦର୍ଯ୍ୟରେ ଆଶ୍ଚର୍ଯ୍ୟ ହୋଇଗଲେ ଓ ତାଙ୍କ ପ୍ରତି ପ୍ରଶଂସାସୂଚକ ଆଖି ବୁଲାଇଲେ।

"ଆହା, ଏହାର ସୁନ୍ଦର ନାକ, ଓଠ, ହାତ ଓ ଆଙ୍ଗୁଳିଗୁଡ଼ିକୁ ଦେଖ" - ଖେମା ଭାବିଲେ। "ତା'ର ପରିପୂର୍ଣ୍ଣ ରୂପ ଦେଖି ଲାଗୁଥିଲା ଯେମିତି ସେ ବସନ୍ତ ଋତୁରେ ପୂର୍ଣ୍ଣ ପ୍ରସ୍ଫୁଟିତ ପୁଷ୍ପଟିଏ। ମୁଁ ଏପର୍ଯ୍ୟନ୍ତ ଦେଖିଥିବା ଯେକୌଣସି ମହିଳା ଠାରୁ ସେ ସୁନ୍ଦର ଏବଂ ମୋ ଠାରୁ ତ ଯଥେଷ୍ଟ ଅଧିକ ସୁନ୍ଦର।"


କେବଳ ଗୋଟିଏ ମୁହୂର୍ତ୍ତ ପାଇଁ ଖେମା ଭାବିଲେ ଯେ ତାଙ୍କ ଆଖି ଧୋକା ଖାଇଯାଉଛି। ସେଗୁଡ଼ିକ କ'ଣ ଏହି ଯୁବତୀଙ୍କୁ ବୁଢ଼ୀ ହେବାର ଦେଖୁଛି ? ହଁ ନିଶ୍ଚିତ। ଏହି ସୁନ୍ଦର ମହିଳାଙ୍କ ସୌନ୍ଦର୍ଯ୍ୟ ଧୀରେଧୀରେ କ୍ଷୀଣ ହୋଇଯାଉଥିଲା। ଯଥାଶିଘ୍ର ତାଙ୍କ ମୁଖରେ କୁଞ୍ଚନ ଦେଖାଗଲା ଏବଂ ତାଙ୍କ ପଦ୍ମ ପରି ଓଠର ହସ ଏକ ଦନ୍ତହୀନ ହସରେ ପରିଣତ ହୋଇଗଲା। ତାଙ୍କ କେଶ ଧୂସର, ତା'ପରେ ଧଳା ହୋଇଗଲା। ଯେଉଁ ଅଙ୍ଗ ପ୍ରଥମେ ଡଉଲଡାଉଲ ଓ ମଜବୁତ୍ ଥିଲା, ତାହା ପତଳା ଓ ଦୁର୍ବଳ ହୋଇଗଲା ଏବଂ ସେ ଜମି ଉପରେ ପଡ଼ିଗଲେ। ଏହି ପ୍ରତିମୂର୍ତ୍ତି ଜଣେ ଯୁବତୀରୁ ଅଶୀ ବର୍ଷୀୟ ବୃଦ୍ଧ ମହିଳାରେ ପରିଣତ ହୋଇଗଲା।

ଖେମା ଏହି ବୃଦ୍ଧ ମହିଳାଙ୍କୁ ମରି ପଚିଯାଇ ଧୂଳିରେ ପରିଣତ ହେଉଥିବାର ଦେଖିଲେ। ତତ୍ପରେ ସେ ଅନୁଭବ କଲେ ଯେ ଏହି ସୁନ୍ଦର ପ୍ରତିମୂର୍ତ୍ତିଟି ପରି ସେ ମଧ୍ୟ ଦିନେ ବୃଦ୍ଧା ହୋଇ ମୃତ୍ୟୁବରଣ କରିବେ। ତାଙ୍କ ମନରୁ ବାହ୍ୟସୌନ୍ଦର୍ଯ୍ୟର ସମସ୍ତ ଅହଙ୍କାର ଦୂର ହୋଇଗଲା ଓ ସେ ତୁରନ୍ତ ଶରୀର ଓ ଜୀବନର ନଶ୍ୱରତା ସମ୍ପର୍କରେ ବୁଝିପାରିଲେ।

ସେ ଅରହନ୍ତ ପଦ ପ୍ରାପ୍ତ କଲେ ଏବଂ ରାଜା ବିମ୍ବିସାରଙ୍କ ସମ୍ମତି ପାଇବା ପରେ ଭିକ୍ଷୁଣୀସଂଘରେ ଯୋଗ ଦେଲେ। ଅନ୍ୟ ଭିକ୍ଷୁଣୀମାନଙ୍କ ଅନ୍ତର୍ଦୃଷ୍ଟିରେ ସେ ପ୍ରଥମ ସ୍ଥାନ ପାଇଲେ। (କ୍ରମଶଃ)


❤ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮


## ମିନିଗଳ୍ପ-୧୨



### ମାମଲା (୦)

**ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ**

ଗୋସାଇଁଙ୍କ ପୁଅଝିଅ ସାଙ୍ଗ ହୋଇ ଇସ୍କୁଲ ଯାଆନ୍ତି। ଦିହେଁ ଉପରତଳ ପଢ଼ନ୍ତି। ମାହାରଣା ଘର ମଝିଆପୁଅ ସେଇ ଇସ୍କୁଲରେ ପଢ଼େ। ପାଠଘର ବାଳଞ୍ଚୁବାଳ। ଧୁମୁସା ଚେହେରା। କୋଇଲା କଟକଟ। କିଛି କାରଣ ନଥାଇ ଲଗେଇବ ଝଣ୍ଟାରଣ୍ଟା କଜିଆ। ଚୁଟି ଝିଙ୍କି ଦେବ ଗୋସାଇଁଙ୍କ ପୁଅର। ତାଙ୍କ ଝିଅର ଚଡ଼ି ଶୁଖିଥିବ। ତୋଳି ଫୋପାଡ଼ି ଦବ ଗହଳ ଧାନବିଲ ଭିତରକୁ । ଗୋସେଇଁଆଣୀ ଭାରି ନୀରବ । ଏତେ ଅନ୍ୟାଚାର ସମାଳି ନପାରି ଧାଇଁବେ ମାହାରାଣା ସାହି। ବାପ ମାହାରଣାକୁ ଗୁଡ଼ାଏ ବକିବେ। ପୁଅର ସାର୍ଟ ଖୋଲି ଛକ ଦେଖାଇବେ। ଚଡ଼ିଚୋରୀ କଥା କହିବେ। କବାଟ ପଛାଡ଼େ ହିଁ ହିଁ ହୋଇ ଦାନ୍ତ କିଲଉଥିବ ମାହାରଣାପୁଅ । ବାପା ଆଗରେ ତୁଳସୀବୃକ୍ଷ ବନିଯିବ।

ମାହାରଣା ରାୟ ଦେବେ : ମିଛ କଥା। ମୋ ପୁଅ ବଡ଼ ସୁଧାର।

ଦିନ ବିତିଯିବ।

ଅଧାରୁ ପାଠ ଛାଡ଼ିବ ମାହାରଣାପୁଅ । ବାପାକୁ କାଠକାମ, ଚାଷକାମରେ ସାହାଯ୍ୟ କରିବ। ହୁଣ୍ଡାମସ୍ତିଆ । ଯାହା କରେ ଦେଖିଲା ଭଳିଆ କାମ । ଗୋସାଇଁଙ୍କ ପୁଅ ଚାକିରୀ କଲା । ଝିଅ ପାଠ ପଢ଼ି ଭଲ ଯାଗାରେ ସଂସାର କଲା । ମାହାରଣା ଆଖି ବୁଜିଲେ । ମାହାରଣାପୁଅ ବାପାର ଖାନଦାନୀକୁ ନେଇ ବେଶି ଅୟସ କରିପାରିଲାନି । ୱାର୍ଡମେମ୍ବର ପାଇଁ ଠିଆ ହେଲା । ହାତଯୋଡ଼ି ନିବେଦନ କଲା । ଗୋସାଇଁ ଘର ସମସ୍ତେ ଭୋଟ ଦେଲେ । ସେ ଜିତିଲା । ଗୋସାଇଁଙ୍କ ଠାରୁ ଘରଭାଗ ଶିଖିବାକୁ ଆସିଲା । ହଠାତ ଦିନେ ପେଟରେ ଯନ୍ତ୍ରଣା ଭୋଗି ବଡ଼ ଡାକତରଖାନାରେ ଭର୍ତ୍ତି ହେଲା । ଡାକ୍ତର କହିଲେ ହୃଦରୋଗ । ବଞ୍ଚିବା କ୍ଷୀଣ । ମାହାରଣା ପୁଅର ସାନଭାଇ ବଡ଼ଚାକିରିଆ । ଦିହିଁଙ୍କର ଅମେଳ । ଏ ଅଲକ୍ଷଣା ରୋଗରୁ ଭାଇକୁ ମୁକାଳିବା ପାଇଁ ହାତ ବଢ଼ାଇଲା ସାନଭାଇ । ଟଙ୍କା ତିନିଲକ୍ଷ ବଡ଼ଭାଇ ପାଇଁ ଖର୍ଚ୍ଚ କଲା । ଗୋସାଇଁ ପୂଜାପାଠ କଲେ ଆରୋଗ୍ୟ ପାଇଁ।

ମାହାରଣା ପୁଅ ସୁସ୍ଥ ହୋଇ ଘରକୁ ଆସିଲା। ସବୁ ମାମଲା ଫଇସଲା ହୋଇଗଲା । ସାନଭାଇ ଘରକୁ ଚାଲିଲା ତୁଅଣ ଦବାନବା । ସାନଭାଇର କୁନିଝିଅ ଖେଳିଲା ବଡ଼ବୋଉ କୋଳରେ । ଗୋସାଇଁପୁଅ ଗାଁ'କୁ ଗଲେ ଦେଖିଲା ମାତ୍ରେ ପଚାରେ: କେମିତି ଅଛ ଭାଇ...।

। ମାମଲା ଖଲାସ ।


❤ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ
(ମୋ) ୯୭୭୬୫୪୬୧୩୦


## ପାଉଁଜିର ପାଣ୍ଡୁଲିପି-୨୬

**ବିପିନ ମହାନ୍ତି**



### ଛୁଇଁ ଦେଇଯାଅ ଥରେ

ପାରିବୁ ତ ଯଦି ଛୁଇଁ ଯା ସଜନୀ ଛୁଇଁଥିଲୁ ଯେବେ ଥରେ
ସେ ଛୁଆଁ ମୋ' ପାଇଁ ନୂଆ ନୁହେଁ କେବେ ତଥାପି ଏ' ମନ ଝୁରେ
ଫଗୁଣ ଆସିଲା ମନ ବଉଳିଲା ବାସିଲା ମୋ' ଘରସାରା
ହସିଲା ସେଦିନୁ ପୂରିଲା ସଂସାର ପୁରୁଣା କଥା ଏ'ପରା।

ପୁରୁଣା ହୁଏନି ପ୍ରେମ ଲୋ' ସଜନୀ ଆଜି ତୁ ସେମିତି ଅଛୁ
ସେଇ ଛୁଆଁରେ ମୋ' ହେମାଳ ଦେହରେ ଏବେ ନିଆଁ ଲଗଉଛୁ
ଭାବିଛୁ କି ଏବେ ଶୁଖିଲା କାଠଟା ଜଳିବ କି ନାହିଁ ଆଉ
ଥରେ ଛୁଇଁଯାଆ ଦେଖିବୁ ଏ ନିଆଁ ଜଳୁଥିବ ଦାଉଦାଉ।

ମୁଁ ଏକା ଜଳିବୁ ତୁ' ଜଳିବୁନି ଏ କଥା କେମିତି ହେବ,
ମିଶିକରି ଦୁହେଁ ଜଳିବା ଲୋ' ଆମେ ନାଆଁ ତା'ର ଅନୁଭବ
ପ୍ରେମ ବୋଲି ତାକୁ କେହି କେହି କବି କବିତାରେ ଲେଖିଛନ୍ତି
ଦେଖଣାହାରି ବି କମ୍ ନାହାନ୍ତି ଯେ ସ୍ୱଚକ୍ଷୁରେ ଦେଖିଛନ୍ତି।

ଏଇ ଛୁଆଁ ତୋ'ର ଶେଷଛୁଆଁ ହେଉ ନ ରହୁ ବି ଅବସୋସ,
କିଛି ଲୋକ ତୋତେ ପାରୋ କହିବେ ଲୋ' ଥୋକେ ମୋତେ ଦେବଦାସ।


❤ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧


## କବିତା



### ଉଆଁସ

**ପୂର୍ଣ୍ଣଚନ୍ଦ୍ର ମହାରଣା**

ପବନ ଫୋପାଡ଼େ
ଇଆଡ଼େ ସିଆଡ଼େ
ଘଉଡେଇ ଫୁଲର ମହକ !!

ଏଇ ବେଳେ ତମେ ମତେ ଡାକ
ରୁହ ଟିକେ
ରଖ କଥା ମୋର ରଖ !!

ନଇପାଣି କିଡିକିଡି
ପକ୍ଷୀ ପଲ୍ଲ କିଚିରି ମିଚିରି
ବାଟ ଭାଙ୍ଗି ଉଡ଼ି ଯାଉଛନ୍ତି !!

ଭାଙ୍ଗିଗଲା ପଥର ପଥୁଲି ତ ଯାଉ
କିଣିଆଣି ଦେବି,
ଥରେ ହଜିଗଲେ ଆଖିଆଗୁ
କଥା କୁହା ଛବି
ଆଉକି ଖୋଜିଲେ ପାଇବି !!

ଗଡ଼ିଲା ବୟସ ଝଡ଼ିଲା ପତ୍ର
ଯେତେ ହାତଠାର
ଆଉ କି ପଛକୁ ଫେରିବ !!

ନାଲିରୁ ଫିକା ଦିଶିଲାଣି
ତମ ଓଠ ରଙ୍ଗ
ଆଖିରୁ ଆସ୍ତେ କିନା
ଓହ୍ଲେଇ ଗଲାଣି
ପୁରୁଣା ଚମକ
ହେଲେ କୋଉ କମୁଛି ନା
କମିବ, ଯଦି ଯାଗତିଆର
ନକର ଦିହ ମନ ଭୋକ !!

ରଖ ମୋର ଛୋଟ କଥା ରଖ
ଏଇଥିଲା ଆକାଶରେ
ପୁନେଇଁ ର ଚାନ୍ଦ
କହିବକି ଆଜି କିଆଁ
ଅନ୍ଧାର ଉଆଁସ !!


❤ ବାଳକାଟୀ,
ଖୋର୍ଦ୍ଧା-୭୫୨୧୦୦
(ମୋ) ୯୯୩୭୭୭୭୬୫୨


## ପକ୍ଷୀଗୀତ

**ଶୁଭସ୍ମିତା ତ୍ରିପାଠୀ**



ବିନ୍ଦୁଏ କାଳିରେ ଜହ୍ନ ଅଙ୍କା ହେଉ କି ନ ହେଉ
ଆକାଶ ଥିବ, ପୃଷ୍ଠା ଟିଏ ଥିବ,
ଗୋଟେ ମାଟି ରଙ୍ଗର ହୃଦୟରେ
'ଆଃ' ବୋଲି ଦରଜ ଟେ ବି ଥିବ !

ଏତିକିକୁ ନେଇ ଆକାଶ
ମୋକ୍ଷରୁ ମୋହ ଆଡ଼କୁ
ବଢଉ କି ନ ବଢଉ ପାଦ,
ମାଟି ଟିକିଏ କିନ୍ତୁ ପୁଣି ପଥର ପାଲଟିଯାଇ
ତା ଦେହରେ ଭେଦିନେବ
ଶେଷ ଥରର ବଜ୍ର, ବିଜୁଳି
କି ଆକାଶ ଫେରି ଯାଉଥିବାର ପାଦଚିହ୍ନ !

ସେତେବେଳେ ପକ୍ଷୀର ନିରୀହତାରେ
ଅଟକି ଯିବନି ଅପରିଚିତ !
ଓଦା ହେବନି ବିଦାୟ ବେଳାର
ରତରତ ସଞ୍ଜରେ,
କି ଶେଷ ଶବ୍ଦରେ ଆଉ ଲେଖିଦେବନି ମତେ,
ମୁଁ ମାଟିରୁ ପଥର, ପଥରରୁ ଶିଳାଖଣ୍ଡ
କି ଶିଳାରୁ ଶୈଳ ପାଲଟିବା ବେଳେ

ଭାଙ୍ଗି ଦେବନି ତପସ୍ୟା, ଗାଇ ବସିବନି
ଚଢ଼େଇଆ ଚଢ଼େୟାଣୀ ଗୀତ,
କି ଖଜୁରୀ ଡାଳରେ ବାନ୍ଧିଦେବନି
ଫେରି ଆସିବାର ମାଟି କଣ୍ଟ,
ସ୍ୱପ୍ନର ଠାକୁରାଣୀ ଗଢ଼ିଆରୁ
ତୋଳି ଯିବନି ପଦୁଅଁ,
ମୋ ଆଖି ଭିତରର ନଈଗଣ୍ଡରେ
ହଜେଇ ଦେବନି ପାଦ

ଭୁଲି ଯିବନି ଅପରିଚିତ !
ଜହ୍ନଗପ କି ପକ୍ଷୀଗୀତରେ
ଜଳି ପାରେନା ବାଉଁଶବଣର ଫୁଲ,
ଫୁଲର ଝୁଲ ଛୁଇଁ କେବେ
ମୃତ୍ୟୁ ଚାହିଁପାରେନା ପ୍ରଜାପତି,
କି ସକାଳ ଆଲୁଅରେ ଖରା ଛୁଇଁ
ଅନ୍ଧାରକୁ କେବେ
ରଙ୍ଗ ଯାଚି ଦିଏନା ସୂର୍ଯ୍ୟମୁଖୀ !
ଏତିକି ଦୂରତାରେ ହିଁ
ଆମ ଜୀବନ, ମରଣ, ସୁଖ ଆଉ ସ୍ୱପ୍ନ,
ଏତିକିକୁ ନେଇ ତୁମେ ଉଇଁଲା ସକାଳ
ମୁଁ, ଚମ୍ପାଫୁଲର ମୁହଁ
ଏତିକିରେ ହିଁ ତ ଅଳ୍ପ ଦୂରରେ ସମୁଦ୍ର,

ପାଖରେ ନଈ
ଆଉ ନିବିଡ଼ ଦୂରତାରେ
ଠିଆ ହେଇଥାଏ ମୁହାଣ

ଏତିକିରେ ମୋ ମୁହଁ,ତୁମ ଆଖିର ଦର୍ପଣ,
ଏତିକିରେ ତମେ ଘୋର ଅରଣ୍ୟରେ
ସୁ ସୁ ବତାସର ଶବ୍ଦ
ମୁଁ ; ଝିଙ୍କାରୀର ନିରୀହ ଚିତ୍କାର,
ଏତିକିରେ ହିଁ ମୁଁ ଗୋଟେ ପାହି ଯାଇଥିବା ରାତି
ଯା ଦେହରେ ମୃତ୍ୟୁ ପାଇ
ପୁଣିପୁଣି ଜିଇଁ ଉଠିଥାଏ
ଝଡ଼ ଝଙ୍କାର ରାତିର ନିବିଡ଼ ଅନ୍ଧାର !


❤ ବ୍ରହ୍ମପୁର, ଗଞ୍ଜାମ
(ମୋ) ୮୪୮୦୮୬୭୧୯୦


## ମେଘାଞ୍ଜନ

**ଦେବାଶିଷ ଚକ୍ରବର୍ତ୍ତୀ**



॥ ଝରଣା ॥

ବଣ ଝରଣାର ବହପ ବଢ଼ଇ
ବରଷା ପରଶ ପାଇ ଯେପରି
ନୀଚମନା ଗରବରେ ଫୁଲିଥାଏ
କ୍ଷମତା ପରଶ ପାଇ ସେପରି।

॥ ପ୍ରକୋପ ॥

ପ୍ରଳୟ ବରଷା ପ୍ରକୋପରେ ସିନା
ଘରେ ପଶି ହୁଏ ଆଣ୍ଠୁଏ ପାଣି
ତାଠାରୁ ଅଧିକ ବେଦନା ଦାୟକ
ଅଶୁଣା ରହିଲେ ବିବେକ ବାଣୀ।

॥ ବଢ଼ି ॥

ନଈର ଗରଭ ଅଧିକ ଫୁଲିଲେ
ବୃଦ୍ଧିପାଏ ସିନା ବଢ଼ିର ତ୍ରାସ
ଲୋଭର ଗରଭ ବଢ଼ିଲେ ସେପରି
ମଣିଷପଣିଆ ହୁଅଇ ନାଶ।

॥ ଦହଗଞ୍ଜ ॥

ବଢ଼ିପାଣି ଘେର ଭିତରେ ରହିଲେ
ଦହଗଞ୍ଜ ସିନା ହୁଅଇ ପ୍ରାଣ
ବଢ଼ିଲା ଝିଅର ଦୁଶ୍ଚିନ୍ତାରେ କିନ୍ତୁ
ଅଧିକ ବିବ୍ରତ ହୁଅଇ ମନ।

॥ ମାଟିକାନ୍ଥ ॥

ମାଟିକାନ୍ଥ ଦୁଃଖ ଆଗୁଳି ପାରେନି
ଯେଉଁପରି ଭାବେ ଓଲରା ଚାଳ
ଲୋଭ ର ଜିଭ କୁ ଆଗୁଳି ପାରେନି
ସେହିପରି ହୀନ ସ୍ୱାର୍ଥ ଆମର।


❤ ମଣ୍ଡୁଆ, କେନ୍ଦୁଝର ଗଡ
ମୋ -୯୪୩୭୭୫୨୩୯୫


## ସ୍ନାନ ମଣ୍ଡପେ କଳା ବାମନ

**ବାବାଜୀ ଚରଣ ଜେନା**



କଳା ବାମନମୋ କଳା ବାମନ
ଧନ୍ୟ ହେଲା ମୋର ଜୀବ ଜନ୍ମ ପ୍ରଭୁ
ସ୍ନାନ ମଣ୍ଡପରେ କରି ଦର୍ଶନ
କଳା ବାମନ ମୋ କଳା ବାମନ ।
ଶହେ ଆଠ ଗରା ଜଳରେ ସ୍ନାହାନ
କରନ୍ତି ତ ଦାରୁ ଦିଅଁ
ସାରା ଜଗତରେ ଏମିତି ଠାକୁର
ଦେଖିଛକି କେହି କୁହ

ମାନବ ପରିସେ ଲୀଳା ଖେଳା କରେ
ମାଟି ମଟାଳରେ ଜଗ ମୋହନ
କଳା ବାମନ ମୋ କଳା ବାମନ ।

ସରଗରୁ ପୁଷ୍ପ ବରଷା ହୁଅଇ
ଅପରୂପ ଶୋଭା ଦେଖି
ନୀଳ ପରବତେ ସେ ହାତୀ ଦର୍ଶନେ
ଆଖି ପରା ଯାଏ ଲାଖି
ଭକତ ପାଇଁକି ଗଜ ବେଶ ହୋଇ
ମନ କାମନାତା କଲେ ପୁରଣ
କଳା ବାମନ ମୋ କଳା ବାମନ ।


❤ ଅହଲ୍ୟା ନିବାସ, ପୋପରଡା,
ନୂଆବଜାର କଟକ- ୪
ମୋ ୯୪୩୭୮୩୪୭୧୯


**ସୁଜିତ୍ କୁମାର ମିଶ୍ର**



### ॥ ଚିଠି ॥

ଆକାଶରେ କାହିଁ ମେଘର ରାଗିଣୀ ଯେ
ଚିଠି ହେବ ଓଦା ଓଦା ?
ଚିଠି ହେବ ଭାବସୁଧା ?

ଚିଠି କଣ ଖଣ୍ଡେ କାଗଜରେ କିଛି ଲେଖା ?
ନା ବହୁକିଛି ମହୁଭିକ୍ଷା ?

ଚିଠି ଆସେ ମନ ବାସେ
ଠିକ୍ ନୂଆବୋହୂର ବଉଳପାଟ ପରି,
ଶୂନ୍ୟ ନୀରବ ଆକାଶରେ
ଦେଖାଯାଏ ମେଘଖଣ୍ଡ
ନିରାଶାର ତାତି ଉତାରି ।

ଆଶା ପ୍ରତ୍ୟାଶାର
ରଙ୍ଗୀନ ଶବ୍ଦରେ ଚିଠି ନୁହେଁ ଚିଠି,
ସେ ଏକ ଅପନ୍ତରା ଭୂତକୋଠି,
ଚିଠି ନିଗିଡାଏ ମିଠା ଲୁହ ଶବ୍ଦରୁ,
ଚିଠି ପଖାଳେ ଦୁଃଖକୁ ଗହୀରରୁ,
ସେଇଥିପାଇଁ ତ ପ୍ରତୀକ୍ଷାର ଚିଠି
ଚିତ୍ରିତ ଫଗୁଣର ରଙ୍ଗଝୋଟି ।

ଚିଠି ପାଇଁ ମାଟି ଅଗଣାରେ
ବସିଥାନ୍ତି ଖୋଲା ଦେହରେ ବାପା,
ପ୍ରବଳ ଥଣ୍ଡାରେ ବହୁଥାଏ ସେ
ପାକଳ ଦେହରୁ ଗମଗମ ଝାଳ,
ପ୍ରତିଥର ପରି ପୁଅର ପ୍ରେମକୁ ଅନେଇ
ଅନେଇ ଡାକବାଲାକୁ ନଦେଖି
ସେ ହୁଅନ୍ତି ନିଷ୍ଫଳ,
ଦୁଇ ଆଖିରେ ପୁଣି ମାଡେ ଅନ୍ଧାର,
କାହିଁକି ଏତେ ପ୍ରତୀକ୍ଷା ଯେ
ବାପାପୁଅଙ୍କ ଚିଠିରେ କଣ ଥାଏ
ଅସୁମାରୀ ସୁନାରୁପା ?

ଏଇ ଚିଠି ପାଇଁ ମନ ହୁଏ ପ୍ରଣୟିନୀ ରାଧା,
ଲାଜୁକି ଲତା ପରି ଶବ୍ଦ
ସବୁ ମାଡି ଯାଏ ଚିଠିର କୋଣ ଅନୁକୋଣ,
କିଛି ନଦେଖାହେଲେ ମଧ୍ୟ ଝରୁଥାଏ ସେଠୁ
ସମୁଦ୍ରେ ସମୁଦ୍ରେ ଶିହରଣ,
ଚିଠି ପରା ଗୋପରୁ ବୃନ୍ଦାବନକୁ
ଶୁଭୁଥିବା ଗୋପନରେ ମିଠା ସ୍ପନ୍ଦନ,
ହୃଦୟର ଚିଠିକୁ
କିଏ ଦେଇପାରେ ଯେ ବାଧା ?


କେହି କେବେ ପଢିଛନ୍ତି କି
ସୀମାନ୍ତରୁ ଫେରିଥିବା ଲୁହବୋଳା ଚିଠିକୁ,
ସେ ଚିଠିରେ ଥାଏ ଆଶ୍ୱାସନାର
ଦରଦୀ ଗପ,
ସିନ୍ଦୂରକୁ ଗାଢ କରିବାର ସିନ୍ଦୁକ ଭରା ଚୁମା,
କଦମ୍ବବନର ଭାବ,
ସବୁ ଚିଠି କଣ ପ୍ରତିଶ୍ରୁତିର ବାରିଧାରା,
କିଛି ତ୍ରିରଙ୍ଗା ପତାକା ତଳେ
ଶୋଭା ପାଉଥିବା
ବୀରଗତିର ନିଦର୍ଶନ ପରା,
ନିଅଣ୍ଟ ପଡେ ଜାଗା
ସୀମନ୍ତିନୀର ଅଶାନ୍ତ କୋହକୁ ।

ଫୁଲ ବଗିଚା ପରି ଚିଠି ସଜାଡେ
ଦୁଇ ବିରୋଧୀ କ୍ଷେତ୍ରକୁ,
ଚିଠି ବିଗାଡେ ଦେଶର ରକ୍ତକୁ,
ଚିଠି ଲେଖେ ସ୍ୱର୍ଣ୍ଣିମ ଇତିହାସ
ଯଦି ଲେଖନୀ ହୁଏ ଦୀପର ଶୋଷ ।

ଚିଠି ହୋଇପାରେ ବିବେକର ବର୍ଣ୍ଣବୋଧ,
ଚିଠି ହୋଇପାରେ ମାନବିକତାର ମହୌଷଧି,
ଚିଠି ହୋଇପାରେ ଶିକ୍ଷାର ସତ୍ୟବାଦୀ,
କିନ୍ତୁ ବାଟବଣା ହେଲେ ଚିଠି,
ଗ୍ରାହକ ପ୍ରେରକ ସବୁ
ହୁଅନ୍ତିନି କି ଗୃହଭେଦୀ ?

ଚିଠି ଲେଖାଯାଉ ଚେତନାର ଚଉରେ,
ନିତିଦିନ କୋହର ନୀରବ ଗୀତିରେ ।
ପ୍ରୀତି ବୋଲା ଚିଠି ସ୍ୱଚ୍ଛ ଦର୍ପଣ,
ବାକି ସବୁ ପ୍ରାପ୍ତିର ପରାକାଷ୍ଠା,
ଲକ୍ଷେ କୌଶଳର ଲୁଣ୍ଠନ ।


❤ ଜନାର୍ଦ୍ଦନପୁର ଶାସନ,
କେନ୍ଦୁଝର
(ମୋ) ୭୬୮୩୮୬୭୭୪୨

# ଶାନ୍ତିର ସହାବସ୍ଥାନ ପାଇଁ ସାହିତ୍ୟ ହିଁ ଦେବଦୂତ ସାଜୁ : ଇନ୍ଦୁମତୀ ପାତ୍ର

**ଇନ୍ଦୁମତୀ ପାତ୍ର ଓଡ଼ିଆ ସାହିତ୍ୟ ଜଗତରେ ଏକ ଶ୍ରଦ୍ଧାଶୀଳ ଉଚ୍ଚାରଣ। ପୂର୍ବରୁ କେନ୍ଦୁଝର ଆକାଶବାଣୀ ସାହିତ୍ୟ ବିଭାଗର ଉପସ୍ଥାପିକା ତଥା ସମ୍ପ୍ରତି କେନ୍ଦୁଝର ଜିଲ୍ଲା ଲେଖିକା ସଂସଦର ସମ୍ପାଦିକା ଭାବରେ କାର୍ଯ୍ୟ କରୁଥିବା ବେଳେ ସାହିତ୍ୟ ପରି ଏକ ଭାବ ରାଜ୍ୟରେ ବିଚରଣ କରି ନିଜ ପାଇଁ ତିଆରି କରିପାରିଛନ୍ତି ସାହିତ୍ୟର ଗୋଟେ ଅନନ୍ୟ ପୃଥିବୀ। "ଯଦି ସାହିତ୍ୟ ଲୋକାଭିମୁଖୀ ହୁଏ ତେବେ ସାଧାରଣଲୋକଙ୍କ ପାଖରେ ସାହିତ୍ୟ ପହଂଚି ପାରିବ" ବୋଲି କହୁଥିବା ଏହି ଲେଖିକାଙ୍କ ସହ ଏଥରର ଆଳାପ...**

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟ ସ୍ଫୁରଣ ?

■■ ଏହାର ଉତ୍ତରରେ ମୁଁ କହିବି - ବଗିଚାରେ ଏତେ ରଙ୍ଗ ବେରଙ୍ଗର ଫୁଲ ଫୁଟି କାହିଁକି ଭରି ଦିଏ ଦିଗ ବିଦିଗ, ମନ୍ଦ ମଳୟ କାହିଁକି ଛୁଇଁଯାଏ ମନ ଓ ହୃଦୟ, ଝରଣା କାହିଁକି କୁଳୁକୁଳୁ ନାଦରେ ବହି ଯାଉଥାଏ ଅହରହ, ପକ୍ଷୀର କୂଜନ କାହିଁକି ସକାଳ ଓ ସଞ୍ଜକୁ ଏତେ ମୁଖରିତ କରେ, ଏସବୁ ପ୍ରଶ୍ନର ଉତ୍ତର ଯେମିତି ଅସମାହିତ, ସେହିଭଳି କବିତାର ସର୍ଜନା। ଛାତି ଭିତରେ ରୁଗୁରୁଗୁ ରୁନ୍ଧି ହେଉଥିବା ଏକ ମିଠା ଯନ୍ତ୍ରଣାର ନାଁ ହିଁ ତ କବିତା। ତା' ସହ ଏକାତ୍ମ ନହେବା ଯାଏ କବିର ନିସ୍ତାର ନାହିଁ। ସ୍ୱତସ୍ଫୁର୍ତ୍ତ ଭାବେ ସେ ତ ଓହ୍ଲେଇ ଆସେ କବିର ଛାତିକୁ ଏକ ମହାର୍ଘ୍ୟ ମୁହୂର୍ତ୍ତରେ, ଏକ ଦିବ୍ୟ ଅନୁରାଗରେ। ମୋର ମନେଅଛି, ମୁଁ ସେତେବେଳେ ନବମ ଶ୍ରେଣୀରେ ପଢୁଥାଏ। ବାର୍ଷିକ ପରୀକ୍ଷା ପରେ ଖରା ଛୁଟି। ମୁଁ ଗୋଟେ ଗପ ଲେଖିଲି, ତା ପୁଣି ସମସ୍ତଙ୍କ ଅଗୋଚରରେ। ଖାତାରେ ଥିବା ବଳକା କାଗଜରେ। ମାତ୍ର ଦୁର୍ଭାଗ୍ୟ ସେ ପୁରୁଣା ବହି ଖାତାକୁ ମୋ ବଡ଼ ଭଉଣୀ ବାଦାମବାଲାକୁ ବିକ୍ରୀ କରିଦେଲା। ମୋର ଗାଁ ରାଙ୍କି କେନ୍ଦୁଝର ସହରର ଉପାନ୍ତ ଅଞ୍ଚଳ। ମୁଁ କେନ୍ଦୁଝର ସହରର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପଢୁଥାଏ। ରାଙ୍କି ଗ୍ରାମରୁ ଦୀର୍ଘ ଗୋଟେ ପାଟ ବିଲ (ଖମାର) ଅତିକ୍ରମ କରି ସ୍କୁଲକୁ ଆସିବାକୁ ପଡେ। ସାଙ୍ଗ ସାଥୀଙ୍କୁ ଅପେକ୍ଷା ନ କରି ମୁଁ ଚାଲିଚାଲି ଏକା ବିଲ ରାସ୍ତାରେ ଆସିବା ବେଳେ ମୋ ଭିତରେ କବିତା ଭଳି ଅନେକ ଗୀତର ଲହର ଅନୁରଣିତ ହୁଏ। ମୁଁ ଜାଣି ନଥାଏ ଏ କବିତା। ଯଦିଓ ପିଲା ବେଳୁ ମୁଁ ସାହିତ୍ୟ ବହିର ପଦ୍ୟ ବିଭାଗଟିକୁ ଅଧିକ ଭଲପାଏ ଓ ସବୁ କବିତାକୁ ମୁଖସ୍ଥ କରି ଦେଇଥାଏ। କଲେଜରେ ପଢିବାବେଳେ ହିଁ ମୁଁ ଡ଼ାଇରୀରେ କବିତା ଲେଖିବା ଆରମ୍ଭ କଲି। କଲେଜ ମାଗାଜିନରେ ମୋ କବିତା ସ୍ଥାନିତ ହେଲା ଏବଂ ଅନ୍ୟ ସାଙ୍ଗମାନଙ୍କ ପାଇଁ ବି ମୁଁ ଲେଖି ଦେଉଥିଲି।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟ ଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ମୋର ସାରସ୍ୱତ ପ୍ରେରଣା ମୋ ମା'। ଦିନେ ମୁଁ ମା'ଙ୍କୁ କହିଥିଲି, ମୁଁ କିଛି ଲେଖୁଛି ମା'। ମୋ ଭିତରେ ଲେଖା ଆସୁଛି। ମୋ ମା' କହିଥିଲେ - ଲେଖି ଚାଲ୍, ନିଶ୍ଚୟ ଦିନେ ତୁ ନାଁ କରିବୁ। ମୋ ମା' ପାଠ ପଢି ନଥିଲେ। କିନ୍ତୁ କବି ଯଦୁମଣିଙ୍କ ଏହି ପଦଟି କେମିତି ଜାଣିଲେ କେଜାଣି କହିଥିଲେ -'ରାଜା ସିନା ପୂଜା ପାଏ

ଆପଣା ଦେଶରେ

କବି ପୂଜା ପାଉଥାଏ

ଦେଶ ବିଦେଶରେ।'

ଆଉ କବିତାର ଆଦ୍ୟ ଗୁରୁ ଭାବରେ ମୁଁ ସ୍ମରଣ କରିବି 'କାଳିଜାଇରେ ସନ୍ଧ୍ୟା'ର କବି ଗୋଦାବରୀଶ ମିଶ୍ରଙ୍କୁ। କାରଣ ସେ କବିତାଟି ଥିଲା ମୋର ଅତି ପ୍ରିୟ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବୃତ୍ତି ଓ ପରିବାର କେମିତି ପ୍ରୋତ୍ସାହିତ କରନ୍ତି ଆପଣଙ୍କ କବି ଜୀବନକୁ ?

■■ କଲେଜ ପଢିଲା ବେଳକୁ ମୁଁ ଅନେକ କବିତା ଲେଖି ସାରିଥିଲି। ସବୁ ଗଦ୍ୟ ଛନ୍ଦର। କିନ୍ତୁ କେମିତି ପ୍ରକାଶନ ପାଇଁ ପତ୍ରପତ୍ରିକାକୁ ଦେବାକୁ ହୁଏ ଜଣା ନଥିଲା। ମୋର ଜଣେ ସହପାଠୀ ବନ୍ଧୁ ସନ୍ତୋଷ ମହାପାତ୍ର କହିଲେ, ତୁମେ ତ ଭଲ ଲେଖୁଛ, ପତ୍ରିକାକୁ ପଠାଉନ କାହିଁକି ? ଦିଅ ମୁଁ ପଠେଇ ଦେବି। ସେ ମୋର କବିତାଟିଏ ସୁଚରିତାକୁ ପଠେଇଦେଲେ। ୧୯୮୫ ମସିହା କୋଉ ମାସ ମନେନାହିଁ, ପତ୍ରିକାରେ ପ୍ରକାଶ ପାଇଲା କବିତାଟି। ସାଙ୍ଗସାଥୀ ଯିଏ ପଢିଲେ ଚିଠିରେ ଶୁଭେଚ୍ଛା ଜଣାଇଲେ। ସେତେବେଳେ କେନ୍ଦୁଝରରେ ଏ.ଡି.ଏମ ଥାନ୍ତି ମାନସୀ ମହାନ୍ତି। ମୋ ମା' ମୋ ପାଖକୁ ଆସନ୍ତି, କାରଣ ମୁଁ ମାମୁଁଙ୍କ ଘରେ ରହି କଲେଜରେ ପଢୁଥାଏ। ତାଙ୍କ କ୍ୱାର୍ଟର ପାଖ ଦେଇ ମା' ଯିବାବେଳେ ମାନସୀ ମହାନ୍ତିଙ୍କ ମା' ଡାକିଲେ ମୋ ମା'ଙ୍କୁ। ସେମାନେ ପୂର୍ବେ ଆମ ପଡୋଶୀ ଥିଲେ। ମା'ଙ୍କୁ ପଚାରିଲେ, 'ଆରେ ରାଙ୍କିରେ ଇନ୍ଦୁମତୀ ପାତ୍ର କିଏ ଗୋଟେ ଲେଖାଲେଖି କରୁଛି କି ?' ମୋ ମା' କହିଥିଲେ ମୋ ଝିଅ ସେ। ସେଦିନ ମା'ର ଆନଂଦ କହିଲେ ନସରେ। ବାପା ତ ପିଲାବେଳୁ ଆମକୁ ଛାଡି ଚାଲି ଯାଇଥିଲେ। ସମସ୍ତଙ୍କ ମୁହଁରେ ମୋର ପ୍ରଶଂସା ଶୁଣି ସେଦିନ ମା' ଯେତିକି ଖୁସି ହୋଇଥିଲେ, ମୁଁ ବି ସେତିକି ଖୁସି ହୋଇଥିଲି। ସେ ଆନଂଦ ବ୍ୟକ୍ତ କରି ହେବନି। ସେଇଦିନଠାରୁ ମୁଁ ଭାବିଲି ମୁଁ କିଛି ଲେଖିବି। ଆଉ ରହିଲା ମୋ ପରିବାର। ମୁଁ ଯେ କବିତା ଲେଖୁଛି, ଗଳ୍ପ ଲେଖୁଛି, ତାହା ପ୍ରକାଶିତ ହେଉଛି। ମୋର ବହି ପ୍ରକାଶିତ ହେଉଛି। କିଛି ପ୍ରଶଂସକ ମୋତେ ଭଲ ପାଉଛନ୍ତି, ଏଥିରେ ମୋ ଭାଇ ଭଉଣୀ ମୁଣ୍ଡ ଖେଳାନ୍ତିନି। କେବଳ ମୋ ମା' ଖୁସି ହୁଅନ୍ତି। କହନ୍ତି ଲେଖିଚାଲ, କୌଣସି କଥା ମୁଣ୍ଡରେ ପୁରାନା। ଦେଖିବୁ ଏଇ ଲେଖା ପାଇଁ ତୋତେ ସମସ୍ତେ ଜାଣିବେ, ଭଲ ପାଇବେ। ଏହାହିଁ ହେବ ତୋ ଜୀବନର ସାର୍ଥକତା। ଆଉ ବିବାହ ପରେ ମୋ ସ୍ୱାମୀ, ଯିଏ କି ଜଣେ ସାହିତ୍ୟିକ ନହେଲେ ବି ଜଣେ ବିମୁଗ୍ଧ ପାଠକ, ସେ ମୋତେ ସବୁ ବେଳେ ଉତ୍ସାହିତ କରନ୍ତି। ମୋ ଲେଖାର ପ୍ରଥମ ପାଠକ ସିଏ, ଆଉ ସମୀକ୍ଷକ ବି। ମୋର ସାହିତ୍ୟ ରଚନା ରେ ତାଙ୍କର ପ୍ରଚ୍ଛନ୍ନ ହାତ ରହିଛି। ବାକି ରହିଲା ବୃତ୍ତିଗତ ଜୀବନ।୧୯୯୦ ମସିହାରୁ ମୁଁ ଆକାଶବାଣୀ କେନ୍ଦୁଝରରେ ସାମୟିକ ଉପସ୍ଥାପିକା ଭାବରେ କାର୍ଯ୍ୟ ଆରମ୍ଭ କରିଥିଲି। ଦୀର୍ଘ ୩୫ ବର୍ଷ ଆକାଶବାଣୀରେ କାର୍ଯ୍ୟ କରି ମୁଁ ମୋ ସାହିତ୍ୟିକ ଜୀବନକୁ ଅଧିକ ପରିପୃଷ୍ଟ କରି ପାରିଲି। କାରଣ ସାହିତ୍ୟ ବିଭାଗ ଉପସ୍ଥାପନା ଦାୟିତ୍ୱରେ ମୁଁ ଥିଲି। ତା ଛଡା ଆକାଶବାଣୀ ପାଇଁ ଅନେକ ନାଟକ ଲେଖିଛି, ରୂପକ, ସଂଗୀତ ରୂପକ, ଗୀତିକଥା, ଆତ୍ମଲିପି ଲେଖିଛି। ତାର ପ୍ରସାରଣର ସୁଯୋଗ ପାଇଛି। ତେଣୁ ବୃତ୍ତିଗତ ଜୀବନରେ ମୁଁ ସାହିତ୍ୟ ପାଇଁ ଅନେକ ଉପାଦାନ ପାଇଛି, ଏବଂ ତାର ଉପଯୋଗ ମଧ୍ୟ କରିଛି। ସମ୍ପ୍ରତି କେନ୍ଦୁଝର ଜିଲ୍ଲା ଲେଖିକା ସଂସଦର ସମ୍ପାଦିକା ଭାବରେ ସାହିତ୍ୟ ସମ୍ପାଦନାରେ ମନ ନିବେଶ କରିଛି।

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣଲୋକଙ୍କ ପାଖରେ ପହଂଚି ପାରିବ ବୋଲି ଆପଣ ଭାବନ୍ତି ?

■■ ଓଡ଼ିଆ ସାହିତ୍ୟରେ ସ୍ଥିତିଶୀଳତା ରହିଛି ଏବଂ ରହିଥିବ ମଧ୍ୟ। ଏଥିପାଇଁ ମୁଁ ବେଶ୍ ଆଶାବାଦୀ। ସାହିତ୍ୟର ଆଦ୍ୟ ଉନ୍ମେଷଠାରୁ ଯୁଗ ପରେ ଯୁଗ କେତେ ସମୟ ବିତିଗଲାଣି। ରୀତି ଯୁଗ ଠାରୁ ଏଯାବତ୍ ସାହିତ୍ୟ ଚାଲିଛି ତା ବାଟରେ। ପରିବର୍ତ୍ତିତ ଧାରାରେ ସାହିତ୍ୟର ରୂପ ରେଖ ବଦଳିଛି। ତାଳପତ୍ର ପୋଥିଠାରୁ ଡିଜିଟାଲ ପ୍ଲାଟଫର୍ମ। ତା ସହିତ ତାଳ ଦେଇ ପାଠକଙ୍କ ମାନସିକତା। ତେଣୁ ଯୁଗ ରୁଚିକୁ ନେଇ ଲେଖା ମଧ୍ୟ ପରିବର୍ତ୍ତିତ ହୋଇଛି। ସାଧାରଣଲୋକଙ୍କ ପାଖରେ ସାହିତ୍ୟ ପହଂଚି ପାରିବ, ଯଦି ସାହିତ୍ୟ ଲୋକାଭିମୁଖୀ ହୁଏ। ସାଧାରଣ ମଣିଷଙ୍କ ଜୀବନଯାତ୍ରା, ସୁଖ ଦୁଃଖ, ଚଳଣି, ଭାଷାକୁ ନେଇ ସାହିତ୍ୟ ରଚନା ହୁଏ, ତେବେ ସାହିତ୍ୟ ନିଶ୍ଚିତ ଭାବେ ସାଧାରଣ ଜନମାନସକୁ ସ୍ପର୍ଶ କରି ପାରିବ।

■ କୁହାଯାଉଛି ମାତୃଭାଷା ଏବେ ସଙ୍କଟରେ। ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବକି ?

■■ ହଁ, ମାତୃଭାଷା ଏବେ ସଙ୍କଟରେ। ଏ କଥାକୁ ଅସ୍ୱୀକାର କରାଯାଇ ନ ପାରେ। କାରଣ ଆମ ପିଲାଏ ଏବେ ଓଡ଼ିଆରେ କଥା କହିବା ଛାଡି ହିନ୍ଦୀ ଇଂରାଜୀ ମିଶା ଭାଷା କହୁଛନ୍ତି। ଆମେ ବି କୋଉ ଶୁଦ୍ଧ ଓଡ଼ିଆ କହି ପକାଉଛନ୍ତି ! ତେବେ ଅନ୍ଧାର ଅନ୍ଧାର ବୋଲି ଚିତ୍କାର ନକରି, ଛୋଟ ଦୀପ ଶିଖାଟିଏ ଜାଳି ସୀମିତ ପରିବେଶକୁ ତ' ଆଲୋକିତ କରାଯାଇ ପାରିବ। ତେଣୁ ପ୍ରଚେଷ୍ଟା ଜାରି ରହୁ। ସାହିତ୍ୟ ଆମର ମାର୍ଗ ଦର୍ଶକ। ଦାନ୍ତେ, ଭୋଲଟାୟାର ଭଳି ଦାର୍ଶନିକମାନେ ଯଦି ନବ ଜାଗରଣ ସୃଷ୍ଟି କରି ପାରିଲେ, ସାହିତ୍ୟ କାହିଁକି ନୁହେଁ। ଆମେ ସାହିତ୍ୟ ମାଧ୍ୟମରେ ଲୋକଙ୍କୁ ସଚେତନ କରି ପାରିବା। ପ୍ରଥମେ ଆମ ପିଲାଙ୍କୁ ଆମ ସାହିତ୍ୟ ସହ ପରିଚିତ କରାଇବା। ଶୁଦ୍ଧ ଓଡ଼ିଆ କହିବା, ଶୁଦ୍ଧ ଓଡ଼ିଆ ଲେଖିବା। ବିଭିନ୍ନ ବିବାହ ବ୍ରତ, ଜନ୍ମଦିନରେ ପିଲାଙ୍କୁ ଓଡ଼ିଆ ବହିଟିଏ ଉପହାର ଦେବା। ନିମନ୍ତ୍ରଣ ପତ୍ର ଓଡ଼ିଆରେ ଛାପିବା। ସାହିତ୍ୟ ରଚନା ପାଇଁ ଯୁବବର୍ଗଙ୍କୁ ଉତ୍ସାହିତ କରିବା। ସାହିତ୍ୟ ସମ୍ମିଳନୀରେ ଅଧିକରୁ ଅଧିକ ଓଡ଼ିଆ ଲୋକଙ୍କୁ ସାମିଲ କରିବା ଏବଂ କିଛି ନୂଆ ମନଛୁଆଁ ସାହିତ୍ୟ ସୃଷ୍ଟି କରିବା। ଗୋଟିଏ ଜାତି ବା ଦେଶର ସାହିତ୍ୟରୁ ହିଁ ଅନୁମାନ କରିହୁଏ ସେ ଜାତି କେତେ ସମୃଦ୍ଧ। ତେଣୁ ଉଚ୍ଚାଙ୍ଗ ସାହିତ୍ୟ ରଚନାରେ ସାହିତ୍ୟିକମାନେ ବ୍ରତୀ ହେବା ଆବଶ୍ୟକ।

■ ଭଲ କବିତାର ସଂଜ୍ଞା କଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ ନିଶ୍ଚିତ ଭାବରେ ଯେଉଁ କବିତା ପାଠକର ହୃଦୟକୁ ଛୁଏଁ, ତାହା ହିଁ ଭଲ କବିତା। କିନ୍ତୁ ଏ କଥା ବି କୁହା ଯାଇପାରେ, କବିତା ଦୁଇ ପ୍ରକାରର। ଗୋଟିଏ ଆଙ୍ଗିକ ସାଜସଜ୍ଜାରେ ରୂପମୟୀ, ଆଉ ଗୋଟିଏ ଆତ୍ମିକ ବିଭବରେ ବିମଣ୍ଡିତ। ସାଧାରଣ ପାଠକଟିଏ ଉପରର ରୂପ ରଙ୍ଗକୁ ଦେଖି କବିତାଟି ବେଶ ଭଲ ହୋଇଛି ବୋଲି ମତ ଦିଅନ୍ତି। ମାତ୍ର ଜିଜ୍ଞାସୁ ପାଠକଟିଏ ସୂକ୍ଷ୍ମ ଦୃଷ୍ଟିକୋଣ ନେଇ କବିତାର ଅନ୍ତ ସ୍ୱରକୁ ଶୁଣେ, କବିତାର ଗଭୀରତାକୁ ମାପେ, ସେତେବେଳେ ସେ କବିତା ଶ୍ରେଷ୍ଠତାର ଆସନରେ ବସେ। ତେଣୁ କବିତାର ଭାଗ୍ୟ ନିର୍ଣ୍ଣାୟକ ହେଉଛନ୍ତି ସ୍ୱୟଂ ପାଠକ। ହଁ, ସାହିତ୍ୟ ମାଧ୍ୟମରେ ମାନସିକତା ପରିବର୍ତ୍ତନ ସମ୍ଭବ। ଅନେକ ଆଗରୁ ଗାଁ ଗାଁରେ ଭାଗବତ ଟୁଙ୍ଗି ରହିଥିଲା। ଲୋକେ ଭାଗବତର ନୀତିବାଣୀ ଶୁଣିକୁ କର୍ମରୁ ବିଚ୍ୟୁତ ହୁଅନ୍ତି। ଏବେ ମଧ୍ୟ ଆମେ ଶାସ୍ତ୍ର ସମ୍ମତ ଅନେକ କଥାକୁ ମାନି ଚାଲିଥାଉ। ଶ୍ରୀମଦ୍ ଭଗବତ ଗୀତା ପଢି ଅନେକ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆସିଛି। ଏକଥା ସେମାନେ ନିଜ ମୁହଁରେ ସ୍ୱୀକାର କରନ୍ତି। ତେଣୁ ଏମିତି କିଛି ସାହିତ୍ୟ ସୃଷ୍ଟି ହେଉ, ଯଦ୍ୱାରା ସମାଜ ସଂସ୍କାରିତ ହେବା ସହ ମଣିଷର ମାନସିକତାର ମଧ୍ୟ ପରିବର୍ତ୍ତନ ହୋଇପାରିବ।

■ ଓଡ଼ିଆ ଭାଷା ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?

■■ ଓଡ଼ିଆ ଭାଷା ସାହିତ୍ୟର ଭବିଷ୍ୟତ ଉଜ୍ଜଳ। କାରଣ ଏବେ ମଧ୍ୟ ଓଡ଼ିଆ ସାହିତ୍ୟର ଅନେକ ପାଠକ ଅଛନ୍ତି। ମୁଷ୍ଟିମେୟ ହେଲେ ମଧ୍ୟ ଗୋଟିଏ ଜାତିର ପରିଚୟ ବଂଚେଇବାକୁ ସେଇମାନେ ହିଁ ଯଥେଷ୍ଟ। ଏବେ ଦେଖନ୍ତୁ ପ୍ରକାଶନୀ ସଂସ୍ଥା ମାନଙ୍କର ସଂଖ୍ୟା ବଢିଛି। ଯଦିଓ ଆଗେ ବହି ଖଣ୍ଡେ ଛାପିବାକୁ ପ୍ରେସ ନ ଥିଲା। କଲିକତା ଯାଉଥିଲେ ବହି ଛାପିବା ପାଇଁ। ଏବେ କବି, ଲେଖକଙ୍କ ସଂଖ୍ୟା ବଢିଛି। ବହି ମଧ୍ୟ ଛପା ଯାଉଛି। ଯଦି କେହି ପଢୁ ନଥାନ୍ତେ ତେବେ ବହି ଛପା ଯାଆନ୍ତା କି ? ଆଜିକାଲି ଡିଜିଟାଲ ପ୍ଲାଟଫର୍ମରେ ଦେଖିବାକୁ ମିଳୁଛି ଅନେକ କବି, ଗାଳ୍ପିକଙ୍କୁ। ପୁସ୍ତକ ନହେଲେ ବି ଫେସବୁକ୍ କଳାପଟାରୁ ଲୋକେ ପଢୁଛନ୍ତି ତାଙ୍କ ପ୍ରିୟ କବି ଓ ଗାଳ୍ପିକଙ୍କୁ। ମତାମତ ବି ଦେଉଛନ୍ତି। ମାତ୍ର ଏହାର ସ୍ଥାୟୀତ୍ୱ ବେଶିଦିନ ନୁହେଁ। ପୁସ୍ତକଟିଏ ପ୍ରକାଶିତ ହେଲେ ସେ ରହିଯାଏ କାଳ କାଳକୁ। ତେଣୁ ଉତ୍କୃଷ୍ଟ ସାହିତ୍ୟ ରଚନାରେ କବିମାନେ ମନୋନିବେଶ କରନ୍ତୁ। ସାହିତ୍ୟର ପ୍ରଚାର ପ୍ରସାର ହେଉ। ଆଲୋଚନା ସମାଲୋଚନା ମଧ୍ୟରେ ସାହିତ୍ୟ ତାର ଜୟଯାତ୍ରା ବଜାୟ ରଖୁ। ଆଉ ରହିଲା ଅନୁବାଦ ସାହିତ୍ୟ। କିଛି ଭଲ ଲେଖା ଅନ୍ୟ ଭାଷାରେ ଅନୁବାଦ ହୋଇ ପାରିଲେ, ତାହା ବିଶ୍ୱ ଦରବାରରେ ନିଜର ସ୍ୱାତ୍ୟନ୍ତ ବଜାୟ ରଖି ପାରିବ, ଏଥିରେ ଦ୍ୱିମତ ନାହିଁ। ଏଥିପାଇଁ ପ୍ରୟାସ ଲୋଡ଼ା, ଆନ୍ତରିକତା ଲୋଡ଼ା।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ।

■■ ସାହିତ୍ୟରେ ପୁରସ୍କାର ହୋଇପାରେ ଆଗକୁ ବଢିବାର ଏକ ପ୍ରେରଣା, ଏକ ସାମୟିକ ଆନନ୍ଦ। ମାତ୍ର ଏହା ସାହିତ୍ୟର ମାପକାଠି ନୁହେଁ। କାରଣ ଆଜିକାଲି ସାହିତ୍ୟ ପ୍ରବୃତ୍ତି ନହୋଇ ବୃତ୍ତି ପାଲଟିଛି। ଯାହା ସାହିତ୍ୟ ପାଇଁ ଆଦୌ ଶୁଭପ୍ରଦ ନୁହେଁ। କିଛି ପୁରସ୍କାର ସର୍ବସ୍ୱ ତୋଷାମଦ କାରି ବ୍ୟକ୍ତି ବିଶେଷ ପୁରସ୍କାର ହାତେଇବାକୁ ନାନା ପ୍ରକାର କଳା କୌଶଳ ଆପଣଉଛନ୍ତି। ଏହା ଦ୍ୱାରା ଭଲ ସାହିତ୍ୟିକଟିଏ ପୁରସ୍କାର, ସମ୍ମାନ ପାଇବାରୁ ବଂଚିତ ହେଉଛି। ତେଣୁ ସାହିତ୍ୟରେ ସ୍ୱଚ୍ଛତା ରହୁ। ଅନେକ ପୁରସ୍କାର ପ୍ରାପ୍ତ କବିତା, ଗଳ୍ପଠାରୁ ପୁରସ୍କାର ପାଇ ନଥିବା ସାହିତ୍ୟ ଢେର ଉର୍ଦ୍ଧ୍ୱରେ। ପାଠକୀୟ ଶ୍ରଦ୍ଧା, ସମ୍ମାନ ହିଁ ଜଣେ ସାହିତ୍ୟିକ ପାଇଁ ସବୁଠାରୁ ମୂଲ୍ୟବାନ ପୁରସ୍କାର। ଜଣେ ସତ ସାହିତ୍ୟିକ ପୁରସ୍କାର ଆଶାରେ କେବେ କିଛି ଲେଖେ ନାହିଁ। ତାର ପ୍ରବୃତ୍ତି ହେଉଛି ସେ ସାହିତ୍ୟ ରଚନା କରିବ ଏବଂ ପ୍ରବୃତ୍ତିରେ ରହିଲେ ହିଁ ସେ ଜଣେ ଭଲ ସାହିତ୍ୟିକର ମାନ୍ୟତା ପାଇବ ନିଶ୍ଚୟ। ସାହିତ୍ୟରେ ବାର୍ତ୍ତାଟିଏ ରହିବ ନିଶ୍ଚୟ। ମୁଁ କହିବି ସାହିତ୍ୟରେ ମଣିଷପଣିଆ କଥା ରହୁ, ଯେଉଁଟିର ଘୋର ଅଭାବ ଦେଖା ଦେଇଛି ଆଜିର ସମାଜରେ। ଯୋଉଁଥିପାଇଁ ନାନାଦି ସାମାଜିକ ବିଶୃଙ୍ଖଳା, ତ୍ରୁଟି ବିଚ୍ୟୁତି ଦେଖା ଦେଉଛି ମଣିଷ ଜୀବନରେ। ତେଣୁ ଭଲ ମଣିଷଟିଏ ଗଢିବାର ପ୍ରୟାସ ରହୁ ସାହିତ୍ୟର। ଭଲ ମଣିଷଟିଏ ସୃଷ୍ଟି ହେଲେ ଆଉ କଣ ଦରକାର। ସେ ହିଁ ତ ଗଢ଼ିଦେବ ରାମରାଜ୍ୟ। ଶାନ୍ତିର ସହାବସ୍ଥାନ ପାଇଁ ସାହିତ୍ୟ ହିଁ ଦେବଦୂତ ସାଜୁ, ସମାଜରୁ କୁସଂସ୍କାର, ଯେତେ ଯେତେ ଅସୂୟା ଅନ୍ଧାର ଦୂର କରି ନୂତନ ଆଲୋକରେ ଉଦ୍ଭାସିତ ହେଉ, ଏହାହିଁ ସମସ୍ତଙ୍କର କାମ୍ୟ ହେଉ। ♥♥

■ ଅକ୍ଷରେ ଇନ୍ଦୁମତୀ ପାତ୍ର



ପିତା - ସ୍ୱର୍ଗତ ହରିହର ପାତ୍ର
ମାତା - କିରଣବାଳା ପାତ୍ର
ସ୍ୱାମୀ - ଯୋଗେନ୍ଦ୍ର କୁମାର ସାହୁ
ଜନ୍ମ ତାରିଖ - ୦୭.୦୭.୧୯୬୫
ଜନ୍ମ ସ୍ଥାନ - କେନ୍ଦୁଝର ସହର ନିକଟସ୍ଥ ରାଙ୍କି ଗ୍ରାମ
ବର୍ତ୍ତମାନର ଠିକଣା : ଗୌର ତୋଟା ସାହି
କେନ୍ଦୁଝର ଗଡ଼ - ୭୫୮୦୦୧
(ମୋ) - ୯୮୬୧୬୪୯୦୨୯

**ପ୍ରକାଶିତ ପୁସ୍ତକ**

୧- ପୁଣ୍ୟତୋୟା ର ପୃଥିବୀ ( କବିତା ସଂକଳନ )
୨- ପୁନଶ୍ଚ ପୁଣ୍ୟତୋୟା (କବିତା ସଂକଳନ ) ୨୦୧୮
୩- ମରୁମାୟା ( ଗଳ୍ପ ସଂକଳନ )୨୦୧୯
୪- ଏବଂ ଆଉ ଥରେ ( କବିତା ସଂକଳନ ) ୨୦୨୪
୫- ଖୁଦୁରୁକୁଣୀ (ଗୀତ ସଂକଳନ) ୨୦୨୫



ସୁଖୀ ପରିବାର : ସ୍ୱାମୀ ଯୋଗେନ୍ଦ୍ର କୁମାର ସାହୁଙ୍କ ସହ ଲେଖିକା ଇନ୍ଦୁମତୀ ପାତ୍ର...



ସାହିତ୍ୟ ସଭାରେ ଲେଖିକା ଇନ୍ଦୁମତୀ ପାତ୍ର...





ସମ୍ବର୍ଦ୍ଧିତ ହେବାର ସ୍ମରଣୀୟ ମୁହୂର୍ତ୍ତ...

ଧାରାବାହିକ ଉପନ୍ୟାସ

# ଭିନ୍ନ ଏକ ବିଦେଶିନୀ

ଡ.ରତିକାନ୍ତ ବେହେରା



ଜୀବନ ଯେ ଜହର ନୁହଁ, ଅମୃତର ଗନ୍ତାଘର, ସକଳ ପ୍ରତିକୂଳତାକୁ ସମ୍ମୁଖୀନ ହୋଇ ଆତ୍ମପ୍ରତ୍ୟୟ ଆଧାରରେ ବଞ୍ଚିବାକୁ ପଡ଼େ, ଏହି ବାସ୍ତବତାକୁ ଜେନି ଚରିତ୍ର ମଧ୍ୟରେ ପ୍ରସ୍ଫୁଟିତ କରାଇଛନ୍ତି ଔପନ୍ୟାସିକ। ଧର୍ମ ଓ ଈଶ୍ୱରଙ୍କୁ ନେଇ ଏଠାରେ ଯେଉଁ ଅହରହ ସଂଘର୍ଷ ତାହାକୁ ପରିସମାପ୍ତି ପାଇଁ ସୂକ୍ଷ୍ମ ବିଚାରଟିଏ ଏହି ଉପନ୍ୟାସରୁ ପରିଦୃଷ୍ଟ ହୁଏ । ଅବଧୂତ ବାବାଙ୍କ ଭଳି ତ୍ୟାଗୀ ଫକୀର ଚରିତ୍ରଟିଏ ଖଞ୍ଜି ଦେଇ ତାଙ୍କ ଦ୍ୱାରା ଜେନିର ଚିନ୍ତାରାଜ୍ୟରେ ପରିବର୍ତ୍ତନ ଆଣି ଗୋସେବା, ପଶୁଜଗତରେ ଈଶ୍ୱରୀୟ ସତ୍ତାର ଉପଲବ୍ଧିକୁ ଦେଖାଇଛନ୍ତି ଔପନ୍ୟାସିକ ।

ଡ. ବେହେରାଙ୍କର 'ଭିନ୍ନ ଏକ ବିଦେଶିନୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୨୯

॥ ଶ୍ରୀମନ୍ଦିର ॥

ସ୍ୱାମୀଜୀଙ୍କର ଏତାଦୃଶ ପରାମର୍ଶରେ ଜେନି ଆଦୌ ଉତ୍ସାହିତ ହେଲା ନାହିଁ। ତାଙ୍କ ଚକ୍ଷୁଯୁଗଳ ଜେନି ଉପରେ ଥିଲା ନିବଦ୍ଧ, ଖୋଜୁଥିଲା ଗୋଟେ ସକାରାତ୍ମକ ପ୍ରତିଶ୍ରୁତି। ଅଥଚ ଜେନି ସେ ସଂପର୍କରେ ଆଦୌ କୌଣସି ଆଲୋଚନା ନ କରି, ଆଳତିମଣ୍ଡପ କ୍ରମେ ଶୂନ୍ୟ ହୋଇ ଆସୁଥିବା ଦେଖି ନିର୍ବାକ ଫେରିଆସିଲା ରାଧିକାମାତାଙ୍କ କକ୍ଷକୁ। ଅନ୍ୟ କୌଣସି କକ୍ଷ ତା' ପାଇଁ ନିର୍ଦ୍ଧାରିତ ନ ହେବା ପର୍ଯ୍ୟନ୍ତ ସେ ସେଇଠାରେ ଅବସ୍ଥାନ କରିବ, ଯେହେତୁ ଉଭୟେ ଥିଲେ ଏକାତ୍ମ।

ରାଧିକାମାତା ବି ସେଇ ଏକାକଥା ସୂଚିତ କରିଥିଲେ ଜେନିକୁ। ଜେନି କେବଳ ଏତିକି କହିଲା- "ମୋତେ ଟିକେ ସମୟ ଦିଅନ୍ତୁ ମାତାଜୀ। ରଥଯାତ୍ରା ପରେ ହିଁ ମୁଁ ଏ ସଂପର୍କରେ ସଠିକ୍ ସିଦ୍ଧାନ୍ତ ନେଇ ପାରିବି। ଅନ୍ତତଃ ତା' ପୂର୍ବରୁ ନୁହେଁ।"

କେତେବର୍ଷ ତଳେ ୟୁନିଭରସିଟିର ଛାତ୍ରୀ ଥିଲାବେଳେ, ଜେନି କେଉଁଠୁ ଶୁଣିଥିଲା ଅଥବା ପଢ଼ିଥିଲା, ଇସକନ୍ ସଂସ୍ଥାର ଫାଉଣ୍ଡର୍ ଶ୍ରୀ ଶ୍ରୀ ପ୍ରଭୁପାଦ ଥିଲେ କୃଷ୍ଣଙ୍କର ଜଣେ ପରମ ଭକ୍ତ। ତାଙ୍କର ସବୁ ଅବସ୍ଥାକୁ ଆବୋରି ବସିଥିଲେ କୃଷ୍ଣ। ଚିନ୍ତା ଚେତନା ଓ କାୟୋମନବାକ୍ୟରେ ସେ ହୋଇଯାଇଥିଲେ କୃଷ୍ଣମୟ। ଏଥିରେ ସେ ଥିଲେ ଏକ ପ୍ରକାର ପାଗଳ। ଅହର୍ନିଶ ସେ କୃଷ୍ଣ ନାମକୁ ଭଜନ, କୀର୍ତ୍ତନ, ମନନ ଓ ଜପ କରୁଥିଲେ। କୃଷ୍ଣ ନାମରେ ସେ ସିଦ୍ଧିପ୍ରାପ୍ତ ହୋଇଥିଲେ କେତେବର୍ଷ ଅନ୍ତେ। ସେଇ ଚେତନାକୁ ବିଶ୍ୱମୁଖୀ କରାଇବା ଲକ୍ଷ୍ୟରେ ସେ ବିଦେଶ ଭ୍ରମଣ କଲେ। ତାଙ୍କର କୃଷ୍ଣ ନାମ ଉଚ୍ଚାରଣ ବିଦେଶୀ ଖ୍ରୀଷ୍ଟିୟାନ୍‌ମାନଙ୍କ କର୍ଣ୍ଣକୁ କୁଆଡ଼େ 'କ୍ରାଇଷ୍ଟ' 'କ୍ରାଇଷ୍ଟ' ବୋଲି ଶୁଣାଯାଉଥିଲା। ଥୋକେ ଧରିନେଲେ ଖ୍ରୀଷ୍ଟଧର୍ମର ଏ ଜଣେ ପ୍ରାଚ୍ୟ ପାଗଳ ଓ ପ୍ରଭୁ ଯୀଶୁଙ୍କର ଜଣେ ପରମ ଭକ୍ତ। ତାଙ୍କ ଆଧ୍ୟାତ୍ମିକ ପ୍ରବଚନରେ କି ଯାଦୁଥିଲା କେଜାଣି, ଫଳସ୍ୱରୂପ ଅନେକ ତାଙ୍କର ଭକ୍ତ ହୋଇଗଲେ ଏବଂ ସେଇ କ୍ରମରେ ବିଦେଶ ମାଟିରେ ଗଢ଼ି ଉଠିଥିଲା 'ଆନ୍ତର୍ଜାତିକ କୃଷ୍ଣ ଚେତନା' ବା 'ଇସ୍କନ୍ ସଂସ୍ଥା।' ଭାରତ ଏବଂ ଭାରତ ବାହାରେ ଅନେକତ୍ର ସ୍ଥାପିତ ହୋଇଛି ଏଇ ସଂସ୍ଥା ବା ଅନୁଷ୍ଠାନ। ସ୍ୱାମୀ ବୋଧାନନ୍ଦ ଓ ରାଧିକାମାତା ପ୍ରମୁଖ ସେହି ବିଶ୍ୱତୋମୁଖୀ ସଂସ୍ଥାର ଜଣେ ଜଣେ ଭକ୍ତ ସନ୍ନ୍ୟାସୀ ଓ ସନ୍ନ୍ୟାସିନୀ। ଜେନିକୁ ସେହି ସଂସ୍ଥାର ଜଣେ ସନ୍ନ୍ୟାସିନୀ ରୂପେ ଦେଖିବାକୁ ଏମାନଙ୍କର ଇଚ୍ଛା।

ଭାରତୀୟ ପନ୍ଥ, ପଥ ଓ ଆନୁଷ୍ଠାନିକ ଧର୍ମ ସଂସ୍ଥା ଭିତରେ ଜେନି ପ୍ରଥମ କରି ଅନୁଭବ କଲା ନିଜ ଭିତରେ ଉପୁଜିଥିବା ଦ୍ୱନ୍ଦ୍ୱ। ଭାରତରେ ବହୁ ଦେବଦେବୀ ପୂଜିତ ହୁଅନ୍ତି। ଭିନ୍ନ ଭିନ୍ନ ଲୋକଙ୍କର ଭିନ୍ନ ଭିନ୍ନ ଠାକୁର। ପୁଣି କେହି କେହି ଅନେକ ଠାକୁରଙ୍କୁ ପୂଜା ଆରାଧନା କରନ୍ତି। ବିଭିନ୍ନ ପୂଜା ଓ ପର୍ବପର୍ବାଣୀରେ ବିଭିନ୍ନ ଦେବଦେବୀଙ୍କୁ ପୂଜା କରନ୍ତି । ଅଭୀଷ୍ଟଫଳ କାମନା କରନ୍ତି। ତେବେ କେଉଁଟା ସତ୍ୟ ଓ କେଉଁଟା ମିଥ୍ୟା ?

ଏ ସମ୍ପର୍କରେ ରାଧିକାମାତାଙ୍କୁ ଜେନି ପଚାରି ଯାହା ବୁଝିଲା, କୌଣସି ଦେବଦେବୀ ମିଥ୍ୟା ନୁହନ୍ତି, ସବୁ ଦେବାଦେବୀ ସତ୍ୟ। ସବୁ ସେହି ଗୋଟିଏ ସତ୍ତାର ଭିନ୍ନ ଭିନ୍ନ ଅବସ୍ଥା ଓ ରୂପର ପରିପ୍ରକାଶ। ଯିଏ ଯେମିତି ଭାବରେ ଓ ଯେମିତି ରୂପରେ ପୂଜା କରନ୍ତି, ବିଶ୍ୱନିୟନ୍ତା ସେହି ସେହି ରୂପରେ ତାଙ୍କୁ ବରଦାନ କରିଥାନ୍ତି।

ପରଦିନ ହେଲା ପ୍ରଭୁଙ୍କର ସ୍ନାନଯାତ୍ରା। ଜେନି ମଠଛାଡ଼ି ଚାଲିଆସିଲା ବଡ଼ଦାଣ୍ଡକୁ। ପହିଲେ ସିଂହଦ୍ୱାର। ଭିଡ଼ ଭିତରୁ, ଯେଉଁଠି ପୂର୍ବର ଅଭ୍ୟାସଗତ ଭାବେ ଜେନି ପତିତପାବନଙ୍କୁ ଦର୍ଶନ କରିଥାଏ, ସେଇଠି ଛିଡ଼ାହୋଇ ସେ ଦର୍ଶନ କଲା ପ୍ରଭୁଙ୍କୁ।

ଦୀର୍ଘଦିନ ବିଚ୍ଛେଦର ପରବର୍ତ୍ତୀ ମିଳନ ଥିଲା ଯେମିତି ଏ ଦର୍ଶନ। ଆବେଗରେ କଣ୍ଠରୁ ନିସୃତ ହେଲା ଗୀତଟିଏ। ଜେନି ଗୁଣୁ ଗୁଣୁ ହୋଇ ଗାଇଲା ଗୀତ।

ବରଷ ବରଷ ପ୍ରତୀକ୍ଷା ମୋହର<br>
ତୁମରି ଦର୍ଶନ ଲଭିବା ପାଇଁ<br>
ଗୋପପୁର ଛାଡ଼ି ତୁମ ଗୋପାଳୁଣୀ<br>
ଆସିଅଛି ପରା ଧାଇଁ ।

ଏତେଦିନ ଧରି ଯାହାଙ୍କର ଦର୍ଶନ ଲାଭ ହୋଇନାହିଁ, ଆଜି ସବୁକିଛି ନୂଆକରି ଦେଖୁଛି ଜେନି। ସବୁକିଛି ଲାଗୁଛି ନୂତନ। ଯେତେ ଦେଖିଲେ ବି ତୃଷା ମେଣ୍ଟୁ ନଥିଲା ସେ ଦର୍ଶନରେ। ଚକ୍ଷୁ ଯୁଗଳ ପାନ କରିଯାଉଥିଲେ ଦର୍ଶନ ସୁଧା।

କିଛିକ୍ଷଣ ପରେ ଦର୍ଶନ ସାରି ଜେନି ଅପସାରିତ ହୋଇ ଆସିଲା ସ୍ନାନବେଦୀ ସମ୍ମୁଖକୁ। ଦେଖିଲା, ପ୍ରଭୁଙ୍କର ସ୍ନାନନୀତି ସରି ସରି ଆସୁଛି। ଆନନ୍ଦରେ ଉଦ୍‌ବେଳିତ ହେଲା ମନ। ଦୁଇଧାର ଲୁହ ନିଷ୍କଳିତ ଆଖିକୋଣରୁ ନିଗିଡ଼ି ପଡ଼ିଲା। ବରାଭୟ ମୁଦ୍ରାରେ ବାହୁଯୁଗଳ ପ୍ରସାରିତ କରି ଭକ୍ତବୃନ୍ଦଙ୍କୁ ଆଶିଷ ପ୍ରଦାନ କରୁଛନ୍ତି ପ୍ରଭୁ। ଭାବରେ ମଜ୍ଜି ଯାଇଛନ୍ତି ଲକ୍ଷଲକ୍ଷ ଜନତା ବଡ଼ଦାଣ୍ଡରେ। ନୃତ୍ୟଗୀତରେ ସମସ୍ତେ ମସଗୁଲ। ସେମାନଙ୍କ ସହିତ ଜେନି ବି ମିଶେଇ ଦେଲା ନିଜକୁ। ପ୍ରଭୁଙ୍କ ପ୍ରତି କୃତଜ୍ଞତାରେ ଛଳ ଛଳ ହୋଇଯାଉଛି ଚକ୍ଷୁ ଓ ହୃଦୟ। ଏକମାତ୍ର ସେ ଭକ୍ତ ନୁହେଁ। ସମସ୍ତଙ୍କୁ ସବୁମତେ ସେମାନଙ୍କର ଇଚ୍ଛା ପୂରଣ କରିଛନ୍ତି ପ୍ରଭୁ । ତା'ର ବି ଅଭୀଷ୍ଟ ପୂରଣ କରିଛନ୍ତି ସେ । ସେଇଥିପାଇଁ ଏ ଲୁହ, ଭକ୍ତି ଓ କୃତଜ୍ଞତାର।

ଏବେ ଆଉ ଏକ ଇଚ୍ଛା ଜାଗି ଉଠୁଛି ମନତଳେ। ସଂକୋଚ ଲାଗୁଛି ଆଉ କିଛି ମାଗିବାକୁ ପ୍ରଭୁଙ୍କୁ। ତଥାପି ନିଜର ସଂଗୁପ୍ତ ଇଚ୍ଛାଟିକୁ ବ୍ୟକ୍ତ କରିଦେଲା କାଳିଆ ଆଗରେ। 'ପ୍ରଭୁ ! ଛୋଟ ଏକ ଇଚ୍ଛା ତୁମକୁ ଜଣାଉଛି ପ୍ରଭୁ ! ପ୍ରତିଦିନ ତୁମ ମନ୍ଦିରକୁ ଯାଇ ରତ୍ନସିଂହାସନରେ ତୁମକୁ ଦର୍ଶନ କରନ୍ତି, ଆରାଧନା କରନ୍ତି, ଏତକ ଅନୁକଂପା କରନ୍ତନି ପ୍ରଭୁ ?'

ଏହାପରେ ହଠାତ୍ ଭୟଭୀତ ହୋଇ ପଡ଼ିଲା ଜେନି। ଏ କ'ଣ ସଂଭବ ? ସେ ବିଧର୍ମୀ, ଖ୍ରୀଷ୍ଟିୟାନ୍। ମନେପଡ଼ିଲା ସେ ଦିନର ଘଟଣା। ଅଜାଣତରେ ସେ ଲୋକଗହଳି ଭିତରେ ପଶିଯାଉଥିଲା ଶ୍ରୀମନ୍ଦିର ଭିତରକୁ। ଏଥିପାଇଁ ଅନେକ ଲାଞ୍ଛନା ତାକୁ ସହିବାକୁ ହେଲା। ପୁଣି ଆଜି ସେ ଇଚ୍ଛା କାହିଁକି ?

ଭୟରେ ଆଖିପତା ମୁଦି ହୋଇ ଆସିଲା ଜେନିର। ପ୍ରଣାମ କରି ସେ ଫେରି ଆସିଲା ମଠକୁ। ହାତୀବେଶ ଦେଖିବା ପର୍ଯ୍ୟନ୍ତ ଅଟକିଲା ନାହିଁ। ଫେରିବା ରାସ୍ତାରେ ଗୁରେଇତୁରେଇ ସେଇ ଏକାକଥା ମନରେ ଜାଗି ଉଠୁଥିଲା। ସେ ମନ୍ଦିର ଭିତରେ ପ୍ରବେଶ କରିପାରିବ ନାହିଁ, କିନ୍ତୁ କାହିଁକି ? ସେ ଇଂଲଣ୍ଡର ଅଧିବାସୀ ବୋଲି ? ଖ୍ରୀଷ୍ଟିୟାନ୍ ବୋଲି ? ଗୋରା ଚମଡ଼ା, ସୁନେଲି ରଂଗର କେଶ ବୋଲି ? ଜଣେ କଳାରଂଗର ଭାରତୀୟ ଖ୍ରୀଷ୍ଟିୟାନ୍ ଚାହିଁଲେ ଅନାୟାସରେ ତ ଯାଇପାରିବ ମନ୍ଦିର ଭିତରକୁ, ରତ୍ନସିଂହାସନରେ ଦର୍ଶନ କରିପାରିବ ଜଗନ୍ନାଥଙ୍କୁ ? ଆନନ୍ଦ ବଜାରରେ ବୁଲି ପ୍ରସାଦ ସେବନ କରିପାରିବ ? ତାଙ୍କୁ ତ ଏମାନେ ଅଟକେଇ ମାଡ଼ ମାରି ପାରିବେ ନାହିଁ ?

ସେବାୟତମାନଙ୍କର ଏ ଯେମିତି ତା' ପାଇଁ ଅନ୍ୟାୟ। ପକ୍ଷପାତ ରୀତି। ଈଶ୍ୱର ସଭିଙ୍କର, ସଭିଏଁ ଈଶ୍ୱରଙ୍କର।

ମନ ଝଗଡ଼ି ଉଠୁଥିଲା ଜେନିର। ଅନ୍ତଃକରଣରେ ସେ ହିନ୍ଦୁ, ତା'ର ପୂର୍ବଜ ଥିଲେ ଭାରତୀୟ, ପୁଣି ଏଇ ପୁରୀଧାମରେ। ତେବେ ସେ ମନ୍ଦିର ଯାଇ ପାରିବ ନାହିଁ କାହିଁକି ?

ଜେନିର ମନ କହୁଥିଲା ସେ ଅନଶନ କରିବ ଏଥିପାଇଁ ସିଂହଦ୍ୱାର ନିକଟରେ। ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଯିଏ ଅସଲ ଭକ୍ତ ସେ କାହିଁକି ଯାଇ ପାରିବ ନାହିଁ ଶ୍ରୀମନ୍ଦିର ଭିତରକୁ? ଏଥିରେ ତା'ର ଯଦି ମୃତ୍ୟୁ ହୋଇଯାଏ, ତାହେଲେ ତା ପାଇଁ ଏହା ଶ୍ରେୟ ହେବ। ଅନ୍ତତଃ କାଳିଆ ତ ବୁଝିବ, ତା'ର ଜଣେ ବିଦେଶାଗତ ଭକ୍ତ ତାକୁ ରତ୍ନସିଂହାସନରେ ଦର୍ଶନ କରିବା ପାଇଁ ମନ୍ଦିର ପ୍ରବେଶ ନିମନ୍ତେ ଅନଶନ କରି ପ୍ରାଣ ବିସର୍ଜନ କରିଛି। ତାହାହିଁ ହେବ ତାର ମୋକ୍ଷ। ସେ ଲୀନ ହୋଇଯିବ ତାଙ୍କରିଠାରେ । ମୃତ୍ୟୁ ପରେ ତାର ଆତ୍ମା ଅନାୟାସରେ ପ୍ରବେଶ କରପାରିବ ଶ୍ରୀମନ୍ଦିର ଓ ଗର୍ଭଗୃହ । ରତ୍ନସିଂହାସନରେ ପ୍ରଭୁଙ୍କ ଦର୍ଶନ କରିପାରିବ।

ଏମିତି ଉଦ୍ଭଟ ଭାବନାରେ ଛନ୍ଦି ହୋଇଗଲା ଜେନି। ଏଥିପାଇଁ ବିଷର୍ଣ୍ଣ ହୋଇପଡ଼ିଲା ସେ। କେତେବେଳେ ଚାଲି ଚାଲି ଆସି ସେ ପହଞ୍ଚି ସାରିଥିଲା ମଠରେ।

"ଦୀର୍ଘଦିନର ବ୍ୟବଧାନ ପରେ ପ୍ରଭୁଙ୍କୁ ଦର୍ଶନ କରିବାର ତୃଷା ବୋଧେ ମେଣ୍ଟିଲା ନାହିଁ ଜେନି ? ସେଥିପାଇଁ ଏତେ ବିଷର୍ଣ୍ଣତା ?" ମଠରେ ରାଧିକାମାତା ପ୍ରଶ୍ନ କଲେ ଜେନିକୁ।

"କହି ପାରିବେ ଭଉଣୀ,ତାଙ୍କ ଦର୍ଶନରେ ଦର୍ଶନ-ତୃଷା ମେଣ୍ଟେ ନାହିଁ କାହିଁକି ? ଇଚ୍ଛା ହୁଏ ପ୍ରତିଦିନ ଦର୍ଶନ କରିବାକୁ। ତାହା ମୋ ପାଇଁ କପରି ବା ସଂଭବ ହୋଇପାରନ୍ତା ? ସେଥିପାଇଁ ବିଷର୍ଣ୍ଣତା ଯାହା ମନକୁ ଆକ୍ରାନ୍ତ କରି ରଖିଛି ମେଘ ପରି।" କହିଲା ଜେନି।

"ସଂଭବ। ସବୁ ସଂଭବ ଜେନି। ସେହି ବିଷାଦକୁ ପ୍ରସାଦ ଭାବେ ସେବନ କରୁଥାଅ। ନିଶ୍ଚୟ ଉପାୟ ବତେଇବେ ସେ। ଦର୍ଶନ ଦେବେ ତୁମକୁ ପ୍ରତ୍ୟହ ଅଥବା ତୁମେ ତୁମ ଇଚ୍ଛାମତେ ତାଙ୍କୁ ଦର୍ଶନ କରି ପାରିବ।"

ଜେନିର ମନତଳେ ଗୋଟେ ସଂକଳ୍ପ ତିଆରି ହେଉଥିଲା, ଅନଶନ କରିବ ଅଥବା ଆତ୍ମଦାହ କରିବ ସେ ଏଥିପାଇଁ । ଏ ସଂପର୍କରେ ରାଧିକାମାତାଙ୍କୁ କିଛି କହିଲା ନାହିଁ ଜେନି। ଏଇକଥାକୁ ଭାବି ଭାବି ସେ ଶୋଇଗଲା ରାତିରେ। ରାତିର ଶେଷ ଯାମରେ ବିଛଣା ଛାଡ଼ିବା ପରେ ଗୋଟେ ନୂଆ ଚେତନା ମନ ମଧ୍ୟରେ ଉଦ୍‌ଭାସିତ ହେଲା । ଆନନ୍ଦ ! ତା'ପରି କେଡ଼େ ନିସଙ୍ଗ ଜୀବନ ତା'ର । ଦରଦୀ ହୃଦୟର ମଣିଷଟିଏ । ତାକୁ ଯଦି ଜୀବନସାଥୀ କରି ନିଅନ୍ତା, ତା'ହାଲେ ଗୋଟିଏ କାର୍ଯ୍ୟରେ ତା'ର ସମସ୍ତ ଆଶା ଆକାଂକ୍ଷା ପୂରଣ ହୋଇପାରନ୍ତା ! ତା' ପୂର୍ବଜ ହରେଇଥିବା ହିନ୍ଦୁତ୍ୱ ପାଇପାରନ୍ତା । ଅଧିକାର ମିଳି ଯାଆନ୍ତା ମନ୍ଦିର ପ୍ରବେଶ କରିବାର । ସବୁ ସମସ୍ୟାର ହୋଇଯାଆନ୍ତା ସମାଧାନ ।

ଏତିକିବେଳେ ରାଧିକାମାତା ପ୍ରସ୍ତାବ ଦେଲେ, "ଜେନି ! ଚାଲ ଆମେ ମହୋଦଧିକୁ ସ୍ନାନ ନିମନ୍ତେ ଯିବା । ସ୍ନାନପୂର୍ଣ୍ଣିମାର ପରଦିନ ବ୍ରାହ୍ମମୁହୂର୍ତ୍ତରେ ମହୋଦଧି ସ୍ନାନ କଲେ, ଅନେକ ପୁଣ୍ୟଫଳ ମିଳିଥାଏ।"

"ଓଃ, ନିଶ୍ଚୟ । ପୁଣ୍ୟ ପ୍ରାପ୍ତି ନହେଲେ ବି ମହୋଦଧିରେ ସ୍ନାନ କରିବାର ଅନୁଭୂତି ତ ମିଳିପାରିବ।"

କାଳିଅନ୍ଧାରରୁ ସେମାନେ ଗଲେ ମହୋଦଧି ସ୍ନାନ ନିମନ୍ତେ । ପଥ ମଧ୍ୟରେ ଜେନି ପଚାରିଲା- "ଦିଦି ! ମଣିଷର ଧର୍ମ ବଦଳି ଗଲେ ରକ୍ତର ରଂଗ କ'ଣ ବଦଳେ? ଯଦି ନୁହେଁ, ତାହାଲେ ଧର୍ମ ଓ ଈଶ୍ୱରଙ୍କୁ ନେଇ ଏତେ ସବୁ ସଂଘର୍ଷ, ବାଦ ବିସଂବାଦ କାହିଁକି ଲାଗି ରହିଛି ଏ ସଂସାରରେ ?"

"ତାହାହିଁ ମଣିଷର କ୍ଷୁଦ୍ରତା । ଯେଉଁମାନେ ଯଥାର୍ଥ ଈଶ୍ୱରଙ୍କର ଉପାସକ, ଈଶ୍ୱରଙ୍କ ଭିତରେ ଆଦୌ ଫରକ ଦେଖନ୍ତି ନାହିଁ, ସେମାନେ ଏ ବିଭେଦ ଠାରୁ ଉର୍ଦ୍ଧ୍ୱରେ ।" ସଂକ୍ଷେପରେ ଉତ୍ତର ଦେଲେ ରାଧିକାମାତା।

ରାସ୍ତାରେ ଚାଲୁଥିଲେ ଦୁହେଁ ସମାନ୍ତରାଳ ଭାବେ। ରାଧିକାମାତାଙ୍କ ଉତ୍ତର ଶୁଣି ଚୁପ୍ ରହିଲା ଜେନି।

(କ୍ରମଶଃ)

♥ କୃଷ୍ଣନଗର, ଅଙ୍ଗାରଗଡ଼ିଆ,<br>
ବାଲେଶ୍ୱର - ୭୫୬୦୦୧<br>
(ମୋ): ୯୪୩୯୪୪୨୯୪୨

# ଉଚିତ୍ ଶିକ୍ଷା

ଅନିତା ପଟ୍ଟନାୟକ



ମା' ରନ୍ଧାରନ୍ଧି କାର୍ଯ୍ୟର ବ୍ୟସ୍ତ ଥାଆନ୍ତି। ପୁଅ ସତ୍ୟ ଦଉଡି ଆସି ପଚାରିଲା, ମା ପାଠ କାହିଁକି ପଢ଼ନ୍ତି ? ମା, କହିଲେ ମୁଁ ବେଶି ପାଠ ପଢ଼ିନି, ବାପାଙ୍କୁ ପଚାର। ସତ୍ୟ ଦଉଡି ଯାଇ ସମାନ ପ୍ରଶ୍ନ ବାପାଙ୍କୁ ପଚାରିଲା। ବାପା କହିଲେ, ଜ୍ଞାନ ଓ ଜୀବିକା ଅର୍ଜନ ପାଇଁ ପାଠ ପଢ଼ନ୍ତି। ପୁଅ ପଚାରିଲା ଆମ ଶରୀରର ସବୁ ଅଙ୍ଗର ନାଁ ଅଛି। ଯଥା ହାତ, ଗୋଡ଼, ପାଟି ଇତ୍ୟାଦି। ତେବେ ଆମ ଶରୀରର କେଉଁ ଅଙ୍ଗଟି ପାଠ ପେଢ଼ ? ବାପା କହିଲେ, ଆତ୍ମା ହିଁ ପାଠ ପେଢ଼, ଯାହାକୁ ପାଠ ପଢ଼ାଇବାର ଆଦୌ ଆବଶ୍ୟକତା ନାହିଁ କାରଣ ସେ ସବୁ ପାଠ ପଢ଼ିଛି ଓ ଯାହା କହିଲେ ଯାହା ଶିକ୍ଷା ଦେଲେ ସେ ଖାଲି ହୁଁ ମାରୁଥାଏ। ଏହି ଉତ୍ତର ସତ୍ୟର ବୋଧଗମ୍ୟ ହେଲାନାହିଁ।

ତା'ପରଦିନ ସତ୍ୟ ଶିକ୍ଷକଙ୍କୁ ପଚାରିଲା ସାର୍, ଆମେ ଦେଶରେ ଏପରି ଶିକ୍ଷାନୀତି କାହିଁକି ? ପିଲାଦିନୁ ୭୦ଭାଗ ଭୁଲ କହିଲେ ଚଳିବ ଓ ୩୦ ଭାଗ ଠିକ୍ କେଲ ଅମେ ଉତ୍ତୀର୍ଣ୍ଣ ହେବୁ ବୋଲି କାହିଁକି ଶିକ୍ଷା ଦିଆଯାଉଛି ? ସେ ୩୦ ପ୍ରତିଶତ ମଧ ଅମେ ଶିକ୍ଷାକରି ହାସଲ କରିପାରୁନାହୁଁ। ତେଣୁ ପ୍ରାୟ ୧୫ ଭାଗ କପି କରିଥାନ୍ତି। ତଥାପି ଫଳାଫଳ ସେନ୍ତାଷ ଜନକ ନ ହେବାରୁ ସରକାର ଅନୁକମ୍ପା ମୂଳକ ପାଞ୍ଚମାର୍କ ଦେଇଥାନ୍ତି। ଏହାଛଡ଼ା ଆମ ସ୍କୁଲକୁ ଦଣ୍ଡ ନରୋଧ ଅଞ୍ଚଳ ଲେଖାଯାଇଛି କାହିଁକି ? ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଉତ୍ତୀର୍ଣ୍ଣ କରାଯାଉଛି କାହିଁକି ? ଦଶମ ଦ୍ୱାଦଶ ମଧ ମହାମାରୀ ସମୟେର ବିନା ପରୀକ୍ଷାରେ ଉତ୍ତୀର୍ଣ୍ଣ କରାଯାଉଛି। ତେବେ ଏସବୁ କ୍ଷେତ୍ରେର ଆମ ଶିକ୍ଷାନୀତିକୁ ଠିକ୍ ବୋଲି କହି ପାରିବାକି; ଏପରି ଭାବେର ପାସ୍ କରି ଜେଣ ଭଲ ଡାକ୍ତର, ଇଂଜିନିୟର, ପ୍ରଶାସକ, ଆଇନଜୀବି, ଶିକ୍ଷକ ପ୍ରଭୃତି ହୋଇପାରିବ ? ସାର କହିଲେ, ତୋର ପାଠଶାଠ ନାହିଁ। ଖାଲି ସବୁବେଳ ଏଣୁଟେଣୁ ପ୍ରଶ୍ନ, ରହ ତୁମ ଘରକୁ ଯାଇ ବାପାଙ୍କୁ କହିବି। ସତ୍ୟ କହିଲା, ହଉ ସାର୍ ମୋର ଭୁଲ ହୋଇଯାଇଛି। ହେଲ କହି ଦିଅନ୍ତୁ ପାଠ କାହିଁକି ପଢ଼ନ୍ତି ? ସାର କହିଲେ ମୂର୍ଖ ଓ ଅନ୍ଧଙ୍କ ଭଳିଆ ସ୍କୁଲକୁ ଆସୁଛୁ କି ? ଦେଖୁନୁ ସ୍କୁଲ କାନରେ କିପରି ଲେଖାଯାଇଛି ଶିକ୍ଷା ଚରିତ୍ର ଗଠନ ପାଇଁ ଉଦ୍ଦିଷ୍ଟ। ସତ୍ୟର ଏହା ବୋଧଗମ୍ୟ ହେଲାନାହିଁ। ମୁଣ୍ଡକୁ ଆଉଁସି କାନକୁ କୁଣ୍ଡେଇ ସାର୍‌ଙ୍କ ପାଖରୁ ଫେରି ଆସିଲା। ବାଟେର ଆସିବା ବେଳ ତା'ର ଗେଣଶ ସାର୍‌ଙ୍କ ସହ ଦେଖାହେଲା। ସେ କହିଲା, ସାର ଆମ ସ୍କୁଲକୁ ଦଣ୍ଡ ନରୋଧ ଅଞ୍ଚଳ କାହିଁକି କରାଯାଇଛି। ଏହା କ'ଣ ପ୍ରକୃତେର ଠିକ୍ ଶିକ୍ଷାନୀତି। ଗେଣଶ ସାର୍ ସତ୍ୟକୁ କୁଣ୍ଢେଇ ପକାଇେଲ ଓ କହିଲେ ଦେଖ ସତ୍ୟ ତୁ ଅେନକ ଜିନିଷ ପଢୁଛୁ। ଦେଖୁଛୁ, ସ୍ପର୍ଶ କରୁଛୁ, ଶୁଣୁଛୁ, ଜିହ୍ୱା ଦ୍ୱାରା ମଧ ଜାଣିପାରୁଛୁ। ଏସବୁ ଶିକ୍ଷା କିନ୍ତୁ ତୁ ଦେଖ ସେଥିରୁ ତୁ ଅେନକ ଜିନିଷ ଭୁଲି ଯାଇଛୁ। ତୁ ସପ୍ତମ ଶ୍ରେଣୀର ସାହିତ୍ୟ ବହିର ପଞ୍ଚମ ପୃଷ୍ଠା ପଢ଼ି ପାସ କରିଥିଲେ ହେଁ ତୋର ମେନନାହିଁ। ତେଣୁ ଅମେ ଇନ୍ଦ୍ରିୟମାନଙ୍କ ଦ୍ୱାରା ଗ୍ରହଣ କରିଥାଉ। ଯାହାକି ଆମର ମେନର ରେହନାହିଁ। ପ୍ରକୃତେର ଶିକ୍ଷା ସେହି ଶିକ୍ଷା ଯାହା ଆମର ଚାଲିଚଳନ ଆଚାର ବ୍ୟବହାରେର ଦେଖାଯାଏ। ଯାହାକୁ କି ଅେମ ଚରିତ୍ର ବୋଲି କହୁ। ସ୍କୁଲକୁ ଦଣ୍ଡ ନରୋଧ ଅଞ୍ଚଳ କରାଯାଇଛି କାରଣ ଯାହା ଅେମ ଆନନ୍ଦର ସହ ଗ୍ରହଣ କରିଥାଉ ତାହା ଆମର ଅେନକ ଦିନ ଧରି ମେନ ରହିଥାଏ। ଦେଖୁନୁ ସତ୍ୟ ତୋର ଜାତୀୟ ସଙ୍ଗୀତ ମେନ ଅଛି, ଛୋଟ ଛୋଟ ମନକୁ ଛୁଇଁଥିବା କବିତା, ଗଳ୍ପ ମେନଅଛି। କିନ୍ତୁ ଯାହା ସବୁ ଶ୍ରଦ୍ଧା ସହ ପଢ଼ିନାହୁଁ, ଆନନ୍ଦର ସହ ଗ୍ରହଣ କରିନାହୁଁ ସେ ସବୁ ତୋର ମେନନାହିଁ। ସତ୍ୟ ଅଳ୍ପ କିଛି ବୁଝିଲାପେର ମୁଣ୍ଡ ଟୁଙ୍ଗାରି ସାରଙ୍କ ଠାରୁ ବିଦାୟ ନେଲା।

ରାସ୍ତାେର ସରସ୍ୱତୀ ଦିଦିଙ୍କ ସହ ତାର ଦେଖାହେଲା। ସତ୍ୟ କହିଲା, ଦିଦି ଏ ପୃଥିବୀେର ଶିକ୍ଷା ତ କେେବ ଠୁ ଆରମ୍ଭ ହେଲାଣି ତେେବ ଆଜି ପର୍ଯ୍ୟନ୍ତ କ'ଣ ଗୋଟାଏ ଭଲ ଶିକ୍ଷାନୀତି ଦେଶେର କରାଯାଇ ପାରିଲାନାହିଁ। ଆମ ଦେଶର ପାଠ୍ୟ ଖସଡ଼ା ସବୁବେଳ ବଦଳୁଥାଏ କାହିଁକି ? ଏେତ ପ୍ରକାର ଶିକ୍ଷାନୀତି ହୋଇ ମଧ ଦେଶେର ଚୋରି ରାହାଜାନି ପ୍ରଭୃତି କମୁନାହିଁ କାହିଁକି ? ବରଂ ବଢ଼ି ବଢ଼ି ଯାଉଛି। ସରସ୍ୱତୀ ଦିଦି କହିଲେ, ଶିକ୍ଷା କେେତ ପ୍ରକାର ତୁ ଜାଣିଛୁ କି ? ମୁଁ ଜାଣିବାେର ଶିକ୍ଷା ଦୁଇ ପ୍ରକାର ଯଥା ବୈଷୟିକ ଶିକ୍ଷା ଓ ଆଧାତ୍ମିକ ଶିକ୍ଷା। ବୈଷୟିକ ଶିକ୍ଷା ଜୀବିକା ଉପାର୍ଜନ ପାଇଁ ଉଦ୍ଦିଷ୍ଟ କିନ୍ତୁ ଆଧାତ୍ମିକ ଶିକ୍ଷା ମୂଲ୍ୟେବାଧ ଭିତ୍ତିକ ଓ ଆତ୍ମାନୁସନ୍ଧାନ ନିମେନ୍ତ ଉଦ୍ଦିଷ୍ଟ। ଆଧାତ୍ମିକ ଶିକ୍ଷାକୁ ଅଭ୍ୟାସବିନା ଯଦି ଶିକ୍ଷା ଦିଆଯାଏ, ତାହା ମୂଲ୍ୟହୀନ ହୋଇଯାଇଥାଏ। ସ୍କୁଲ କେଲଜେର ଯେଉଁ ଶିକ୍ଷା ଦିଆଯାଉଛି ତାହା ବୈଷୟିକ ଶିକ୍ଷା। ମୂଲ୍ୟେବାଧ ଶବ୍ଦଟି କେବଳ ନାମକୁ ମାତ୍ର ବ୍ୟବହାର କରାଯାଏ। ତେଣୁ ଆମ ଦେଶେର ବିଶୃଙ୍ଖଳା ଦେଖାଯାଏ, ଚୋରି ରାହାଜାନି କମୁନାହିଁ। ଶିକ୍ଷା ଖସଡ଼ା ସମୟ ଓ ଅବସ୍ଥାକୁ ନେଇ ବଦଳାଯାଏ ତେଣୁ ଆମ ଦେଶେର ସ୍ଥିର ଶିକ୍ଷାନୀତି ନାହିଁ। ସତ୍ୟ ସବୁ ବୁଝିଗଲାପରି ମୁଣ୍ଡ ଟୁଙ୍ଗାରିଲା ଓ କହିଲା, ମା ଜାଣିଚ ଆମ ଦେଶର ଶିକ୍ଷାନୀତି ଠିକ୍ ଏକ ବାରମାସୀ ଚେଢ଼ଇପରି। ସେ ରଙ୍ଗ ବଦଳାଇବାେର ସିଦ୍ଧହସ୍ତ। ତେଣୁ ସମସ୍ତଙ୍କ ନିକଟେର ଶିକ୍ଷାର ରଙ୍ଗ ଅଲଗା ଅଲଗା କିନ୍ତୁ ତୋ ଶିକ୍ଷା ସବୁବେଳ ସ୍ଥାୟୀ କାରଣ ତୁ ମେତ ସବୁଦିନ ବାପା ମାଆଙ୍କୁ ପ୍ରଣାମ କରିବା ଶିଖାଇଛୁ। ଖାଦ୍ୟ ଗ୍ରହଣ ପୂର୍ବରୁ ବହ୍ମାର୍ପଣ କରି ଖାଇବା ଶିଖାଇଛୁ। ସାନ୍ଧ୍ୟ ଭଜନ କରିବା ଶିଖାଇଛୁ। ଶୋଇବାେବେଳ ଈଶ୍ୱରଙ୍କୁ କ୍ଷମା ପ୍ରାର୍ଥନା କରି ଶୋଇବା ଶିଖାଇଛୁ। ସେ ସବୁ ମୁଁ କରୁଛି କାରଣ ତାହା ଅପରିବର୍ତ୍ତନୀୟ। ତେଣୁ ତୁ ହିଁ ମୋ ପ୍ରକୃତ ଶିକ୍ଷକ ଓ ତୋର ଶିକ୍ଷାନୀତି ସବୁବେଳ ଠିକ୍।

♥ ଅବସରପ୍ରାପ୍ତ ପ୍ରଧାପିକା, ସଂସ୍କୃତ ବିଭାଗ,<br>
ରଘୁନାଥଜୀଉ ମହାବିଦ୍ୟାଳୟ, ଗଣିଆ,<br>
ମୋ : ୯୮୬୧୧୧୮୬୭୩

# ଏ କାନ କ'ଣ ଶୁଣୁଛି, ଏ ଆଖି କ'ଣ ଦେଖୁଛି ?

ଅଜୟ କୁମାର ବେହେରା



ଏ ମହାଯୁଗର ତିନି ଯୁଗ ଶେଷ ହୋଇ ଚତୁର୍ଥ ଯୁଗ, କଳିଯୁଗ ଚାଲୁଛି। କଳ୍ପ, ଯୁଗ, ସମ୍ବତ୍ସର, ଋତୁ, ମାସ, ପକ୍ଷ, ତିଥି, ବାର ଆଦିର ଧାର୍ଯ୍ୟ ଫଳର କିଛି ସ୍ଥୂଳଫଳର ଲେଖାଅଛି ତାହା ଉଣା ଅଧିକେ ଅନୁଭୂତ ହେଉଛି। ହେଲେ ଏହି କେତେ ବର୍ଷ ହେଲା ଦେଖାଯାଉଛି ଆମ ଦେଶରେ ନୁହେଁ ବହୁଦେଶରେ ଲୋକ ଅନେକ ସ୍ୱେଚ୍ଛାଚାରୀ ହୋଇ ପ୍ରାକ୍ ଯୁଗର ଶାସ୍ତ୍ର ନିୟମକୁ ନ ମାନି ମନୋଜ୍ଞ ବ୍ୟବସ୍ଥାରେ ନିୟମ ବଦଳାଇ ଧର୍ମ, ଜାତି, କୂଳ ବୟସର ସୀମା ନ ମାନି ମିତର ହୋଇ ଅଶାସ୍ତ୍ରୀୟ ଅନୀତି କାର୍ଯ୍ୟମାନ କରୁଛନ୍ତି।

ସମୟ ବଦଳ ଯୁଗ ଚକ୍ର ରେକର୍ଡ଼ରେ ଅଛି, ଯାହା ପୁରାଣରୁ ମିଳୁଛି ପ୍ରତିବର୍ଷ ପାଞ୍ଜିରେ ଲେଖା ରହୁଛି। ପ୍ରତ୍ୟେକ ଦିନରେ କଳିଯୁଗ କେତେ ଦିନ ବିଗତ ହେଉଛି ଅନେକ ପାଞ୍ଜିରେ ଲେଖା ରହିଛି। ଦିନ ଗୁଡ଼ିକ ଅର୍ହଗଣ ରୂପେ ଲେକା ଅନେକ ପାଞ୍ଜିରେ ଲେଖିଥିବା ବେଳେ ଅନେକ ପାଞ୍ଜିରେ ଶତାବ୍ଦ ଆରମ୍ଭ ପଣା ସଂକ୍ରାନ୍ତି ଦିନ। କଳି ଯୁଗ କେତେ ବର୍ଷ ସୌରମାନ ଦିନ ସମଷ୍ଟିରେ ଗତ ହେଲା ଲେଖାଥାଏ। ଏ ମହାଯୁଗର ତିନି ଯୁଗ ଶେଷ ହୋଇ ଚତୁର୍ଥ ଯୁଗ, କଳିଯୁଗ ଚାଲୁଛି। କଳ୍ପ, ଯୁଗ, ସମ୍ବତ୍ସର, ଋତୁ, ମାସ, ପକ୍ଷ, ତିଥି, ବାର ଆଦିର ଧାର୍ଯ୍ୟ ଫଳର କିଛି ସ୍ଥୂଳଫଳର ଲେଖାଅଛି ତାହା ଉଣା ଅଧିକେ ଅନୁଭୂତ ହେଉଛି। ହେଲେ ଏହି କେତେ ବର୍ଷ ହେଲା ଦେଖାଯାଉଛି ଆମ ଦେଶରେ ନୁହେଁ ବହୁଦେଶରେ ଲୋକ ଅନେକ ସ୍ୱେଚ୍ଛାଚାରୀ ହୋଇ ପ୍ରାକ୍ ଯୁଗର ଶାସ୍ତ୍ର ନିୟମକୁ ନ ମାନି ମନୋଜ୍ଞ ବ୍ୟବସ୍ଥାରେ ନିୟମ ବଦଳାଇ ଧର୍ମ, ଜାତି, କୂଳ ବୟସର ସୀମା ନ ମାନି ମିତର ହୋଇ ଅଶାସ୍ତ୍ରୀୟ ଅନୀତି କାର୍ଯ୍ୟମାନ କରୁଛନ୍ତି।

ଯେଉଁ ଭୋଜନ ଦ୍ରବ୍ୟ ମନୁଷ୍ୟ ଶରୀର ପାଇଁ ଉପଯୁକ୍ତ ତାହା ବର୍ତ୍ତମାନ ନାନା ପ୍ରକାରରେ ବାଟବଣା, ବଣିକ ବୃତ୍ତିରେ, ଖାଦ୍ୟ ପଦାର୍ଥର ଭେଜାଲ, ମିଳାବଟ ନାମରେ, ରଙ୍ଗରେ, ବାସ୍ନାରେ, ଆକୃତିରେ ଦ୍ରବ୍ୟ ମିଳୁଛି। ମାତ୍ର ତାହା ପ୍ରକୃତ ଦ୍ରବ୍ୟ ନୁହେଁ। କଟା ମାଲିକ ଦେବଗୁଣ ସମ୍ପନ୍ନ ନୁହଁନ୍ତି ପଦବୀରେ ରହି ଅନୀତିରେ ସର୍ବୋପରି ଏହି ପଥରେ ସ୍ୱଭଣ୍ଡାର ସମ୍ପତ୍ତି ଧନ ବଢ଼ାଇବାରେ ଲାଗି ପଡ଼ୁଛନ୍ତି। ଅଳକା ପୁରୀ ମାଲିକ ଯକ୍ଷ ରାଜକୁବେର ହେବା ଦୌଡ଼ରେ ଧାବିତ। ନବନିଧି ତାଙ୍କର ଆଲିଶାନ ମଞ୍ଜିଲରେ କେବଳ ପୋଲିସ ସିବିଆଇଙ୍କ ଦର୍ଶନ ପାଇଁ ରହିଛି। ଭୂଗର୍ଭ ନିଧିକୁ ଅର୍ଥରେ ବଦଳାଇ ଏବେ କିଞ୍ଚିତ ଦାନ ଖୈରାତ କେବଳ ରଡ଼ିବା କୁଆଙ୍କ ମଖ୍ୟ ବନ୍ଦ ଉଦ୍ଦେଶ୍ୟ, ଅନବରତ ଗଦିରେ ରହିବାର ଉପାୟ ବିଦ୍ୟାର ଏକ ଅଂଶରେ ଏ ଦାନ ଖୈରାତ କାର୍ଯ୍ୟ। ଜନସଂଖ୍ୟା ବିସ୍ଫୋରଣକୁ ପୃଥିବୀର ପରିଧି ପରିସୀମା ସ୍ଥିର, ପ୍ରତି ସ୍ଥଳରେ ଅନୁପ୍ରବେଶକାରୀ ଧସେଇ ପଶି ଭୋଟର ବନି ସ୍ଥାୟୀ ନାଗରିକ ହୋଇଯାଉଛନ୍ତି। ପୁଣି ଦେଶର ଫାଇଦା ନେବା ସହ ଦେଶର ବିବାହ ନିୟମ ସନ୍ତାନ ସୃଷ୍ଟି ନିମୟକୁ ତାଙ୍କ ଧର୍ମରେ ଏପରି ନାହିଁ କହି ଦେଶ ନିୟମକୁ ଏଥିରେ ଅମାନ୍ୟ କରି ଜନସଂଖ୍ୟା ବୃଦ୍ଧିର ଏକ ମୁଖ୍ୟ କାର୍ପଦାର ବନିଯାଉଛନ୍ତି।

ବାସଗୃହ ସମସ୍ୟା ବେଳକୁ ବେଳ ବଢୁଛି ଦେଶର ଏମିତି ବ୍ୟବସ୍ଥା ଶସ୍ୟକ୍ଷେତ୍ର ଲୁପ୍ତ କରି ଖାଲି ଘର ତିଆରି, ଶିଳ୍ପ କାରଖାନା, ବଡ଼ ବଡ଼ ଚଉଡ଼ା ରାସ୍ତା ନିର୍ମାଣ ଆଦେଶ ଦିଆଯାଉଛି। ଶ୍ରମିକ ଏତେ ଅଭାବ ଯେ ଶସ୍ୟ କ୍ଷେତ୍ରରେ ଚାଷ ହୋଇପାରୁନାହିଁ, ପୂର୍ବେ କମ ଲୋକରେ ଏପରି ଶସ୍ୟ ଶ୍ୟାମଳା ଚାଷ କ୍ଷେତ୍ର ପାଉଥିଲା ଦେଖିଲେ ଖୁବ ତୋଷ ଲାଗୁଥିଲା। କିନ୍ତୁ ବହୁଜନ ବୃଦ୍ଧିରେ ଚାଷ ଜମି ଲକ୍ଷ୍ମୀଛଡ଼ା। ଚନ୍ଦାମୁଣ୍ଡ ପରି ଅରାଏ ଅରାଏ ପଡ଼ିଆ ଦୃଶ୍ୟ ସବୁ ଚକରି ଦେଖାଯାଉଛି। ଏମିତି ଉପାୟ କାଏମ ହେଲା ଲୋକଙ୍କୁ ସ୍ୱଚାଷରୁ ପ୍ରାପ୍ତ ଧାନକୁ ବିକ୍ରି କରି ଚାଉଳ କିଣି ଖାଇବାକୁ ପଡ଼ିଲାଣି। ମୁଗ, ରବି ଫସଲ, ବରଗୁଡ଼ି କୁଆଡ଼େ ବିଲୁପ୍ତ, ମୁଗ ଛୁଇଁ ପିଲାଦିନର ଆମୋଦ କଞ୍ଚା ସଖି ଖାଦ୍ୟ ଏବେ ଅଦେଖା। ଗୁଡ଼ ସାତସପ୍ନ, ଆଖୁ ଚାଷର ସ୍ପୃହା ଲୋକଙ୍କ ନାହିଁ, ଯାହା ଅଛି ମଦ ନିର୍ମାତାଙ୍କ ନିମିତ୍ତ କ୍ଷେତରୁ ବୁହାହୋଇ ଯାଉଛି। ଗ୍ରାମରେ କେତେ ପୋଖରୀ ଥିଲା, ନଦୀରୁ ପୋଖରୀରୁ ମିଠା ପାଣିର ମାଛ ଗ୍ରାମରେ ନିତ୍ୟ ମିଳୁଥିଲା, ନିଜ ପୋଖରୀର ଯତ୍ନ ଏବେ ଦେଖାଯାଉନାହିଁ। ସକଳ ସୁନ୍ଦର ଚାଲାଣ ମାଛ ବଜାରରୁ କିଣିଆଣିଲେ କାମ ଚଳିଯାଉଛି। ସେ ମାଛରେ ବରଫ, କେମିକାଲ ଦିଆହୋଇ ଆସୁଛି, ରୋଷେଇର ପାଟିକୁ ସୁଦଆ କିନ୍ତୁ ରୋଗ ମଞ୍ଜି ରୋପଣ ଏକଥା ବହୁତ ଦିନ ପରେ ଡାକ୍ତରଖାନାରେ ଜଣାପଡୁଛି।

ଆମ ପରମ୍ପରା ଏକ ପିଲାଜନ୍ମ ହେଲା ପରେ ପରେ ତାର ଜନ୍ମ ଦିନକୁ ନଥି ରେକର୍ଡ଼ ପାଇଁ ଏକ ତାଳ ପତ୍ରରେ ଟିପ୍ପଣୀ ପ୍ରସ୍ତୁତି କରାଯିବ, ଏଥିରେ ଓଡ଼ିଶାର ଠାକୁର ରାଜାଙ୍କ ନାମ ତାଙ୍କର ଶାସନ କାଳର ଅଙ୍କ ରାଜା ବିକ୍ରମଃଙ୍କ ସମ୍ବତ ଅଙ୍କ, ରାଜା ଶାଳିବାହାନଙ୍କ ଶକାବ୍ଦ ଅଙ୍କ ସୌରମାନ ମାସଦିନ, ଚାନ୍ଦ୍ରମାନ ମାସ, ତିଥି, ଯୋଗକରଣ, ବାର ଲେଖା ରହିଥାଏ। ସେପରି କାହାରି ଘରେ ଲୋକଙ୍କ ଜଣଙ୍କ ଦେହାନ୍ତ ଏହିପରି ମାସ ତିଥି ସମୟ ଲେଖା ରଖାଯାଉଥିଲା। ଏ ସବୁ ହିନ୍ଦୁ ମାନ୍ୟତା କିନ୍ତୁ ଏବେ ଖ୍ରୀଷ୍ଟାବ୍ଦ ତତ୍ ସମ୍ପର୍କୀୟ ମାସ ତାରିଖ, ଲୋକେ ଲେଖି ରଖିବା ଦେଖାଯାଉଛି ଏଥିରେ ଧର୍ମ ମତର ଆଉ ମୌଳିକତା ନାହିଁ, ପାଲିଙ୍କିଚଢ଼ା, ତୋଳା କନିଆଁ, ଦୁଇମତ ବିବାହ ଏବେ ସବୁ ସଂସ୍କାରୀ ତ ନିଜ ଗୃହରେ ଆଉ ବିବାହ ବେଦୀରେ ହେଉନାହିଁ, କଲ୍ୟାଣ ମଣ୍ଡପ, ହୋଟେଲରେ ରାଜକୀୟ ବିବାହ, ବିବାହରେ କେଉଁଠି ପଙ୍ଗତ ଭୋଜନ ତଳେ ପତ୍ର ପକାଇ ବିଛଣା ଚଟଇରେ ବସାଇ ଆତ୍ମୀୟତା ସହ କରାଯାଉ ନାହିଁ, ଆମନ୍ତ୍ରିତ ଅତିଥି ବାନ୍ଧବ ମାନେ ଥାଳି ଧରି ଭୋଜ୍ୟ ପଦାର୍ଥ ବିତରଣକରି ପାଖକୁ ଯାଇ ଭୋଜ୍ୟ ଦ୍ରବ୍ୟ ମାଗି ଆଣିବାକୁ ପଡୁଛି। ଯେ ପରିବେଷଣ କରୁଛନ୍ତି ସେ ଯେ ଅଚିହ୍ନା ଏପଟେ ତାଙ୍କ ପାଖରେ ଗୃହର ମୂଲ୍ୟବାନ ବନ୍ଧୁବି ଅଚିହ୍ନା, କେତେ ପ୍ରକାର ବେଣ୍ଟର ଛତା ଲୋକେ ଖରାବର୍ଷରେ ବ୍ୟବହାର କରୁଥିଲେ। ଏବେ ବର୍ଷା, ଖରା ବିଲୁପ୍ତ ନୁହେଁ କିନ୍ତୁ ଛତା କାହିଁ ? ଦେବତା ଦର୍ଶନର ପ୍ରାଧାନ୍ୟ ବଢ଼ିଛି କିନ୍ତୁ ପ୍ରାର୍ଥନା ନିବେଦନ ଆରାଧନା କେଉଁ ମନ୍ଦିରରେ ନାହିଁ ? ଗୁରୁ ଉପଦେଶ ଦେଇ ବାଟ ହୁଡ଼ାକୁ ବାଟକୁ ଆଣିବା ଦେଖାଯାଉନାହିଁ, ଘରେ ଘରେ ଦେବଗୃହ ମାତ୍ର କଳି ମନାନ୍ତର ଛାଡ଼ ନାହିଁ। ମାଛ, ମାଂସ, ପିଆଜ ରସୁଣ ନଖାଇଲେ କେହି ବି ସତ୍ୟଗୁଣୀ ହୋଇନପାରେ ଏପାଇଁ ପରମ୍ପରା ଗୁରୁଗୁରୁଜନଙ୍କ ସେବା ଦରକାର କଥା, ଆଦେଶ ମାନିବା ଦରକାର। ଅନେକଙ୍କ ମୁହଁରେ ହରି ହରି କିନ୍ତୁ ବଗଲରେ ଛୁରୀ।

♥ ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,<br>
ମୋ : ୯୪୩୭୦୩୧୨୫୩

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୮ ଜୁନ୍ ୨୦୨୬
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



# ଇଚ୍ଛା ଅନିଚ୍ଛାରେ ଦାମ୍ପତ୍ୟ ଜୀବନ



## ଡକ୍ଟର ଲକ୍ଷ୍ମଣ ସାହୁ

ସାଗରିକା ସବୁବେଳେ ଅନୁଭବ କରୁଥିଲେ ଯେ ଜୀବନ ଏକ ନଦୀ ପରି, କେତେବେଳେ ଶାନ୍ତ ଓ କେତେବେଳେ ଉଚ୍ଛୁଳାଏ ଶୀତଳ ପ୍ରଲେପ । ସେପରି ତାଙ୍କ ନିଜ ଜୀବନ ମଧ୍ୟ ସମାନ ପ୍ରକାରର ଉତ୍ଥାନ-ପତନରେ ପରିପୂର୍ଣ୍ଣ ଥିଲା । ସେ ତାଙ୍କ ସ୍ୱାମୀ ଅଶୋକଙ୍କୁ ଗଭୀର ଭାବରେ ଭଲ ପାଉଥିଲେ ଏପରିକି ଅଶୋକ ତାଙ୍କୁ ମଧ୍ୟ ଭଲ ପାଉଥିଲେ । ତଥାପି, ଏପରି ସମୟ ଥିଲା ଯେତେବେଳେ ଛୋଟ ଛୋଟ କଥା ସେମାନଙ୍କ ମଧ୍ୟରେ ଦୂରତା ସୃଷ୍ଟି କରୁଥିଲା। ସେମାନଙ୍କ ପ୍ରେମ ସତ୍ତ୍ୱେ, ଅକୁହା କଥା ଓ ପରିସ୍ଥିତି ତାଙ୍କୁ ଗଭୀର ଆଘାତ ଦେଉଥିଲା । ସାଗରିକା ପ୍ରାୟତଃ ଭାବୁଥିଲେ ଯେ ପ୍ରେମରେ ମଧୁର ସଂପର୍କ କାହିଁକି ଏତେ ଜଟିଳ ହୋଇଯାଏ ଓ କେତେବେଳେ ଯିଏ ଯାହାକୁ ସବୁଠାରୁ ଅଧିକ ଭଲ ପାଆନ୍ତି ସେ ତାକୁ ସବୁଠାରୁ ଅଧିକ ଯନ୍ତ୍ରଣା ଦେଇପାରନ୍ତି ।

ପ୍ରାୟ ୧୫ ବର୍ଷ ପୂର୍ବେ ସାଗରିକା ବିବାହ କରିଥିଲା । ସେତେବେଳେ ସେ ବହୁତ ଛୋଟ ଥିଲେ ଓ ତାଙ୍କ ଜୀବନ ପାଇଁ ଅନେକ ସ୍ୱପ୍ନ ଥିଲା । ଯେତେବେଳେ ସେ ତାଙ୍କ ନୂତନ ଘରେ ପାଦ ଦେଲେ, ତାଙ୍କ ଆଖି ଉତ୍ସାହ, ଆଶା ଓ ଭବିଷ୍ୟତର ମଧୁର ସ୍ୱପ୍ନରେ ପୂର୍ଣ୍ଣ ହୋଇଗଲା। ତାଙ୍କୁ ଲାଗୁଥିଲା ଯେପରି ତାଙ୍କ ଜୀବନ ଏକ ନୂଆ ନୂଆ ଖୁସିର ଅଧ୍ୟାୟ ଆରମ୍ଭ କରିବାକୁ ଯାଉଛି । ସେ ଏବେ ବି ସେମାନଙ୍କ ବିବାହର ସେହି ପ୍ରାରମ୍ଭିକ ଦିନଗୁଡ଼ିକୁ ସ୍ପଷ୍ଟ ଭାବରେ ମନେ ରଖିଛନ୍ତି । ସେସବୁ ଦିନରେ, ଅଶୋକ ବହୁତ କୋମଳ ଓ ସ୍ନେହୀ ଦେଖାଯାଉଥିଲେ । ସେ ମିଠା ମିଠା କଥା କହି ସାଗରିକାଙ୍କୁ ଉତ୍ସାହିତ କରିବାକୁ ଚେଷ୍ଟା କରୁଥିଲେ । କେତେବେଳେ ସେ ସକାଳେ ଉଠି ତାଙ୍କ ପାଇଁ ଚା ତିଆରି କରୁଥିଲେ, କିମ୍ବା କେତେବେଳେ ବିନା କାରଣରେ ତାଙ୍କୁ ହସାଇବାକୁ ଚେଷ୍ଟା କରୁଥିଲେ । ପ୍ରାୟତଃ ସେ ହସି କହୁଥିଲେ 'ତୁମର ହସ ପ୍ରକୃତରେ ଏହି ଘରକୁ ଆଲୋକିତ କରୁଛି ।'

ସେହି ମୁହୂର୍ତ୍ତଗୁଡ଼ିକରେ ସାଗରିକା ଅନୁଭବ କରୁଥିଲେ ଯେ ସେ ଏକ ଉପଯୁକ୍ତ ଜୀବନସାଥି ପାଇଛନ୍ତି ।

ବିବାହର କିଛି ମାସ ପରେ, ସାଗରିକା ଧୀରେ ଧୀରେ ସେତେବେଳେ ଅନୁଭବ କରିବାକୁ ଲାଗିଲେ ଯେ ତାଙ୍କ ନୂତନ ଘରର ପରିବେଶ ସେ କଳ୍ପନା କରିଥିବା ପରି ସେତେ ଆରାମଦାୟକ ଓ ସରଳ ନୁହେଁ । ଅଶୋକଙ୍କ ପରିବାର ଏକ ମିଳିତ ପରିବାର ଥିଲା । ତାଙ୍କ ବାପାମାଆଙ୍କ ବ୍ୟତୀତ, ତାଙ୍କ ବଡ଼ ଭାଇ, ଭାଉଜ ଓ ସେମାନଙ୍କ ପିଲାମାନେ ମଧ୍ୟ ଘରେ ରହୁଥିଲେ । ପରିବାର ବଡ଼ ଥିଲା, ଓ ସ୍ୱାଭାବିକ ଭାବରେ, ଅନେକ ଦାୟିତ୍ୱ ଥିଲା । ପ୍ରାରମ୍ଭରେ ସାଗରିକା ଏହି ନୂତନ ପରିବେଶ ସହିତ ସମ୍ପୂର୍ଣ୍ଣ ଭାବରେ ଖାପ ଖୁଆଇବାକୁ ଚେଷ୍ଟା କରୁଥିଲେ।

ସେ ସକାଳେ ପ୍ରଥମେ ଉଠି ରୋଷେଇ ଘରର ଯତ୍ନ ନେଉଥିଲେ, ଘର ସଫା କରୁଥିଲେ ଓ ସମସ୍ତଙ୍କ ପସନ୍ଦ ଓ ଅପସନ୍ଦ ପ୍ରତି ବିଚାର କରୁଥିଲେ । ସେ ଅନୁଭବ କରୁଥିଲେ ଯେ ଯଦି ସେ ସମସ୍ତଙ୍କୁ ଖୁସି ରଖିବାକୁ ଚେଷ୍ଟା କରନ୍ତି, ତେବେ ସେ ଧୀରେ ଧୀରେ ପରିବାରରେ ନିଜର ଓ ସମ୍ମାନର ଭାବନା ପାଇବେ ।

କିନ୍ତୁ ସମୟ ସହିତ, ସେ ଅନୁଭବ କରିବାକୁ ଲାଗିଲେ ତାଙ୍କ ପ୍ରୟାସକୁ ସେତେ ପ୍ରଶଂସା କରାଯାଉ ନାହିଁ ଯେପରି ସେ ଆଶା କରିଥିଲେ । ଛୋଟ ଛୋଟ ଭୁଲ ମଧ୍ୟ କେତେକ ସମୟରେ ଅତ୍ୟଧିକ ଉଡ଼ାଇ ଦିଆଯାଏ । ଯଦି ଖାଦ୍ୟରେ ଟିକେ କମ୍ କିମ୍ବା ଅତ୍ୟଧିକ ଲୁଣ ଥାଏ, ତେବେ ତାଙ୍କ ଶାଶୁ ତୁରନ୍ତ କଥାବାର୍ତ୍ତା କରି କହିବେ, 'ତୁ କ'ଣ ରୋଷେଇ ଜାଣିନାହୁ ?' ଏପରି ଶବ୍ଦ ଶୁଣି ସାଗରିକା ଚୁପ୍ ରହୁଥିଲେ, ଭୟ କରୁଥିଲେ ଯେ ଉତ୍ତର ଦେବା ଦ୍ୱାରା ପରିସ୍ଥିତି ଆହୁରି ଖରାପ ହୋଇପାରେ । କେତେକ ସମୟରେ ତାଙ୍କ ଭାଉଜ ମଧ୍ୟ ମଜାରେ ଏପରି କିଛି କହୁଥିଲେ ଯାହା ତାଙ୍କ ହୃଦୟକୁ ବିଦ୍ଧ କରିବ । ସେ ବାହାରେ ହସୁଥିଲେ, କିନ୍ତୁ ତାଙ୍କ ହୃଦୟ ଭିତରେ ଗଭୀର ଭାବରେ ଆଘାତ ପାଉଥିଲା।

ଏଭଳି ପରିସ୍ଥିତିରେ ପଡ଼ି ସାଗରିକା ଧୀରେ ଧୀରେ ନୀରବ ରହିବା ଶିଖିଥିଲା । ନିଜ ଭାବନାକୁ ନିଜ ପାଖରେ ରଖୁଥିଲା । ଅଶୋକ କେତେବେଳେ ତାଙ୍କ ପାଇଁ କଥା ହେଉଥିଲେ, ଯାହା ତାଙ୍କୁ କିଛି ଆଶ୍ୱସ୍ତି ଦେଉଥିଲା, କିନ୍ତୁ ଅଧିକ ଥର ସେ ନୀରବ ରହୁଥିଲେ । ଏହି ନୀରବତା ହିଁ ସାଗରିକାଙ୍କୁ ସବୁଠାରୁ ଅଧିକ କଷ୍ଟ ଦେଉଥିଲା । ସେ ଅନୁଭବ କଲେ

ଯଦି ଅଶୋକ ତାକୁ ପ୍ରକୃତରେ ଭଲ ପାଉଛନ୍ତି, ତେବେ ସେ ତା ପାଇଁ ଠିଆ ହେବା ଉଚିତ୍ ଓ ତାକୁ ଅନୁଭବ କରାଇବା ଉଚିତ୍ ଯେ ସେ ଏହି ଘରେ ଏକା ନୁହେଁ ।

ସମୟ ଧୀରେ ଧୀରେ ଚାଲିଲା । ବିବାହର ପ୍ରାୟ ପାଞ୍ଚ ବର୍ଷ ପରେ ସେମାନଙ୍କର ଏକ ପୁଅ ହୋଇଥିଲା । ଯାହାର ନାମ ସେମାନେ ଅଜୟ ରଖିଥିଲେ । ଅଜୟର ଆଗମନ ପରେ ଘରେ କିଛି ସମୟ ପାଇଁ ପରିବେଶ ବଦଳିଗଲା । ପରିବାରର ସମସ୍ତେ ଶିଶୁଟି ପାଇଁ ବ୍ୟସ୍ତ ହୋଇଗଲେ। ସାଗରିକା ଟିକେ ଆଶ୍ୱସ୍ତ ଅନୁଭବ କଲେ । ଯେତେବେଳେ ସେ ଆରବକୁ କୋଳରେ ଧରି ବସିବେ ଓ ଅଶୋକ ତାଙ୍କୁ ପ୍ରେମରେ ହସିବେ, ସାଗରିକା ଅନୁଭବ କରିବେ ଯେ ହୁଏତ ସବୁକିଛି ଭଲ ହୋଇଯିବ । ସେ ଆଶା କରିବାକୁ ଲାଗିଲେ ଯେ ପିଲାଟିର ଆଗମନ ସେମାନଙ୍କ ସମ୍ପର୍କରେ ଏକ ନୂତନ ଉଷ୍ମତା ଓ ପ୍ରେମ , ଭଲପାଇବା ଆଣିଦେବ । କିନ୍ତୁ ଜୀବନ ସେ କଳ୍ପନା କରିଥିବା ପରି ତାହା ସରଳ ନଥିଲା । ସମୟ ସହିତ, ସାଗରିକା ଲକ୍ଷ୍ୟ କଲେ ଯେ ଅଶୋକର ସ୍ୱଭାବ ଅଜବ ଭାବରେ ପରିବର୍ତ୍ତନ ହୋଇପାରେ । କେତେବେଳେ ସେ ବହୁତ ସ୍ନେହୀ ହୋଇଯାଉଥିଲେ । ସେ ହଠାତ୍ ତାଙ୍କୁ ମିଠା ଆଣି ଦେଉଥିଲେ କିମ୍ବା କହୁଥିଲେ, 'ଆଜି କୌଣସି ସ୍ଥାନକୁ ବାହାରକୁ ଯିବା ।' ଏପରି ମୁହୂର୍ତ୍ତରେ ସାଗରିକା ସେହି ପୁରୁଣା ଅଶୋକକୁ ଦେଖୁଥିଲେ ଯାହାକୁ ସେ ଭଲ ପାଉଥିଲେ ।

ସମୟ ଧୀରେ ଧୀରେ ଚାଲିଲା । ଦିନ, ମାସ ଓ ବର୍ଷ ବିତିଗଲା । ପ୍ରାୟ ଦଶ ବର୍ଷ ଅତିକ୍ରମ କଲା । ଏହି ସମୟରେ ଅଶୋକ ସହରରେ ଏକ ଭଲ ଚାକିରି ସୁଯୋଗ ପାଇଲା । ସେ ସାଗରିକା ଓ ଅଜୟଙ୍କ ସହିତ ରହିବାକୁ ନିଷ୍ପତ୍ତି ନେଲା । ଯେତେବେଳେ ସେମାନେ ସହରରେ ଚାଲିଗଲେ, ସାଗରିକାଙ୍କୁ ଲାଗିଲା ଯେପରି ତାଙ୍କ ଜୀବନ ନୂତନ ଭାବରେ ଆରମ୍ଭ ହେଉଛି । ଏହା ଏକ ଛୋଟ ଭଡ଼ା ଘର ଥିଲା, କିନ୍ତୁ ଏଥିରେ ଏକ ଅନନ୍ୟ ଶାନ୍ତି ଥିଲା । କୌଣସି ଦୈନନ୍ଦିନ ଅଭିଯୋଗ କିମ୍ବା ନଜର ରଖାଯିବାର ନିରନ୍ତର ଅନୁଭବ ନଥିଲା । ପ୍ରଥମ ଥର ପାଇଁ, ସେ ଅନୁଭବ କଲେ ଯେ ସେ ନିଜ ଘରେ ମୁକ୍ତ ଭାବରେ ନିଶ୍ୱାସ ନେଇପାରିବେ ।

ସହରର ଜୀବନ ସମ୍ପୂର୍ଣ୍ଣ ଭିନ୍ନ ଥିଲା। ସକାଳେ ଅଶୋକ କାମକୁ ଯାଉଥିଲେ ଓ ସନ୍ଧ୍ୟାରେ ଫେରି ଆସୁଥିଲେ । କେତେବେଳେ ସେ ବହୁତ କ୍ଲାନ୍ତ ହେଉଥିଲା, କିନ୍ତୁ ସେ ଅଜୟ ସହିତ ଖେଳିବା ପାଇଁ ସମୟ ବାହାର କରୁଥିଲା । ଯେତେବେଳେ ସେ ତାଙ୍କ ପୁଅକୁ କୋଳରେ ଧରି ହସୁଥିଲେ, କିମ୍ବା ତାଙ୍କ ସହିତ ଖେଳୁଥିଲେ, ସାଗରିକା ସେହି ପୁରୁଣା ଅଶୋକକୁ ଦେଖିଥିଲେ। ସେହି ପୁରୁଷ ଯିଏ ତାକୁ ଛୋଟ ଛୋଟ ଖେଳନା ଆଦି ଦେଇ ଖୁସି କରୁଥିଲେ ।

ଏପରି ମୁହୂର୍ତ୍ତରେ ସାଗରିକା ଅନୁଭବ କରୁଥିଲେ ଯେ ହୁଏତ ଜୀବନ ଧୀରେ ଧୀରେ ସନ୍ତୁଳିତ ହେଉଛି । କିନ୍ତୁ ଏହି ସ୍ଥିରତା ସବୁଦିନ ପାଇଁ ସ୍ଥାୟୀ ନୁହେଁ । କେତେବେଳେ ଅଶୋକର ଆଚରଣ ହଠାତ୍ ପରିବର୍ତ୍ତନ ହେଉଥିଲା । ସେ କୌଣସି ସ୍ପଷ୍ଟ କାରଣ ବିନା ଚୁପ୍ ହୋଇଯାଉଥିଲେ କି ଛୋଟ ଛୋଟ କଥାରେ ରାଗିଯାଉଥିଲେ । ସାଗରିକା ବୁଝିପାରୁନଥିଲେ ଯେ ତାଙ୍କ ମନରେ କ'ଣ ଚାଲିଛି । ପ୍ରାୟତଃ ସେ ଭାବୁଥିଲେ ଯେ ହୁଏତ ସେ ଅଧିକ ଚିନ୍ତା କରୁଛନ୍ତି, ହୁଏତ କିଛି ନା କିଛି ତାଙ୍କୁ ବଡ଼ ଅସୁବିଧାରେ ପକାଇଦେବ ।

କିଛି ବର୍ଷ ସହରରେ ରହିବା ପରେ, ସାଗରିକାଙ୍କ ମନରେ ଧୀରେ ଧୀରେ ଏକ ଇଚ୍ଛା ବଢ଼ିବାକୁ ଲାଗିଲା । ସେ ତାଙ୍କ ଘରେ ଆଉ ଏକ ସନ୍ତାନ ଚାହୁଁଥିଲେ । ସେ ଅନୁଭବ କଲେ ଯେ ଅଜୟ ଏକା ରହିବା ଉଚିତ୍ ନୁହେଁ । ଯଦି ଘରେ ଅନ୍ୟ ଏକ ସନ୍ତାନର ହସ ପ୍ରତିଧ୍ୱନିତ ହୁଏ ତେବେ ହୁଏତ ଜୀବନ ଅଧିକ ପରିପୂର୍ଣ୍ଣ ଅନୁଭବ ହେବ । ଗୋଟିଏ ରାତିରେ ସେ ଅଶୋକଙ୍କୁ କହିବା ପାଇଁ ସାହସ ସଂଗ୍ରହ କଲେ । ସେ କିଛି ମୁହୂର୍ତ୍ତ ପାଇଁ ନୀରବ ରହିଲେ, ତା'ପରେ ଧୀରେ କହିଲେ, 'ମୁଁ ଭାବୁଛି ଆମର ଆଉ ଏକ ସନ୍ତାନ ହେବା ଉଚିତ୍ ।'

ଅଶୋକ ତୁରନ୍ତ ମୁଣ୍ଡ ଉଠାଇ କହିଲା, 'ନା, ଏବେ ନୁହେଁ। ଖର୍ଚ୍ଚ ବହୁତ ଅଧିକ ବଢ଼ିବ ।'

ସାଗରିକା ଧୀରେ କହିଲା, 'କିନ୍ତୁ ଆମେ ସବୁକିଛି କରିବା ।'

ଅଶୋକ ଗମ୍ଭୀର ସ୍ୱରରେ ମୁଣ୍ଡ ହଲାଇ କହିଲା, 'ମୁଁ ଚାହୁଁନାହିଁ ।' ତାଙ୍କ କଣ୍ଠ ସ୍ୱରରେ ଏକ ଅଦ୍ଭୁତ ଶୀତଳତା ଥିଲା।


ଏହା ଶୁଣି ସାଗରିକା ଚୁପ୍ ହୋଇଗଲେ, କିନ୍ତୁ ତାଙ୍କ ମନରେ ଏହି ଇଚ୍ଛା ଶେଷ ହୋଇ ନଥିଲା ।

କେତେବେଳେ ସେ ସନ୍ଧ୍ୟାବେଳେ ଅଜୟ ଖେଳିବା ପାଇଁ ପାର୍କକୁ ନେଇଯାଉଥିଲେ। ସେଠାରେ ସେ ଅନ୍ୟ ପିଲାମାନଙ୍କୁ ସେମାନଙ୍କ ଭାଇଭଉଣୀମାନଙ୍କ ସହିତ ଖେଳୁଥିବାର ଦେଖୁଥିଲେ, ତାଙ୍କ ହୃଦୟରେ ଏକ ସାମାନ୍ୟ କଷ୍ଟ ଜାଗ୍ରତ ହେଉଥିଲା । ତାଙ୍କୁ ଲାଗୁଥିଲା ଯେ ଯଦି ଅଜୟର ଭାଇ କିମ୍ବା ଭଉଣୀ ଥାଆନ୍ତେ, ତେବେ ତାଙ୍କ ପିଲାଦିନ ଆହୁରି ଖୁସି ହୋଇଥାଆନ୍ତା।

ଦିନେ ସେ ସାହସ ଜୁଟାଇ ଅଶୋକଙ୍କୁ କହିଲେ, 'ଦାୟିତ୍ୱ ବଢ଼ିବ । ଏବେ ତୁମ ପାଖରେ ଯାହା ଅଛି ତାହା ଘର ଚଳାଇବା ସହଜ ।' (ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# ମହେନ୍ଦ୍ରାଚଳର ଆଉ କେତୋଟି ସାଂସ୍କୃତିକ ତୀର୍ଥସ୍ଥଳ

## ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ୍)



ମହେନ୍ଦ୍ରଗିରି ଆମ ଭାରତ ବର୍ଷର ଏକ ଆଧ୍ୟାତ୍ମିକ କ୍ଷେତ୍ର ଭାବରେ ପରିଚିତ ହେଲେ ହେଁ ଏହାର ପୌରାଣିକ, ପ୍ରାକୃତିକ, ବୈଜ୍ଞାନିକ ତଥା ଐତିହାସିକ ପରିଚୟ କ୍ଷେତ୍ରରେ ଏହା କୌଣସି ବେଳେ ପଛରେ ନାହିଁ। ମନେହୁଏ ଏହା ଏକ ଆମ ପାଇଁ ସ୍ୱର୍ଣ୍ଣ ପାରିଜାତ ସଦୃଶ ।

ଭୀମାସୁର ଶୃଙ୍ଗ: ମହେନ୍ଦ୍ରଗିରି ଶିଖରରେ ଦାରୁବ୍ରହ୍ମ ଗୁମ୍ଫା ରହିଛି । କଥିତ ଯେ ଏହି ଗୁମ୍ଫାରେ ଶବର ପୂଜିତ ଦେବତା ଆଜି ଶ୍ରୀକ୍ଷେତ୍ରରେ ଦାରୁଦେବତା ଭାବରେ ପୂଜା ପାଉଛନ୍ତି । ଏହି ଦାରୁବ୍ରହ୍ମ ଗୁମ୍ଫାର ଦୁଇ ପାର୍ଶ୍ୱରେ ଦୁଇଟି ଗର୍ତ୍ତ ରହିଛି । ଏହି ଖୋଲ ଆଉ ଶୃଙ୍ଗର ନାମକରଣ ବିଷୟରେ ଏଠିକାର ଶବର ସମ୍ପ୍ରଦାୟ ତଥା ଆଦିବାସୀମାନେ କୁହନ୍ତି ଯେ ଭୀମାସୁର ନାମକ ଏକ ଅସୁର ତାରି ଦୁଇ ଶିଙ୍ଗରେ ଏଠିକାର ପୂଜିତ ଭୋଳାନାଥ ଶିବିଙ୍କୁ ତାଡ଼ି ଉଠାଇ ଦେଇଥିଲା । ଏ' ସମୟରେ ପାଣ୍ଡବ ଭ୍ରାତା ଭୀମ ସେହି ଅସୁରକୁ ଯୁଦ୍ଧରେ ଜୟକରି ହତ୍ୟା କରିଥିଲେ । ସେ' ଦିନରୁ ମହେନ୍ଦ୍ରର ଏହି ଶୃଙ୍ଗକୁ ଭୀମାସୁର ଶୃଙ୍ଗ ନାମରେ ଅବିହିତ କରାଯାଉଛି । ଶବରମାନେ ଏବେ ବି କୁହନ୍ତି ଯେ, ଭୀମାସୁର ମହେନ୍ଦ୍ର ତନୟା ନଦୀର ଉତ୍ତର ପାର୍ଶ୍ୱରେ ରହି ରାଜ୍ୟ ଶାସନ କରୁଥିଲେ ।

ମଞ୍ଜୁଷା: ମଞ୍ଜୁଷା ମହେନ୍ଦ୍ର ପାଦଦେଶରେ ଥିବା ଏକ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ରାଜ୍ୟ। ଗଞ୍ଜାମ ମାନ୍ଦ୍ରାଜ ପ୍ରେସିଡେନ୍‌ସିରେ ଥିବା ବେଳେ ଏହି ଗଡ଼ଜାତ ଗଞ୍ଜରେ ଥିଲା, କିନ୍ତୁ ୧୯୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ବେଳେ ଇଂରେଜମାନେ ଏହାକୁ ଓଡ଼ିଶାରୁ ବିଚ୍ଛିନ୍ନ କରି ସେ'ବେଳରେ ମାନ୍ଦ୍ରାଜରେ ଏବଂ ଏବେ ଆନ୍ଧ୍ର ପ୍ରଦେଶରେ ରଖିନେଲେ । ଏହି ରାଜ୍ୟ ସମ୍ପୂର୍ଣ୍ଣ ଓଡ଼ିଆ, ଓଡ଼ିଆ ସଂସ୍କୃତି ଓ ଓଡ଼ିଶାର ହେବା କଥା, କିନ୍ତୁ ଦୁର୍ଭାଗ୍ୟ ଆମ ଓଡ଼ିଆଭାଷୀମାନେ ତେଲୁଗୁ ଭାଷାର ଚାପରେ ଚାପି ହୋଇ ରହିଗଲେ । କଥିତ ଯେ, ଏକଦା ଜଣେ ସନ୍ୟାସୀ ମହନ୍ତ ମାତାଜୀଙ୍କ ସହ ସନ୍ୟାସ ଜୀବନ ବିତେଇବା ପାଇଁ ଅତି ନିକାଞ୍ଚନ ସ୍ଥାନ ଭାବରେ ମହେନ୍ଦ୍ରର ଏକ ଗିରି ଗୁହାକୁ ବାଛି ନେଲେ । କେତେ ଦିନ ପରେ ମଞ୍ଜୁଷାଗଡ଼ର ରାଜ୍ୟ ସନ୍ୟାସୀଙ୍କ ମହେନ୍ଦ୍ର ଆଗମନ ଭିତ୍ତିକ ସୂଚନା ପାଇ ସନ୍ୟାସୀଙ୍କ ଦର୍ଶନ ପାଇଁ ମହେନ୍ଦ୍ର ପର୍ବତ ଆରୋହଣ କରି ଦର୍ଶନ ପ୍ରାପ୍ତ କଲେ । ସନ୍ୟାସୀ ରାଜାଙ୍କ ବ୍ୟବହାରରେ ତୃପ୍ତ ହୋଇ ରାଜଙ୍କୁ କହିଲେ ତୁମ ପାଖରେ କୌଣସି ଧାତୁ ସାମଗ୍ରୀ ଅଛି କି ? ଏହା ଶୁଣି ରାଜା ତାଙ୍କରି ପାଖରେ ଥିବା ତମାଖୁ (ନାସ) ଡବାଟିକୁ ଦେଖାଇଲେ । ସାଧୁ ସେହି ଡବାଟିକୁ ସେଠାରେ ଗୁହା ସାମ୍ନାରେ ଥିବା ଏକ ପ୍ରସ୍ତର ସ୍ତମ୍ଭକୁ ସ୍ପର୍ଶ କରିବାରେ ସେହି ଡବାଟି ସ୍ୱର୍ଣ୍ଣ ଡବାରେ ପରିଣତ ହୋଇଥିଲା । ରାଜା ଏଥିରେ ଆଶ୍ଚର୍ଯ୍ୟ ହେବାରେ ସନ୍ୟାସୀ ଜଣକ ରାଜାଙ୍କ ଚକ୍ଷୁମୁଦ୍ରିତ କରାଇ ଗୁହାର ଅନ୍ୟ ଏକ ପାର୍ଶ୍ୱକୁ ନେଇଯାଆନ୍ତେ ରାଜା ସେଠାରେ ଏକ ଯଜ୍ଞାନୁଷ୍ଠାନ ଓ ଯଜ୍ଞ ମଣ୍ଡପର ଦର୍ଶନ କରି ସନ୍ୟାସୀ ଓ ସନ୍ୟାସିନୀଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଦେଖିଲେ ପରଦିନ ସକାଳ ବେଳରେ ସେ' ନିଜ ଗଡ଼ ରାଜନଅରରେ ପ୍ରବେଶିଛନ୍ତି। ଏଥିରେ ଜାଣିବାକୁ ମିଳେ ଯେ, ମହେନ୍ଦ୍ର କ୍ଷେତ୍ର ଏକ ତପଭୂମି, ଧର୍ମ ଯଜ୍ଞ ଭୂମି ଓ ଆଧ୍ୟାତ୍ମିକ ସାଧନ ସ୍ଥଳ । ଏହି କ୍ଷେତ୍ରର ସବିଶେଷ ବର୍ଣ୍ଣନା ସଂସ୍କୃତ ପୁରାଣ ତଥା ରାମାୟଣ ଓ ମହାଭାରତ ସହ ଅଷ୍ଟାଦଶ ପୁରାଣ ଆଦିରେ ଦେଖିବାକୁ ମିଳେ ।

ପଞ୍ଚୁପାଣ୍ଡବ ଖୋଲ: ପଞ୍ଚୁପାଣ୍ଡବମାନେ ବନବାସ କରିବା ବେଳେ ମହେନ୍ଦ୍ରରେ ଶିବାଦି ଦେବାଦେବୀଙ୍କ ଆରାଧନା ପାଇଁ ମନ୍ଦିରମାନ ନିର୍ମାଣ କରିଥିଲେ । କିମ୍ବଦନ୍ତୀ କହେ ଯେ, ସର୍ବ ପ୍ରଥମେ ପାଣ୍ଡବମାନେ ସମୁଦ୍ର କୁଳେ କୁଳେ ଆସି ବୁଢ଼ାରସିଙ୍ଗି ଜଙ୍ଗଲାଞ୍ଚଳରେ ପ୍ରବେଶ କରିଥିଲେ। ସେଠାରୁ ମହେନ୍ଦ୍ର ପର୍ବତ ଅତି ଉଚ୍ଚ । ଦାରୁବ୍ରହ୍ମ ଗୁମ୍ଫାର ଉତ୍ତର ଦିଗରେ ଥିବା ହନୁକୁଦା ପାହାଡ଼ ତଳରେ ଏକ ସମତଳ ସ୍ଥାନଟିଏ ଥିବା ଦେଖି ସେଠାରେ ଏକ ମନ୍ଦିର ତୋଳାଇବା ଚିନ୍ତା କରିଥିଲେ । ଭୀମଙ୍କ ଅନ୍ୟ ଭାଇମାନେ ଏକ ଶିଆଳି ଲତାକୁ ଦଉଡ଼ି ଭଳି ଧରି ତାଡ଼କେଶ୍ୱର ମନ୍ଦିର ପାଖରୁ ଉପରକୁ ଉଠିବାରେ ଲାଗିଲେ । ମା'ଙ୍କୁ ନ' ନେଇ ପାରିଥିବା ଯୋଗୁଁ ପୂର୍ବ ସ୍ଥାନରେ ଚାରି ଭାଇ ମିଶି ମନ୍ଦିର ତିଆରିଲେ କିନ୍ତୁ ଭୀତ ଉପରକୁ ଉଠିଯାଇ ନିଜେ ଏକ ମନ୍ଦିର ତୋଳିଲେ । ଯାହାକୁ ଆଜି ଭୀମ ଦେଉଳ ଭାବରେ ପୂଜା ପାଉଛି । ଶିଆଳୀ ଲତାର ଆଶ୍ରୟ ନେଇ ଉପରକୁ ପାଞ୍ଚ ଭାଇ ଯାଇଥିବାରୁ ଏହାକୁ ଶିଆଳି ଲଟା ଅବା ପଞ୍ଚୁପାଣ୍ଡବ ଖୋଲ ଭାବରେ ଏବେ ବି ଚିହ୍ନିତ କରାଯାଉଛି । ଅବଶ୍ୟ ଏହି ସ୍ଥାନରେ ମନ୍ଦିର ନିର୍ମାଣର ଚିନ୍ତା କରିଥିଲେ ବି କାର୍ଯ୍ୟାରମ୍ଭ ବେଳେ ପକ୍ଷୀଟିଏ ରାବ ଦେବାରୁ ଅଶୁଭ ମନେ କରି ସେଠାରେ ଆଉ ମନ୍ଦିର ନ ତୋଳାଇ ଅନ୍ୟତ୍ର ମନ୍ଦିର କରିଥିଲେ ।

ଫଟା ମନ୍ଦିର: ମହେନ୍ଦ୍ର ପର୍ବର ଶିଖରରେ ଆଉ ଏକ ମନ୍ଦିର ରହିଛି । ଏହା ବୃହତ୍‌କାୟ ପ୍ରସ୍ତରରେ ନିର୍ମିତ ଥିଲା । ଏଥିରେ ଉଣିଶିଗୋଟି ପଥର ଲାଗିଛି । କିନ୍ତୁ ବାହାରୁ ଦେଖିଲେ ନଅ ଗୋଟି ପଥରରେ ତିଆରି ଭଳି ଲାଗେ । ଏହି ସମ୍ପୂର୍ଣ୍ଣ ମନ୍ଦିରଟିକୁ ଭୀମ ନିର୍ମାଣ କରିଥିଲେ ହେଁ ପଥର ସଜାପ୍ରଣାଳୀ ପସନ୍ଦ ନ ହେବାରୁ ନିଜେ ଗୋଇଠା ମାରି ମନ୍ଦିରଟିକୁ ଭାଙ୍ଗି ଦେବାର ଚେଷ୍ଟା କରିଥିଲେ । କିନ୍ତୁ ମନ୍ଦିରଟି ନଭାଙ୍ଗି ଫାଟି ରହିଗଲା । ଏହି ମନ୍ଦିରଟି ଏବେ ବି ଫଟା ମନ୍ଦିର ଭାବରେ ରହିଛି । କିଛି ଗବେଷକ କହନ୍ତି ଏହା ବଜ୍ରପାତ ଯୋଗୁଁ ବି ମନ୍ଦିର ଫାଟିଯିବା ସମ୍ଭବ। ଏଠା କିମ୍ବଦନ୍ତୀ କହେ ଯେ, ଏହି ମନ୍ଦିରଟି ଭୀମଙ୍କ ନିଶ୍ୱାସକୁ ସହିନପାରି ଫାଟି ଯାଇଛି ।

ମଞ୍ଜୁଷାଗଡ଼ର ବାମନସିଂ ରାଜା: ମହେନ୍ଦ୍ରର ଉତ୍ତର ପଟରେ ପୁରୁଷ ପୁର (ହୁଏତ ପୁରୁଷୋତ୍ତମପୁର) ରାଜ୍ୟଟିଏ ଥିଲା । ସେହି ରାଜ୍ୟର କନିଷ୍ଠ ରାଜପୁତ୍ରଙ୍କ ନାମ ଥିଲା ବାମନ ସିଂ । ଦିଗ୍ ବିଜୟ ପାଇଁ ବାମନ ସିଂ ଦକ୍ଷିଣ ଦିଗକୁ ଯାତ୍ରା କଲା କାଳରେ ସେ' ମହେନ୍ଦ୍ର ପର୍ବତ ଉପରେ ପ୍ରବେଶ କରିଥିଲେ । ତାଙ୍କରି ମନରେ ବ୍ରାହ୍ମଣ ଓ ଦେବଦେବୀଙ୍କ ଉପରେ ଅନେକ ଭକ୍ତି ଥିଲା । ଏଠାରେ ଗୋକର୍ଣ୍ଣେଶ୍ୱରଙ୍କ ପୂଜା, ଧ୍ୟାନ, ଉପାସନା କରି ନିଜ ମନରେ ଥିବା ବିକାର କଥା କାମ, କ୍ରୋଧ, ଇର୍ଷା, ଲୋଭ ଆଉ ହିଂସା ଆଦି ପ୍ରକୃତିକୁ ଦୂରେଇ ଦେବାରେ ସମର୍ଥ ହୋଇଥିଲେ । ଗୋକର୍ଣ୍ଣେଶ୍ୱରଙ୍କୁ ଏକୋଇଶି ଦିନ ଧରି ଉପବାସ ବ୍ରତ ପାଳନ କରି ଇଶ୍ୱରଙ୍କୁ ସନ୍ତୁଷ୍ଟ କରି ପାରିଥିଲେ । ଗୋକର୍ଣ୍ଣେଶ୍ୱର ମହାଦେବ ବାମନସିଂଙ୍କୁ ବରଦାନ କରି କହିଲେ ତୁମେ କ୍ଷତ୍ରୀୟ ଧର୍ମ ଅନୁସାରେ ପ୍ରଜା ପାଳନ କର । ଏହା ସହ ସାଧନାପୀଠରୁ ସପ୍ତପାଦ ଦୂରରେ ଥିବା ଏକ ପ୍ରସ୍ତର ଖଣ୍ଡକୁ ଉଠାଇବା ପାଇଁ ନିର୍ଦ୍ଦେଶ ଦେଲେ । ବାମନ ସିଂ ଏହି ପ୍ରସ୍ତର ଖଣ୍ଡକୁ ଉଠାଇବା ପରେ ଦେଖାଗଲା ସେଠାରେ ଦୁଇଟି ଗିରିଝରର ଉତ୍ପତ୍ତି ହୋଇ ଦୁଇଟି ନଦୀ ଭାବରେ ସମୁଦ୍ରରେ ମିଶିବାରେ ଲାଗିଲେ । ସ୍ୱୟଂ ଗୋକର୍ଣ୍ଣେଶ୍ୱର ବରଦାନ ପୂର୍ବକ କହିଲେ ଯେ, ଏହି ଦୁଇ ପାର୍ବତ୍ୟ ଝରଣା / ନଦୀ ମଧ୍ୟସ୍ଥ ଭୂମିରେ ନିଜର ରାଜ୍ୟ ସ୍ଥାପନ କରି ଚଳିବା ପାଇଁ । ଆହୁରି ମଧ୍ୟ କହିଲେ ଏ' ରାଜ୍ୟ ସୁନ୍ଦର ଉଷା କାଳରେ ପ୍ରାପ୍ତ ହୋଇଥିବାରୁ ଏହି ରାଜ୍ୟର ନାମକୁ ମଞ୍ଜୁଉଷା ତଥା ମଞ୍ଜୁଷା ରଖିବାକୁ । ଏହା ସହ ଠାକୁର ନିର୍ଦ୍ଦେଶ ଦେଲେ ଯେଉଁଠି ନଦୀକୁ ଫୋପାଡ଼ି ଥିବା ଦ୍ରବ୍ୟଟି ଯେଉଁଠି ଭାସମାନ ସ୍ଥିତିରେ ରହିବ ସେଇଠି ଗଡ଼ ତିଆରିବାକୁ । ରାଜା ବାମନ ସିଂ ତାହାହିଁ କରି ଯଶସ୍ୱୀ ହୋଇଥିଲେ । ରାଜା ବାମନ ସିଂ ନିଜ ଆଙ୍ଗୁଠିରେ ପିନ୍ଧୁଥିବା ସୁନା ମୁଦିଟିଏକୁ ଦୈବ ନିର୍ଦ୍ଦେଶ ଅନୁଭବ କରି ନଦୀ ମଧ୍ୟକୁ ଫିଙ୍ଗି ଦେଇଥିଲେ । ସେହି ନଦୀ ସେହି ଦିନରୁ ସୁନାମୁଦିଆ ନାମ ବହନ କଲା ଓ ତାରି କୂଳରେ ମଞ୍ଜୁଷାଗଡ଼ ପ୍ରତିଷ୍ଠା କରାଗଲା । ପ୍ରଭୁ ଗୋକର୍ଣ୍ଣେଶ୍ୱରଙ୍କ ମହିମା ଓ ବରଦାନରୁ ରାଜା ପ୍ରୀତ ହୋଇ ଫାଲଗୁନ ଚତୁର୍ଦ୍ଦଶୀ ଦିନ ଜାଗର ଯାତ୍ରା ପାଳନ କରିବା ସହ ସେହିଦିନ ରାତିସାରା ମହାଶିବରାତ୍ର ଉତ୍ସବ ପାଳନ କରିଥିଲେ, ଯାହା ଆଜି ବି ମହେନ୍ଦ୍ରାଞ୍ଚଳ ପରିସରକୁ ଜନପୂର୍ଣ୍ଣ, ଭକ୍ତପୂର୍ଣ୍ଣ ଉପାସନାସ୍ଥଳୀରେ ପରିଣତ କରିଦେଇଛି।

ପୁରିଆସାହିସ୍ଥ ପର୍ଶୁରାମ କ୍ଷେତ୍ର: ପର୍ଶୁରାମଙ୍କ ଆଶ୍ରମ ଏହିଠାରେ ରହିଥିଲା ବୋଲି ଏହାକୁ ଆଦିବାସୀମାନେ ପୁରିଆ ସାହି କହନ୍ତି । ମହେନ୍ଦ୍ର ପର୍ବତ ଶ୍ରେଣୀ ପାଦଦେଶରେ ତୁମ୍ବା ଗ୍ରାମ ଠାରୁ ପ୍ରାୟ ଦଶ କିମି ଦକ୍ଷିଣକୁ ବାମ ଦିଗରେ ଜଙ୍ଗଲବେଷ୍ଟିତ ଏକ କ୍ଷେତ୍ର ଦେଖିବାକୁ ମିଳେ । ତାକୁ ସାଧାରଣତଃ ପୁରିଆ ସାହି ତଥା ପର୍ଶୁରାମ କ୍ଷେତ୍ର କୁହାଯାଏ । ବିସ୍ତିର୍ଣ୍ଣ ଖେଳ ମଧ୍ୟରେ ଭଗବାନ ପର୍ଶୁରାମଙ୍କର ଏକ ସିମେଣ୍ଟ ତିଆରି ପ୍ରତିମୂର୍ତ୍ତି ରହିଛି । କୁହାଯାଏ ଏହି ସ୍ଥାନରେ ପର୍ଶୁରାମଙ୍କର ଆଶ୍ରମ ଓ ତପସ୍ୟା କ୍ଷେତ୍ର ରହିଥିଲା । ଏଣୁ ଏହାକୁ ଏବେ ବି ପର୍ଶୁରାମ କୁଣ୍ଡ ବୋଲି ଏହି ଶବରପଲ୍ଲୀ ଅଞ୍ଚଳରେ ଆଦିବାସୀମାନେ କହିଥାନ୍ତି । କଥିତ ଯେ ପର୍ଶୁରାମଙ୍କ ପିତା ଜମଦଗ୍ନି ଗଜପତି ଜିଲ୍ଲାର ରାମଗିରି ଅଞ୍ଚଳରେ ଆଶ୍ରମ କରିଥିଲେ । ରାଜା କୀର୍ତ୍ତିବୀର୍ଯ୍ୟ ଜମଦଗ୍ନିଙ୍କୁ ଏହିଠାରେ ହତ୍ୟା କରିବା ବେଳେ ମାତା ରେଣୁକାଙ୍କୁ ୨୧ ବାର ଚାବୁକ ପ୍ରହାର କରିଥିଲେ । ଏଥିରେ କ୍ରୋଦ୍ଧିତ ହୋଇ ଜମଦଗ୍ନିଙ୍କ ପୁତ୍ର ଭଗବାନ ପର୍ଶୁରାମ ବ୍ରାହ୍ମଣ ହେଲେ ହେଁ ୨୧ ବାର ଏ' ପୃଥିବୀକୁ ନିକ୍ଷେତ୍ରୀୟ କରିଦେଇଥିଲେ । ଏଥିରେ କ୍ଷେତ୍ରୀୟମାନଙ୍କୁ ଯୁଦ୍ଧର ଘନଘଟାରେ ପରାସ୍ତ କରି ତାଙ୍କରି ରକ୍ତରେ ପିତା ଜମଦଗ୍ନି ସମେତ ପିତୃମାତୃ ପୁରୁଷଙ୍କ ତର୍ପଣ କରିଥିଲେ। ରକ୍ତରେ ତର୍ପଣ ଯୋଗୁଁ ଏହି ପର୍ଶୁରାମ କୁଣ୍ଡ ଏବେବି ଦେଖିବାକୁ ଲାଲ ତଥା ରକ୍ତବର୍ଣ୍ଣ ଦେଖାଯାଉଛି।

♥ ସଂସ୍କୃତି ସଦନ, ବୟାଳୀ, ମନ୍ତ୍ରିଡ଼ି,
ବ୍ରହ୍ମପୁର, ଗଂଜାମ
(ମୋ) ୯୩୩୭୯୬୦୬୮୮

ଛୋଟ ଗଳ୍ପ

# ମନେପଡେ



## ପ୍ରଫୁଲ୍ଲ ବାରିକ



ଏପ୍ରିଲ ମାସରୁ ଖରା ଲାଗିଲାଣି ମେ' କି ଜୁନ ପରି । ଦିନ ଦଶଟାରୁ ବାହାରି ହେଉନି ଘରୁ । କେଇଦିନ ତଳେ କାଳବୈଶାଖି ହେଇଥିଲା ବୋଲି ଅବସ୍ଥା ଏତିକରେ । ନାଇଁତ କୋଉଠୁ ଯାଇ କୋଉଠି ପହଞ୍ଚି ଥାଆନ୍ତା ହିସାବ ବାହାରେ। ଅପରାହ୍ନ ପାଞ୍ଚଟା ପରେ ଯାଇ ଲୋକେ ବାହାରୁଛନ୍ତି ବାହାରକୁ । ବାକି ସମୟ ଠପ। କେହିହେଲେ ଦେଖାନାଇଁ । ଶୁନଶାନ ଦାଣ୍ଡବାରି ।

ଅପରାହ୍ନ ଚାରିଟା ହେବ । ସେବ ବସିଛି ଦାଣ୍ଡ ଦୁଆରକୁ ଲାଗି ପିଣ୍ଡାରେ । ଖରାବେଳେ ତା ଆଖିକୁ ନିଦ ହୁଏନା । ରାତିରେ ବେଶୀରେ ବେଶୀ ଦି'ଘଣ୍ଟା ଶୁଏ ସିଏ । ବାକି ସମୟ ନିରୋଳା ଅନିଦ୍ରା । ନିଦ ଖୋଜିଲେବି ଟୋପେ ଆସେନି ଆଖିକୁ। ନିଦ ବିଦା ନେଇଛି ସେବେଠୁ ଯେବେଠୁ ଯାଇଛି ସପନା । କମବେଳେ କାମ । ନିକାମ ବେଳେ ବସେ ଏକଲା ହେଇ ପିଣ୍ଡାରେ । ଆଖି ଲମ୍ବିଥିବ ଆକାଶକୁ। ଘଣ୍ଟା ଘଣ୍ଟା। କ'ଣ ଦେଖେ, କି ଖୋଜେ ଆକାଶରୁ କିଜାଣି । ନା କାହାସହ କଥାବାର୍ତ୍ତା, ନା ଯିବା ଆସିବା କାହାଘରକୁ। ସମ୍ପୂର୍ଣ୍ଣ ଏକଲାପଣରେ ବିତି ଚାଲିଛି ଜୀବନ। ବଦଳି ଯାଇଛି ସପନା ଯିବାପରେ। ବଞ୍ଚିବା ଖାଲି ନାଁ'କୁ। ମରି ସାରିଛି କହିଲେ ଚଳେ।

ସେବ ଦେଖିଲା ପୂର୍ବ ଆକାଶରେ କଳା ବାଦଲ ଧାରେ । ଚମକି ପଡିଲା । ଦେହର ଲୋମ ଟାଙ୍କୁରି ଉଠିଲା । କିଏ କହିବ ନିମିଷକେ ଘୋଟି ନଆସିବ ! ସତକୁସତ ଅନଡ ଅନଡ ଘୋଟି ଆସିଲା ମେଘ । ଖରାଦିନ ମେଘକୁ ଭରସା ନାହିଁ । ଅବେଳେ କୁଣିଆଁମିତି ଆସିବ । ବଳେଇ ପଶିବ ବାରଣ ସତ୍ତ୍ୱେ । ଅନଡ ଅନଡ ଅନ୍ଧାର ଘୋଟି ଆସିଲା ଗୋଟା ପୃଥିବୀକୁ । ଦିନ ଥାଉଥାଉ ରାତିର ଭ୍ରମ । ସେବ ବ୍ୟସ୍ତ ହେଇଉଠିଲା । ଗାଈ ଯାଇଛନ୍ତି ବିଲକୁ । ପିଲା ଦିଇଟା ଗାଁ ମୁଣ୍ଡ ପଡିଆରେ ଖେଳୁଛନ୍ତି ସାଙ୍ଗଙ୍କ ସହ । ସେବ ପିଣ୍ଡାରୁ ଉଠି ଅନେଇଲା ଗାଁ ମୁଣ୍ଡ ଆଡ଼େ । ପୁଅ ଦି'ଜଣ ଫେରୁଛନ୍ତି । ଗାଈ ମାନେବି ଫେରୁଛନ୍ତି ଦଳଦଳ ହେଇ । ସେବ ଟିକେ ନିଶ୍ୱାସ ମାରିଛି କି ନାଇଁ ବିଜୁଳିଟାଏ ଚକକରି ମାରିଦେଲା ଯେ ଆଲୁମୟ ହେଇଗଲା ପୃଥ୍ୱୀ । ପଛକୁପଛ ମାରିଲା ଚଡ଼ଚଡି । ଶବ୍ଦରେ ଚିରି ପଡିଲାକି ପୃଥ୍ୱୀର ଛାତି । ସେବ ଚମକି ପଡିଲା । ଦୌଡ଼ି ଆସିଲା ପିଣ୍ଡା ଉପରକୁ । ତା ପଛେପଛେ ପୁଅ ଦି'ଜଣ ଓ ତାଙ୍କ ପଛକୁ ଗାଈ । ସେବ ଗାଈକୁ ଗୁହାଳକୁ ମୁହେଇଁ ବସିଲା ଆସି ପିଣ୍ଡାରେ । ଢାଳି ଦେଇଗଲା ବର୍ଷା କୁଆପଥର ସହ । ପୁଅ ଦି'ଜଣ କୁଆପଥର ସାଉଁଟି ମଜା କରୁଥାଆନ୍ତି । ସେବ ବସି ବୁଡ଼ିଥାଏ ତା' ଚିନ୍ତା ରାଜ୍ୟରେ । ଏଣିକି ମେଘ ଓ ଘଡଘଡିକୁ ତାର ଜୀବନ ଭୟ । ବିଜୁଳି ଦେଖିଲେ ନାଚି ଯାଏ ଆଖିରେ ସେଇ ଦୃଶ୍ୟ । ବିଜୁଳି ନିଭେଇଛି ତା ମଥାରୁ ସିନ୍ଦୂର । ଭସେଇଚି ତା ସଂସାରକୁ ମଝି ଦରିଆରେ । ଏବେ ଗୋଟା ପରିବାର ହୁଲି ଡ଼ଙ୍ଗାରେ ମଝି ସମୁଦ୍ରରେ। ଦିଶୁନି କୂଳ କିନାରା। କୋଉଠୁ ଯାଇ କୋଉଠି ଲାଗିବେ ସେଇ ଈଶ୍ୱରଙ୍କୁ ଜଣା । ପିଲା ଦୁଇଟିଙ୍କର ମଥାକୁ ହାତ ପାଇନି, ବାପ ସୁହାଗରୁ ବଂଚିତ ବାଳୁତବେଳୁ । କିମିତି ତାଙ୍କୁ ପାଳିବ, କିମିତି ଲଗେଇବ କୂଳ କିନାରା, ସେଇ ଭଗବାନ ଜାଣନ୍ତି । ସେବର ଚିନ୍ତା ଦିନରାତି ସେଇ ।

ଘଟଣା ଘଟିବାର ଦି'ବର୍ଷ ପୁରିବ । ଏଇମିତି ବର୍ଷା ଆରମ୍ଭରୁ, ମୌସୁମୀ ଆସିନଥାଏ । ଆଗତୁରା ବର୍ଷା ଅସରେ ହେଇ ଛାଡିଗଲା । ତା ପଛକୁ ଯୋଉ ଖରାକୁ ସେଇ ଖରା । ହେଲେ ମାଟି ଭିଜି ହଳପାଇଁ ହେଇଗଲା ଯୋଗ୍ୟ । ଟ୍ରାକ୍ଟର ପକେଇ ଗାରେଲେଖା ଦେଇ ଦେଇଥିଲେ । ସେଦିନ ବିଶେଷ କାମ ନଥିବାରୁ କୋଦାଳଟା ନେଇ ବାହାରିଗଲେ ହିଡ଼ କତି ଦେବାକୁ । ଅଧାକାମ ହେଇଚି କି ନାଇଁ ଆସିଲା ଅପରାହ୍ନରେ ମେଘ । ଅନଡ ଅନଡ ଘୋଟି ଆସିଲା ଆଜିଦିନ ଭଳି । କୋଦାଳ ନେଇ ଆସିବାକୁ ତର ମିଳିଲାନି । କାମ ଛାଡ଼ୁ ଛାଡ଼ୁ ମାରିଲା ବିଜୁଳି ଯେ ଟଳିପଡିଲେ ସେଇଠି, ହିଡ଼ ମୁଣ୍ଡରେ । ପାଖ ଜମିରେ ଆଉଜଣେ କାମ କରୁଥିଲେ । ଦେଖିକି ଆସି ହୁରି ପକେଇଲେ ଗାଁ'ରେ । ସମସ୍ତେ ଧାଇଁଲେ ବିଲକୁ । ଜୀବନ ନଥିଲା ଦେହରେ। ଦରପୋଡା କାଠଗଣ୍ଡି ପରି ଅଧାଜଳା ଶରୀର ପଡିଥିଲା ହିଡ଼ ମୁଣ୍ଡରେ । ଲୋକେ ଧରାଧରି କରି ନେଇଆସିଲେ ଗାଁ'କୁ । ସେ ବେଳର ସେ ଦୃଶ୍ୟ ଜୀବନ ସାରା ଅପାସୋରା। ମୁଣ୍ଡପିଟି ଭୂଇଁରେ ସେ ଗଡୁଥାଏ । ପୁଲିସ ଆସିଲା । ଶବ ଗଲା ପୋଷ୍ଟମର୍ଟମ ହେବାକୁ । ସିଆଡେ ସିଆଡେ କରିଦେଲେ ସତ୍କାର । ଆଉ ସୁଯୋଗ ପାଇନି ଦେଖିବାର । ସରକାରୀ ସାହାଯ୍ୟ ଯାହା ମିଳିଲା ସମୁଦ୍ରକୁ ଶଙ୍ଖେ । ସାହାଯ୍ୟରେ କ'ଣ ଚଳେଘର ? ମନକୁ ବୁଝେଇ ରହିଛି ଯେ ରହିଛି । ସେବେଠୁ ଯେବେ ଦେଖେ ଆକାଶରେ ମେଘ, ତା ଛାତି କୋରି ହେଇ ଯାଏ । ବିଜୁଳିକୁ ତାର ପ୍ରାଣଭୟ । ଯା'ପୁଅ ସାପ କାମୁଡାରେ ମରିଥାଏ, ତା ମାଆ ଦୌଡ଼ି ଦେଖିଲେ ଡରିବା ପରି ପ୍ରାଣ ଭୟ ତାର ବର୍ଷା ବିଜୁଳିକୁ।

ବର୍ଷା ଛାଡିଲାଣି । ବିଜୁଳି ବି ଉଭାନ ଆକାଶରେ । ପିଲାମାନେ ମାଗିଲେଣି ଖାଇବାକୁ । କ'ଣ ପକେଇବ ତାଙ୍କ ମୁହଁରେ ? ନିଜେ ସିନା ବୁଝୁଚି, ବୁଝିବେକି ପିଲା ? ସେବ ପିଣ୍ଡାରୁ ଉଠି କମର ସଳଖିଲା । ହାତ ଯୋଡ଼ିଲା ପ୍ରଭୁଙ୍କ ଉଦ୍ଦେଶ୍ୟରେ ।

♥ ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ: ୯୨୩୮୯୨୦୪୦୫.

# ଗୁଳିମାଡ଼ ଘଟଣାରେ ଏସପିଙ୍କୁ ଭେଟିଲା ବିଜେଡି ଫେକ୍ଟ ଫାଇଣ୍ଡିଂ ଟିମ୍

## ■୪୮ ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନହେଲେ ଏସପି ଅଫିସ ଘେରାଓ
## ■ଗଣେଶ୍ୱରପୁର ସ୍ଥିତ ଘର ଓ ଗୁଳିକାଣ୍ଡ ସ୍ଥଳକୁ ସ୍ୱତନ୍ତ୍ର ଟିମର ପରିଦର୍ଶନ
## ■ହମିଦଙ୍କ ପତ୍ନୀ ଭୋ ଭୋ କାନ୍ଦିଲେ, ନ୍ୟାୟ ଭିକ୍ଷା କଲେ



ବାଲେଶ୍ୱର, ୨୭/୬ (ନି.ପ୍ର): ବାଲେଶ୍ୱରର ଯୁବ ବ୍ୟବସାୟୀ ସେକ ହମିଦଙ୍କୁ ଗୁଳିମାଡ଼ ଓ ହତ୍ୟା ଘଟଣାରେ ଶନିବାର ବିଜେଡିର ଫେକ୍ଟ ଫାଇଣ୍ଡିଂ ଟିମ୍ ଏସପିଙ୍କୁ ଭେଟିଛି । ଦିନ ଦ୍ୱି-ପ୍ରହରେ ଛାତିଥରା ଗୁଳିକାଣ୍ଡକୁ ନାପସନ୍ଦ କରିବା ସହ ବାଲେଶ୍ୱରରେ ବିଗୁଡ଼ୁଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ ତଥା କଡ଼ା କାର୍ଯ୍ୟାନୁଷ୍ଠାନ ନେଇ ଦାବି କରିଛନ୍ତି । ଯଦି ସମ୍ପୃକ୍ତ ଘଟଣାରେ ୪୮ ଘଣ୍ଟା ମଧ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ, ତେବେ ଏସପି ଅଫିସ ଘେରାଓ କରିବା ନେଇ ବିଜେଡି ଚେତାବନୀ ଦେଇଛି । ଏଥିସହ ହମିଦଙ୍କ ଗଣେଶ୍ୱରପୁର ସ୍ଥିତ ଘର ଓ ଅରଡ଼ବଜାର ସ୍ଥିତ ଗୁଳିକାଣ୍ଡ ସ୍ଥଳକୁ ଏହି ସ୍ୱତନ୍ତ୍ର ଟିମ ପରିଦର୍ଶନ କରିବା ସହ ପରିବାରବର୍ଗ ଓ ବ୍ୟବସାୟୀଙ୍କୁ ଭେଟିଛି । ପରେ ସମ୍ପୃକ୍ତ ଟିମ୍ ଅରଡ଼ବଜାର ସ୍ଥିତ ଗୁଳିକାଣ୍ଡ ସ୍ଥଳରେ ପହଞ୍ଚି ଘଟଣା ବିଷୟରେ ଲୋକଙ୍କଠୁ ବୁଝା ସୁଝା କରିଛନ୍ତି । ବାଲେଶ୍ୱର ଜିଲ୍ଲା ବର୍ତ୍ତମାନ ଅପରାଧୀଙ୍କ ଚରାଭୂଇଁ ସାଜିଥିବା ବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ଏକଦମ୍ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଗୁରୁବାର ଦିବାଲୋକରେ ବାଲେଶ୍ୱରରେ ୮ ରାଉଣ୍ଡର ଛାତିଥରା ଗୁଳିକାଣ୍ଡ ଘଟିଥିବା ବେଳେ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ସେଖ ହମିଦଙ୍କର ମୃତ୍ୟୁ ହୋଇଛି । ଯାହା ସମଗ୍ର ସହର ଓ ଜନ ମାନସରେ ଭୟର ବାତାବରଣ ସୃଷ୍ଟି କରିଥିବା ବେଳେ ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ଗୁରୁତର ପ୍ରଶ୍ନ ଉଠାଇଛି । ଘଟଣାକୁ ନେଇ ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡିର ଫେକ୍ଟ ଫାଇଡିଂ ଟିମ୍ ଶନିବାର ସକାଳେ ପ୍ରଥମେ ରେମୁଣା ଗୋଲେଇ ଓ ପରେ ହମିଦଙ୍କ ଗଣେଶ୍ୱରପୁର ସ୍ଥିତ ଘରେ ପହଞ୍ଚି ଘଟଣାକୁ ଗ୍ରାଉଣ୍ଡରୁ ତଦାରଖ କରିଛି । ହମିଦଙ୍କ ସ୍ତ୍ରୀ, ପୁଅ ଓ ପରିବାର ପ୍ରିୟଜନଙ୍କୁ ଭେଟିବା ସହ ଘଟଣା ବାବଦରେ ଆଲୋଚନା କରିଛନ୍ତି । ବର୍ତ୍ତମାନ ସୁଦ୍ଧା ଏନେଇ ପୁଲିସ ତାଙ୍କ ଘରେ ପହଞ୍ଚିନଥିବା ପରିବାର ବର୍ଗ କହିବା ସହ ହମିଦଙ୍କ ପତ୍ନୀ କାନ୍ଦି କାନ୍ଦି ହାତ ଯୋଡି ନ୍ୟାୟ ଭିକ୍ଷା କରିଛନ୍ତି । ପରେ ଟିମର ସଂଯୋଜକ ତଥା ବାଲେଶ୍ୱର ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଟିମର ସଦସ୍ୟଙ୍କ ମଧ୍ୟରେ ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ତଥା ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ବରିଷ୍ଠ ସାଧାରଣ ସମ୍ପାଦିକା ତଥା ସାଂସଦ ପ୍ରାର୍ଥୀନୀ ଡ. ଲେଖାଶ୍ରୀ ସାମନ୍ତସିଂହାର, ସୋର ବିଧାୟକ ମାଧବ ଧଡ଼ା, ପୂର୍ବତନ ସଦର ବିଧାୟକ ଜୀବନ ପ୍ରଦୀପ ଦାସ ଏବଂ ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ ପ୍ରମୁଖ ବାଲେଶ୍ୱର ପୁଲିସ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କୁ ଭେଟିବା ସହ ଘଟଣା ସମ୍ପର୍କରେ ଅବଗତ କରାଇଛନ୍ତି । ବାଲେଶ୍ୱରରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗୁଡ଼ୁଥିବା ବେଳେ ସମ୍ପୃକ୍ତ ଗୁଳିକାଣ୍ଡକୁ ଟିମ ନିନ୍ଦା କରିଛି । ଏଥିସହ ସମ୍ପୃକ୍ତ ଘଟଣାରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି । ଆଗାମୀ ୪୮ ଘଣ୍ଟା ମଧ୍ୟରେ ଯଦି ଏହା ନହୁଏ, ତେବେ ରାଜ୍ୟର ପ୍ରମୁଖ ବିରୋଧୀ ଦଳ ହିସାବରେ ଲୋକଙ୍କ ହିତକୁ ଗୁରୁତ୍ୱ ଦେଇ ବିଜେଡି ଏସପି ଅଫିସ ଘେରାଓ କରିବ ବୋଲି ଟିମ ଚେତାବନୀ ଦେଇଛି । ଏହି ପରିପ୍ରେକ୍ଷୀରେ ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ରାଜ୍ୟ ସାଧାରଣ ସମ୍ପାଦକ ଗିରୀଶ ଚନ୍ଦ୍ର ଦାସ, ବାଲେଶ୍ୱର ଟାଉନ ସଭାପତି ମନୋଜ କୁମାର ରାଉତ, ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ପୌର ଉପାଧ୍ୟକ୍ଷ କୈଳାଶ ସେଠୀ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, ରେମୁଣା ଏନଏସସି ଚେୟାରମ୍ୟାନ ତନୁଜା ଗିରି, ଉପାଧ୍ୟକ୍ଷ ଏହେସାନ ଖାନ, ରେମୁଣା ବ୍ଲକ ସଭାପତି ଅଭିମନ୍ୟୁ ଦିନ୍ଦା, ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ସେକ ଅନସର ଅଲ୍ଲୀ, ସୁବୋଧ ମହାନ୍ତି, ସଞ୍ଜୟ ବେହେରା, ଅଶୋକ ଆଦ୍ୟ, ଅଶୋକ ଦାସ, ଧନଞ୍ଜୟ ଜେନା, ଯୁବ ନେତା ଭରତ ଭୂଷଣ ଦାସ ଓ ଉମାଶଙ୍କର ତିଆଡ଼ି, ଛାତ୍ରନେତା ହରେକୃଷ୍ଣ ପ୍ରଧାନ ପ୍ରଧାନ ପ୍ରମୁଖ ଏସପି ଅଫିସରେ ଉପସ୍ଥିତ ରହି ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି ।

## କୁଡାସିଂହାରେ ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗିର, ୨୭/୬ (ନି.ପ୍ର): ରାଜ୍ୟ ସରକାର ପୁରସ୍କାରପ୍ରାପ୍ତ ସଂଗଠନ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ଏବଂ ଜ୍ଞାନଜ୍ୟୋତି ତପୋବନ ଶିକ୍ଷା ମନ୍ଦିର କୁଡାସିଂହାର ମିଳିତ ଉଦ୍ୟମରେ ଏକ ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର) ସଚେତନତା କାର୍ଯ୍ୟକ୍ରମ କୁଡାସିଂହା ଠାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସ୍କୁଲ ସଭାପତି ଲିଙ୍ଗରାଜ ପୁଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ସମାଜରେ ସଚେତନତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଏକ ସଚେତନତା ର୍ୟାଲିର ଆୟୋଜନ କରାଯାଇଥିଲା ।

## ହିଣ୍ଡାଲକୋ ପକ୍ଷରୁ ଫୁଟବଲ ଖେଳାଳି ପ୍ରତିଭା ଅନ୍ୱେଷଣ

ସମ୍ବଲପୁର, ୨୭/୬ (ନି.ପ୍ର): ହିଣ୍ଡାଲକୋ, ହୀରାକୁଦ ଓ ସୁଦେବା ଫୁଟବଲ କ୍ଲବ, ଦିଲ୍ଲୀ ଦ୍ୱାରା ହୀରାକୁଦ,ସମ୍ବଲପୁର ଓ ଆଖପାଖ ଅଂଚଳର ଖେଳାଳି ମାନଙ୍କ ପାଇଁ ଏକ ଫୁଟବଲ ଖେଳାଳି ପ୍ରତିଭା ଅନ୍ୱେଷଣ ଶିବିର ହୀରାକୁଦ ର ସୁବାଷ ମୈଦାନ ରେ ଅନୁଷ୍ଠିତ ହେଇଯାଇଛି । ଏଥିରେ ୨୧ ବର୍ଷ ବୟସ ପର୍ଯ୍ୟନ୍ତ ବିଭିନ୍ନ ବର୍ଗ ର ୧୭୫ ଜଣ ଖେଳାଳି ଅଂଶ ଗ୍ରହଣ କରିଥିଲେ। ଶିବିରର ସୁପାରିଶ ଅନୁଯାୟୀ ଯୋଗ୍ୟ ବିବେଚିତ ଖେଳାଳି ମାନେ ଦିଲ୍ଲୀ ର ସୁଦେବା ଫୁଟବଲ କ୍ଲବ ରହି ପ୍ରଶିକ୍ଷଣ ସହିତ ଭବିଷ୍ୟତ ଗଠନ କରିବେ। ହୀରାକୁଦ ଶିବିରରେ ମଣିପୁର ରୁ ଉକ୍ଷମ ସିଂ, ସୁଦେବା ଫୁଟବଲ କ୍ଲବର ଦିଲ୍ଲୀ ର ବରିଷ୍ଠ ଫୁଟବଲ ପ୍ରଶିକ୍ଷକ ଉପସ୍ଥିତ ରହି ଖେଳାଳି ମାନଙ୍କର ଖେଳ ଦକ୍ଷତା କୁ ପରଖିବା ସହ ଉତ୍ତମ ଫୁଟବଲ ଖେଳ କୌଶଳ ର ପଦ୍ଧତି ପ୍ରଦାନ କରିଥିବା ବେଳେ ଡ଼ିଏଏ ର ସମ୍ପାଦକ ସୁନୀଲ ସାହୁ, ହୀରାକୁଦ କ୍ରୀଡା ସଂଘ ର ସଭାପତି ଗଣେଶ ପଲାଇ, କାର୍ଯ୍ୟକାରୀ ସଭାପତି ସଚ୍ଚିକାନ୍ତ ମିଶ୍ର,ସମ୍ପାଦକ ପ୍ରତାପ ତାଣ୍ଡି ଉପସ୍ଥିତ ରହି ହିଣ୍ଡାଲକୋ ଅଂଚଳରେ ଖେଳର ଉନ୍ନତି ପାଇଁ କରୁଥିବା ପ୍ରୟାସକୁ ସ୍ୱାଗତ କରିଥିଲେ ।

## ପାରାଦୀପରେ ଆନ୍ତର୍ଜାତୀୟ ଏମ୍‌ଏସ୍‌ଏମ୍‌ଇ ଦିବସ ଆୟୋଜିତ



ପାରାଦୀପ, ୨୭/୬ (ନି.ପ୍ର): 'ଆନ୍ତର୍ଜାତୀୟ ଏମ୍‌ଏସ୍‌ଏମ୍‌ଇ ଦିବସ ୨୦୨୬' ଅବସରରେ ଆଜି ପାରାଦ୍ୱୀପ ଇଫକୋ ଅଡ଼ିଟୋରିୟମ ଠାରେ ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର୍ (ଡବ୍ଲୁଟିସି) ଏବଂ ନେସନାଲ୍ ସ୍ମଲ୍ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ୍ (ଏନଏସଆଇସି)ର ମିଳିତ ଆନୁକୂଲ୍ୟରେ ଏମ୍‌ଏସ୍‌ଏମ୍‌ଇ ଟିମ୍ ର ବାଣିଜ୍ୟ ସକ୍ଷମତା ଏବଂ ମାର୍କେଟିଂ ପଦକ୍ଷେପକୁ ନେଇ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଓଡିଶା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ "ଦି ଫ୍ୟୁଚର୍ ଜେନେରେସନ୍ ଅଫ୍ ଏମ୍‌ଏସ୍‌ଏମ୍‌ଇ" ଶୀର୍ଷକ ଉପରେ ଆଲୋକପାତ କରିଥିଲେ । ବର୍ତ୍ତମାନ ବାଣିଜ୍ୟ କ୍ଷେତ୍ରରେ ଡିଜିଟାଲାଇଜେସନ୍, ଲଜିଷ୍ଟିକ୍ସ ଇଣ୍ଟିଗ୍ରେସନ୍, ଅନଲାଇନ୍ ବଜାର, ଏଆଇ ଏବଂ ଇ-କମର୍ସର ପ୍ରଭାବ ବୃଦ୍ଧି ପାଉଥିବା ସମୟରେ ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକର ରୂପାନ୍ତରଣ ଜରୁରୀ । ଡିଜିଟାଲ୍ ବାଣିଜ୍ୟ ମାଧ୍ୟମରେ ଏମ୍‌ଏସ୍‌ଏମ୍‌ଇକୁ ସଶକ୍ତ କରିବା ଏବଂ ଓପନ୍ ନେଟୱାର୍କ ଫର୍ ଡିଜିଟାଲ୍ କମର୍ସ (ଓଏନଡିସି) ସହିତ ସେମାନଙ୍କର ସମନ୍ୱୟକୁ ସହଜ କରିବା ପାଇଁ ମୋଦୀ ସରକାରଙ୍କ ଦ୍ୱାରା ଆରଏଏମପି ସ୍କିମ୍ ଅଧୀନରେ ଏମ୍‌ଏସ୍‌ଏମ୍‌ଇ ଟ୍ରେଡ୍ ଏନେବ୍ଲେମେଣ୍ଟ ଆଣ୍ଡ ମାର୍କେଟିଙ୍ଗ ଇନିସିଏଟିଭ୍ ଆରମ୍ଭ କରାଯାଇଛି । ଏହି ପଦକ୍ଷେପ ମାଗଣାରେ ଅନବୋର୍ଡିଂ, ଡିଜିଟାଲ୍ କାଟଲଗ୍ ସୃଷ୍ଟି , ଆକାଉଣ୍ଟ ପରିଚାଳନା ପାଇଁ ସହାୟତା, ଲଜିଷ୍ଟିକ୍ସ ସୁବିଧା, ପ୍ୟାକେଜିଂ ସହାୟତା, ଡିଜିଟାଲ୍ ଦକ୍ଷତା ସୃଷ୍ଟି ଏବଂ ଦେଶବ୍ୟାପୀ ଗ୍ରାହକ ନିକଟରେ ପହଞ୍ଚାଇବା ଭଳି ଅନେକ ସୁବିଧା ପ୍ରଦାନ କରିବା ସହ ଗ୍ରାମୀଣ ଓ ଅର୍ଦ୍ଧସହରୀ କ୍ଷେତ୍ରର ଛୋଟ ଛୋଟ ଉଦ୍ୟୋଗଗୁଡ଼ିକୁ ଇ-କମର୍ସ ମାଧ୍ୟମରେ ସମଗ୍ର ଭାରତର ବଜାରରେ ସ୍ଥାନ ଦେବାରେ ସହାୟକ ହେଉଛି । ବିଶେଷ କରି, ଏହା ମହିଳାମାନଙ୍କ ଦ୍ୱାରା ପରିଚାଳିତ ଉଦ୍ୟୋଗଗୁଡ଼ିକୁ ମଧ୍ୟ ଡିଜିଟାଲ୍ ବଜାରର ସୁଯୋଗ ଦେଇ ସେମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବାରେ ସହାୟକ ହୋଇପାରୁଛି । ଏଭଳି ସଚେତନତା କାର୍ଯ୍ୟକ୍ରମ ପାରାଦ୍ୱୀପ ପରି ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଆୟୋଜନ କରିଥିବାରୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆୟୋଜକ ମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ବନ୍ଦର, ଶିଳ୍ପ, ସୁଦୃଢ଼ ପରିବହନ ବ୍ୟବସ୍ଥା ଏବଂ ସାମୁଦ୍ରିକ ଅର୍ଥନୀତି ଯୋଗୁଁ ଏହି ଅଞ୍ଚଳରେ ଅପାର ସମ୍ଭାବନା ରହିଛି । ବିଶେଷ କରି, ଫ୍ୟାବ୍ରିକେସନ୍, ପ୍ୟାକେଜିଂ, ମରାମତି ଓ ରକ୍ଷଣାବେକ୍ଷଣ, ମେରାଇନ୍ ପ୍ରଡକ୍ଟସ୍, ଫୁଡ୍ ପ୍ରୋସେସିଂ, ଲଜିଷ୍ଟିକ୍ସ ସର୍ଭିସେସ୍ ଓ ଇଞ୍ଜିନିୟରିଂ ସେବା ଭଳି ବିଭିନ୍ନ ଆନୁଷଙ୍ଗିକ କ୍ଷେତ୍ରରେ ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକର ବିକାଶ ପାଇଁ ଅନେକ ସୁଯୋଗ ରହିଛି । ଆଜିର ଯୁଗ ହେଉଛି ଡିଜିଟାଲ୍ କମର୍ସର । ତେଣୁ, ଟେକ୍ନୋଲୋଜିକୁ ଭୟ ନକରି ଡିଜିଟାଲ୍ ବ୍ୟବସାୟକୁ ପ୍ରାଧାନ୍ୟ ଦେବା ସହ କ୍ୱାଲିଟି, ବ୍ରାଣ୍ଡିଂ ଓ ପ୍ୟାକେଜିଂ ଏବଂ ଡିଜିଟାଲ୍ ରେକର୍ଡ ଉପରେ ଗୁରୁତ୍ୱ ଦେବାକୁ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀମାନଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏବଂ ସମସ୍ତେ ମିଶି ଓଡ଼ିଶାର ଏମ୍‌ଏସ୍‌ଏମ୍‌ଇକୁ 'ଲୋକାଲ୍ ରୁ ଗ୍ଲୋବାଲ୍' କରିବା ନେଇ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ପି.କେ.ମହାପାତ୍ର, ଜଗତସିଂହପୁର ଡିଆଇସି ଜିଏମ ମନୋରଞ୍ଜନ ବିଶୋଇ, ଏନଏସଆଇସି ଜିଏମ ମନୋଜ ମୋହନ ସିହ୍ନା ଓ ଡେପୁଟି ଜିଏମ କମଳ ଲୋଚନ ନାୟକ, ଡବ୍ଲୁଟିସି ଭୁବନେଶ୍ୱର ଶାଖା ଅଧ୍ୟକ୍ଷା ଡ଼ଃ.ରୀନା ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଡବ୍ଲୁଟିସି ଆଞ୍ଚଳିକ ନିର୍ଦ୍ଦେଶିକା ଏ. ରାଜ୍ୟଲକ୍ଷ୍ମୀ ଉଦଯାପନୀ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଶେଷରେ ଏନଏସଆଇସି ଡିଜିଏମ ସୁଜିତ କୁମାର ଶାହା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏସଆଇଆର-୨୦୨୬ ଅନ୍ତର୍ଗତ ବିଏଲ୍‌ଓ-ବିଏଲ୍‌ଏ ବୈଠକ ଅନୁଷ୍ଠିତ



ବାରିପଦା, ୨୭/୬ (ନି.ପ୍ର): ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ କାର୍ଯ୍ୟକ୍ରମ ଅନ୍ତର୍ଗତ ଆଜି ୩୨-ବଡସାହି(ଏସସି) ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନସ୍ଥ ୫୬ ନଂ ମତଦାନ କେନ୍ଦ୍ରରେ ଅତିରିକ୍ତ ଜିଲ୍ଲାପାଳ ମୟୂରଭଞ୍ଜ ତଥା ନିର୍ବାଚନ ପଞ୍ଜିକରଣ ଅଧିକାରୀ (ବଡ଼ସାହି) ଶ୍ରୀ ଦୁଃଖବନ୍ଧୁ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ଓ ବୁଥ୍ ସ୍ତରୀୟ ଏଜେଣ୍ଟ (ବିଏଲ୍‌ଏ) ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ବୁଥ୍ ସ୍ତରରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ଓ ବୁଥ୍ ସ୍ତରୀୟ ଏଜେଣ୍ଟ (ବିଏଲ୍‌ଏ)ମାନଙ୍କ ମଧ୍ୟରେ ପାରସ୍ପରିକ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । କ୍ଷେତ୍ରସ୍ତରରେ ଘରକୁ ଘର ଯାଇ ମତଦାତାଙ୍କ ତଥ୍ୟ ସଂଗ୍ରହ, ଯାଞ୍ଚ ଏବଂ ନାମାବଳୀରେ ଆବଶ୍ୟକ ସଂଶୋଧନ ସମ୍ବନ୍ଧୀୟ କାର୍ଯ୍ୟର ଅଗ୍ରଗତି ନେଇ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା । ବିଶେଷକରି, କୌଣସି ଯୋଗ୍ୟ ମତଦାତାଙ୍କ ନାମ ନିର୍ବାଚନୀ ନାମାବଳୀରୁ ବାଦ୍ ପଡ଼ିବାକୁ ନ ଦେବା, ନୂତନ ଯୋଗ୍ୟ ମତଦାତାଙ୍କୁ ଅନ୍ତର୍ଭୁକ୍ତ କରିବା, ମୃତ, ସ୍ଥାନାନ୍ତରିତ କିମ୍ବା ଦ୍ୱିତୀୟ ନାମଗୁଡ଼ିକର ଯଥାର୍ଥ ଯାଞ୍ଚ କରିବା ଏବଂ ନାମାବଳୀକୁ ସଠିକ୍ ଓ ଅପଡେଟ୍ ରଖିବା ଦିଗରେ ବିଏଲ୍‌ଓ ଏବଂ ବିଏଲ୍‌ଏମାନଙ୍କ ସମ୍ମିଳିତ ପ୍ରୟାସର ଆବଶ୍ୟକତା ନିତାନ୍ତ ଆବଶ୍ୟକ ବୋଲି ଶ୍ରୀ ନାୟକ ମତପ୍ରକାଶ କରିଛନ୍ତି । ଏହାସହ ବିଏଲ୍‌ଓ ଓ ବିଏଲ୍‌ଏମାନଙ୍କୁ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରି ନିରପେକ୍ଷତା, ସ୍ୱଚ୍ଛତା ଓ ଦାୟିତ୍ୱବୋଧର ସହିତ କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ । ସମସ୍ତଙ୍କ ସକ୍ରିୟ ସହଯୋଗ ମାଧ୍ୟମରେ ଏକ ନିର୍ଭୁଲ, ସର୍ବସମାବେଶୀ ଏବଂ ଅଦ୍ୟତନ ନିର୍ବାଚନୀ ନାମାବଳୀ ପ୍ରସ୍ତୁତ କରିବା ହିଁ ଏସ୍‌ଆଇଆର-୨୦୨୬ର ମୂଳ ଉଦ୍ଦେଶ୍ୟ ବୋଲି ବୋଲି ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଶ୍ରୀ ନାୟକ କହିଛନ୍ତି । ଆଜିର ଏହି ବୈଠକରେ ସଂପୃକ୍ତ ବୁଥର ବିଏଲ୍‌ଓ ମୃତ୍ୟୁଞ୍ଜୟ ଦାସ, ବିଏଲ୍‌ଓ ସୁପରଭାଇଜର୍ ସନ୍ତୋଷ କୁମାର ବେହେରା ସମେତ ବିଭିନ୍ନ ରାଜନୈତିକ ଦଳର ବିଏଲ୍‌ଏମାନେ ଉପସ୍ଥିତ ଥିଲେ ।

## ବିଶିଷ୍ଟ ସିନେମାଟୋଗ୍ରାଫର ଦିଲ୍ଲୀପ ରାୟଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୨୭/୬ (ନି.ପ୍ର): ବିଶିଷ୍ଟ ସିନେମାଟୋଗ୍ରାଫର ଦିଲ୍ଲୀପ ରାୟଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ସମୃଦ୍ଧ କରିବାରେ ଦିଲ୍ଲୀପ ରାୟଙ୍କ ଅସାଧାରଣ କଳାତ୍ମକ ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ। ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଦିଲ୍ଲୀପ ରାୟଙ୍କ ବିୟୋଗ ଓଡ଼ିଶାର କଳା ଓ ସଂସ୍କୃତି ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କ ସୃଜନଶୀଳ କାର୍ଯ୍ୟ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଅବଦାନ ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ଇଚ୍ଛା ଅନିଚ୍ଛାରେ ...

(ପୃଷ୍ଠା ୬ର ଅବଶିଷ୍ଟାଂଶ)

କିନ୍ତୁ ଏହାଶୁଣି ଅଶୋକ ରାଗି ଗଲେ । ସେ କିଛିଟା ବିରକ୍ତ ହୋଇ କହିଲେ, 'ତୁମେ କାହିଁକି ବୁଝୁନାହଁ ? ମୁଁ ବୁଝିପାରୁନାହିଁ ।'

ସାଗରିକା ଚୁପ୍ ହୋଇଗଲା । ସେ ଜାଣିଥିଲା ଯେ ଯୁକ୍ତି କରିବା ଦ୍ୱାରା ହୁଏତ କିଛି ପରିବର୍ତ୍ତନ ହେବ ନାହିଁ, କିନ୍ତୁ ତାଙ୍କ ହୃଦୟର ସେହି ଇଚ୍ଛା ସମ୍ପୂର୍ଣ୍ଣ ଭାବରେ ଦମନ ହୋଇପାରିବ ନାହିଁ । ସାଗରିକା ଚୁପ୍ ରହିଲା। କିନ୍ତୁ ତାଙ୍କ ଭିତରେ ଏକ ଶୂନ୍ୟତା ଗଭୀର ହୋଇଗଲା, ତଥାପି ସେ ଅଶୋକଙ୍କୁ ଘୃଣା କରିପାରିଲା ନାହିଁ । କାରଣ ଅଶୋକ ଏକ ପକ୍ଷ ଥିଲା , ଯାହାକୁ ସେ ଗଭୀର ଭାବରେ ଭଲ ପାଉଥିଲା । ବେଳେ ବେଳେ ସେ ହଠାତ୍ କହୁଥିଲା, 'ଆସ ଆଜି ବାହାରକୁ ଖାଇବାକୁ ଯିବା ।' କେତେବେଳେ ସେ ତାଙ୍କୁ ଲାଲ ଗୋଲାପ ଆଣି ଦେଉଥିଲେ । ସେହି ମୁହୂର୍ତ୍ତଗୁଡ଼ିକରେ ସାଗରିକା ଭାବୁଥିଲା ଯେ ହୁଏତ ଏହା ପ୍ରକୃତରେ ଅଶୋକଙ୍କ ସେହି ପ୍ରେମ, ଯାହା ତାଙ୍କୁ ଅନେକ ଦିନରୁ ମିଳିଛି । ଭାବନା ଭିତରେ ସାଗରିକା ବୁଡ଼ି ଯାଇଥିଲା । କିନ୍ତୁ ତା'ପରେ ଏମିତି ଗୋଟିଏ ଦିନ ଆସିବ ଯେତେବେଳେ ସେ କଠୋର ଭାବରେ କଥା କହିବେ ଓ ସାଗରିକା ଏପରି ଅନୁଭବ କରିବ ଯେପରି ସେ ଏପରି ଜଣେ ବ୍ୟକ୍ତିଙ୍କ ସହିତ ରହୁଛି ଯାହାକୁ ସେ ଚିହ୍ନି ମଧ୍ୟ ନାହାଁନ୍ତି । ତାଙ୍କ ମନ ପ୍ରାୟତଃ ଦ୍ୱନ୍ଦ୍ୱରେ ରହୁଥିଲା ।

ଏହା କ'ଣ ପ୍ରେମ ? ନା କେବଳ ଅଭ୍ୟାସ ? ପ୍ରାୟତଃ ସେ ତାଙ୍କ ମନର କଥା କାହାକୁ କହିବାକୁ ଚିନ୍ତା କରୁଥିଲେ । କିନ୍ତୁ ତା'ପରେ ସେ ଭାବିଲେ ସାଙ୍ଗମାନେ ହୁଏତ ବୁଝିପାରିବେ ନାହିଁ । ସେ ଚୁପ୍ ରହିବାକୁ ଭଲ ଭାବିଲେ । ଗୋଟିଏ ସନ୍ଧ୍ୟାରେ ଯେତେବେଳେ ବର୍ଷା ହେଉଥିଲା, ସାଗରିକା ତାଙ୍କ ବାଲକୋନିରେ ଠିଆ ହୋଇଥିଲେ । ରାସ୍ତାରେ ପାଣି ଟୋପା ଚମକୁ ଥିଲା । ଥଣ୍ଡା ପବନ ବହୁଥିଲା । ଅଜୟ ତାଙ୍କ ରୁମରେ ପାଠ ପଢୁଥିଲେ । ଅଶୋକ ଏପର୍ଯ୍ୟନ୍ତ କାମରୁ ଫେରି ନଥିଲେ ।

ସାଗରିକାଙ୍କ ମନରେ ଅନେକ ଭାବନା ଖେଳିଗଲା । ତାଙ୍କ ବିବାହର ପ୍ରାରମ୍ଭିକ ଅଭୁଲା ଦିନଗୁଡ଼ିକରେ ସେ କେତେ ଆଶାରେ ପରିପୂର୍ଣ୍ଣ ଥିଲେ ତାହା ତାଙ୍କର ମନେ ପଡ଼ିଗଲା । ସେ ଭାବୁଥିଲେ ଯେ ଜୀବନ ସବୁବେଳେ ସମାନ ରହିବ - ହସ ଓ ସ୍ନେହରେ ପରିପୂର୍ଣ୍ଣ ହେବ। କିନ୍ତୁ ଏବେ ସେ ବୁଝିବାକୁ ଲାଗିଲେ ଯେ ପ୍ରେମ ଓ ଯନ୍ତ୍ରଣା ପ୍ରାୟତଃ ଏକାଠି ଚାଲିଥାଏ ।

କିଛି ମୁହୂର୍ତ୍ତ ପରେ ଦ୍ୱାର ଖୋଲି ଅଶୋକ ଘର ଭିତରକୁ ପଶି ଆସିଲେ । ସାଗରିକାଙ୍କୁ ବାଲକୋନିରେ ଠିଆ ହୋଇଥିବାର ଦେଖିଲେ । 'ତୁମେ ବର୍ଷା ଦେଖୁଛ ?' ସେ ହସି ହସି ପଚାରିଲେ । ସାଗରିକା ସାମାନ୍ୟ ହସି ମୁଣ୍ଡ ହଲାଇଲା । ଅଶୋକ ଆସି ତାଙ୍କ ପାଖରେ ଠିଆ ହେଲେ । ସେମାନେ କିଛି ମୁହୂର୍ତ୍ତ ପାଇଁ ନୀରବ ରହିଲେ । ତା'ପରେ ଅଶୋକ ଧୀରେ କହିଲା, 'ବେଳେ ବେଳେ ମୁଁ ଅନୁଭବ କରେ ଯେ ମୁଁ ତୁମକୁ ବୁଝିପାରୁନାହିଁ ।' ସାଗରିକା ତାଙ୍କୁ ଚାହିଁଲା । ସେ ପୂର୍ବରୁ କେବେ ଏମିତି ବାକ୍ୟ ଶୁଣି ନଥିଲେ । ସେ କହିଲେ, ' ମୁଁ ଅନୁଭବ କରେ ଯେ ତୁମେ ମୋତେ ବୁଝିବାକୁ ଚାହୁଁନାହଁ ।' ଅଶୋକ କିଛି କହିଲେ ନାହିଁ । ବର୍ଷାର ଶବ୍ଦ ସେମାନଙ୍କ ମଧ୍ୟରେ ବ୍ୟାପିଗଲା । ସେହି ମୁହୂର୍ତ୍ତରେ ସାଗରିକା ଅନୁଭବ କଲେ ଯେ ହୁଏତ ସେମାନଙ୍କ ସମ୍ପର୍କର କାହାଣୀ ଆଉ ସମ୍ପୂର୍ଣ୍ଣ ହୋଇନାହିଁ ।

ଏହି ଅସମ୍ପୂର୍ଣ୍ଣ ପୃଷ୍ଠାଗୁଡ଼ିକୁ ନେଇ ଆଗକୁ ବଢ଼ିବା ପାଇଁ ଅର୍ଥ ଅନେକ - କିଛି ଯନ୍ତ୍ରଣା, କିଛି ଆଶା । ହୁଏତ ତାହା ଜୀବନର ଅର୍ଥ ଥିଲା । ସାଗରିକା ଜାଣିଥିଲେ ଯେ ତାଙ୍କର ଆହୁରି ଅନେକ ପ୍ରଶ୍ନ ଅଛି - ଅନ୍ୟ ଏକ ସନ୍ତାନ ପାଇଁ ତାଙ୍କର ଇଚ୍ଛା, ସମ୍ମାନ ପାଇଁ ତାଙ୍କର ସନ୍ଧାନ ଓ ସେମାନଙ୍କ ସମ୍ପର୍କକୁ ବୁଝିବା ପାଇଁ ତାଙ୍କର ସଂଘର୍ଷ ।

କିନ୍ତୁ ସେ ଏହା ମଧ୍ୟ ଜାଣିଥିଲେ ଯେ ପ୍ରତ୍ୟେକ କାହାଣୀ ତୁରନ୍ତ ଶେଷ ହୁଏ ନାହିଁ । ହୁଏତ କିଛି କାହାଣୀ ଧୀରେ ଧୀରେ ପ୍ରକାଶ ପାଏ ଓ ତାଙ୍କ ନିଜସ୍ୱ କାହାଣୀ ସେହି ମଧ୍ୟରୁ ଗୋଟିଏ ଥିଲା । ଦାଂପତ୍ୟ ଜୀବନରେ ପ୍ରେମ ଓ ସଂଘର୍ଷ ଲୁଚି ରହିଛି । ସାଗରିକାର ମନେ ପଡିଗଲା ରାତି ପାହିଲେ ସାବିତ୍ରୀ । ଅଶୋକ ସହ ଦୁଇ ଦିନ ପୂର୍ବରୁ ସେ ମାର୍କେଟ କରି ମନଲାଖି ଶାଢ଼ୀ ପାଇଛି । ସ୍ୱଳ୍ପ ଦରମାରେ ତାକୁ କେବେ ସେ ଅବହେଳା କରି ନାହାନ୍ତି । ତଥାପି ତାଙ୍କୁ ବେଳେ ବେଳେ ବୁଝିବାରେ ଭୁଲ୍ ରହେ କାହିଁକି । ଅଶୋକ ସନ୍ଧ୍ୟାରେ ଫେରି ଆସିବା ଜାଣି ସଲଜ୍ଜ ନୟନରେ ସାଗରିକା ଯାଇ ଠିଆ ହୋଇ ଗଲା । ଅନୁଭବ କରୁଥିବା ଯେମିତି ରାଗ ରୁଷା ମାନ ଅଭିମାନ ପ୍ରେମ ସଂଘର୍ଷ ନଥିଲେ ସେ ଘର ସଂସାର ସୁନ୍ଦର ହୋଇପାରେ ନାହିଁ....!!!!

+ ତାରାନିଳୟ , ପ୍ଲଟ:୮୫୪/ଏ , ଲକ୍ଷ୍ମୀନାରାୟଣ ବିହାର,
ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା: ୮୫୪/ଏ , ସଂପର୍କ: ୯୦୪୦ ୧୫୧୪୭୫

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ସମୃଦ୍ଧ ଓଡ଼ିଶାରେ ଆମର ...

ଆଇଆଇଏମ ସମ୍ବଲପୁର, ଏସବିଆଇ ଏବଂ ଏଆଇ ଭଏସ୍ ବଟ୍ ସର୍ଭେର ତଥ୍ୟ ଅନୁସାରେ ରାଜ୍ୟରେ ମହିଳା ପରିଚାଳିତ ଉଦ୍ୟୋଗ ସଂଖ୍ୟା ୨୫ ପ୍ରତିଶତରୁ ବୃଦ୍ଧି ପାଇ ୫୩ ପ୍ରତିଶତ, ଅର୍ଥାତ୍ ଦୁଇ ଗୁଣରୁ ଅଧିକ ହୋଇଛି। ଏହା ସହିତ ହିତାଧିକାରୀମାନଙ୍କର ହାରାହାରି ବ୍ୟାଙ୍କ ଜମା ମଧ୍ୟ ୬,୮୮୭ ଟଙ୍କା ବୃଦ୍ଧି ପାଇଛି। ଏହି ପରିପ୍ରେକ୍ଷୀରେ ନୂତନ ଭାବେ ଗଠିତ ଡରଚ ପ୍ଲାଟଫର୍ମ ଜରିଆରେ ମିସନ ଶକ୍ତି, ଗଝଗର, ଷ୍ଟାର୍ଟଅପ୍ ଓଡ଼ିଶା, ବ୍ୟାଙ୍କ ଏବଂ ଶିଳ୍ପ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ମହିଳାମାନଙ୍କୁ ଆର୍ଥିକ ସହାୟତା, ବଜାର ସୁବିଧା, ମେଣ୍ଟରସିପ୍ ଓ ସ୍କିଲ୍ ଡେଭଲପମେଣ୍ଟ ଆଦି ସମସ୍ତ ସୁବିଧା ଗୋଟିଏ ମଞ୍ଚରେ ଯୋଗାଇ ଦିଆଯିବ। ହସ୍ତତନ୍ତ, ସ୍କିଲ୍, ହୋମ୍ ଷ୍ଟେ ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ଅନେକ ନୂତନ ପାର୍ଟନରସିପ୍ ଓ କୋଲାବରେସନ୍ ମଧ୍ୟ ଆଜି ଆରମ୍ଭ କରାଯାଇଛି। ରାଜ୍ୟର ଅର୍ଥନୈତିକ ବିକାଶରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ମୂଳ ଇଞ୍ଜିନ୍ ଭାବେ ଅଭିହିତ କରି ମୁଖ୍ୟମନ୍ତ୍ରୀ ରାଜ୍ୟରେ ଭିତ୍ତିଭୂମି ବିକାଶ ପାଇଁ ଅନେକ ନୂତନ ପଦକ୍ଷେପ ଆରମ୍ଭ କରିଛନ୍ତି। ଏହି ଅବସରରେ ବାଲେଶ୍ୱରଠାରେ ୨୪ କୋଟି ୧୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ 'ରାଇସ୍ ମିଲିଙ୍ଗ୍ କ୍ଲଷ୍ଟର'ର ଉଦ୍‌ଘାଟନ କରାଯାଇଛି, ଯାହା ରାଇସ୍ ବ୍ରାନ୍ ଅଏଲ୍ ଉତ୍ପାଦନକୁ ପ୍ରୋତ୍ସାହିତ କରିବ। ସେହିପରି ପାରମ୍ପରିକ ସୁସ୍ୱାଦୁ ଖାଦ୍ୟର ପ୍ରସାର ପାଇଁ ପାହାଳଠାରେ ୧୭ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ଏକ 'ରସଗୋଲା କ୍ଲଷ୍ଟର' ପାଇଁ ଶିଳାନ୍ୟାସ କରାଯାଇଛି। ଏହାଦ୍ୱାରା ପାହାଳର ଦୈନିକ ଉତ୍ପାଦନ କ୍ଷମତା ୭ ହଜାର କେଜିରୁ ୧୧ ହଜାର କେଜିକୁ ବୃଦ୍ଧି ପାଇବ। ଏହା ବ୍ୟତୀତ ଗଞ୍ଜାମର ବରପାଲ୍ଲି ଓ କଳାହାଣ୍ଡିର କେସିଙ୍ଗାଠାରେ ୧୦ କୋଟି ଟଙ୍କା ଲେଖାଏଁ ବ୍ୟୟରେ ୨ଟି 'ମଲ୍ଟି-ପ୍ରଡକ୍ଟ ଗଝଗର ପାର୍କ'ର ଉଦ୍‌ଘାଟନ କରାଯାଇଛି। ଆଗାମୀ ଦିନରେ ଏକ ଇଞ୍ଜିନିୟରିଙ୍ଗ୍ କ୍ଲଷ୍ଟର, ମୁଦ୍ରଣ ଓ ପ୍ୟାକେଜିଙ୍ଗ୍ କ୍ଲଷ୍ଟର ଏବଂ କାଜୁ କ୍ଲଷ୍ଟରର ଶୁଭାରମ୍ଭ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଗୋଟିଏ ମଲ୍ଟି ପ୍ରଡକ୍ଟ ଗଝଗର ପାର୍କ ସ୍ଥାପନ କରାଯାଉଛି ବୋଲି ସେ କହିଥିଲେ।

### ସୁଜାତାଙ୍କ ମିଶ୍ରଣ ପରେ...

ଏମାନଙ୍କ ମଧ୍ୟରୁ ଅନେକ ନେତା ଦଳ ବି ଛାଡ଼ିସାରିଛନ୍ତି। ଏବେ ବାକି ରହିଯାଇଥିବା ବରିଷ୍ଠ ନେତା ପାଣ୍ଡିଆନଙ୍କ ପତ୍ନୀଙ୍କୁ ଗ୍ରହଣ କରିବେ ନା ବିଦ୍ରୋହ କରିବେ, ତାକୁ ନେଇ ଭିତରେ ଭିତରେ ଗୋଟି ଚଳାଯାଉଥିବା ଚର୍ଚ୍ଚା ହେଉଛି। ବିଜେଡିକୁ ଏବେ ପାଣ୍ଡିଆନ୍ ଦମ୍ପତି ହିଁ ଭରସା। ଗତକାଲି ବିଜେଡି ନେତାମାନେ ଏକଥା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସ୍ୱୀକାର କରି ନେଇଛନ୍ତି । ବିଜୁ ପଟ୍ଟନାୟକଙ୍କ ପରିବାରରୁ ଆଉ କେହି ରାଜନୀତିକୁ ଆସିବାର ସମ୍ଭାବନା ନାହିଁ, ତାହା ମଧ୍ୟ ଆପାତତଃ ସ୍ପଷ୍ଟ ହୋଇଛି। ସୁଜାତାଙ୍କୁ ନେଇ ଗୁମସୁମ୍ ରହୁଥିବା ବରିଷ୍ଠଙ୍କ ଗତି ଆଗକୁ କୁଆଡ଼େ ତାହା ବଡ଼ ପ୍ରଶ୍ନ।

### ଚନ୍ଦ୍ରିକା ମୃତ୍ୟୁ ମାମଲାରେ...

ଚନ୍ଦ୍ରିକାଙ୍କ ମୃତ୍ୟୁ ପାଇଁ ଭୀମସେନ ଦାୟୀ ବୋଲି ପୁଲିସ୍ ମଧ୍ୟ କହିଥିଲା। ଏବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ସରକାରୀ ସେବାରୁ ବହିଷ୍କାର କରିଛନ୍ତି। ଭବିଷ୍ୟତରେ ମଧ୍ୟ ଶ୍ରୀ ଟୁଡୁ ଆଉ କୌଣସି ସରକାରୀ ଚାକିରି ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସ୍ପଷ୍ଟ ହୋଇଛି। ନୂଆ କରି ଓଟିଏଏସ ପାଇଥିବା ଶ୍ରୀ ଟୁଡୁ ତାଙ୍କ ଇଣ୍ଡକ୍ସନ୍ ଟ୍ରେନିଂ ସମୟରେ ୨୦୨୬ ଜୁନ୍ ୪ ତାରିଖ ଠାରୁ ଅନୁପସ୍ଥିତ ଥିଲେ। ମଧୁସୂଦନ ଦାସ ରିଜିଓନାଲ୍ ଏକାଡେମୀ ଅଫ୍ ଫାଇନାନ୍ସିଆଲ୍ ମ୍ୟାନେଜମେଣ୍ଟରେ ତାଙ୍କ ଶେଷ ପରୀକ୍ଷାରେ ମଧ୍ୟ ଯୋଗ ଦେଇ ନଥିଲେ। ସେହି ସମୟରେ ସେ ଏକ ମୃତ୍ୟୁ ମାମଲାରେ ବାରଙ୍ଗ ପୁଲିସ ଦ୍ୱାରା ଗିରଫ ହୋଇଥିଲେ। ତାଙ୍କୁ ଏବେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରାଧିକ ମାମଲାରେ ୪୮ ଘଣ୍ଟାରୁ ଅଧିକ ସମୟ ଧରି ପୁଲିସ ଦ୍ୱାରା ଅଟକ ଥିବାରୁ ଆଇନ ଅନୁଯାୟୀ ପଦକ୍ଷେପ ନିଆଯାଇ ତାଙ୍କୁ ସିଧାସଳଖ ସରକାରୀ ସେବାରୁ ବରଖାସ୍ତ କରାଯାଇ ଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଚନ୍ଦ୍ରିକା ଓ ଭୀମସେନ ଛୋଟ ବେଳୁ ଏକାଠି ଗୋଟିଏ ସ୍କୁଲରେ ପଢୁଥିଲେ। ଏହାପରେ କଟକର ଏକ କଲେଜରେ ଉଭୟ +୨ ବିଜ୍ଞାନ ବିଭାଗରେ ନାଁ ଲେଖାଇଥିଲେ। ଦୀର୍ଘ ୧୫ ବର୍ଷ ଧରି ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ସେମାନେ ବିବାହ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ୨୦୨୭ ଡିସେମ୍ବରରେ ଉଭୟ ବିବାହ କରିବେ ବୋଲି ମଧ୍ୟ ନିଷ୍ପତ୍ତି ନେଇଥିଲେ। ଦୁହେଁ ଅନେକ ସମୟରେ ଏକାଠି ବୁଲାବୁଲି କରୁଥିଲେ ଓ ରହୁଥିଲେ। ହେଲେ ଭୀମସେନଙ୍କ ଜୀବନରେ ସ୍ୱାତୀ ନାମ୍ନୀ ଆଉ ଜଣେ ଯୁବତୀ ପ୍ରବେଶ କରିବା ପରେ ଚନ୍ଦ୍ରିକାଙ୍କ ସହିତ ତାଙ୍କର ସଂପର୍କରେ ସୃଷ୍ଟି ହୋଇଥିଲା ଫାଟ। ଚନ୍ଦ୍ରିକାଙ୍କୁ ମାନସିକ ନିର୍ଯାତନା ଦେଉଥିଲେ ଭୀମସେନ। ସେଥିପାଇଁ ଚନ୍ଦ୍ରିକାଙ୍କ ମୃତ୍ୟୁ ହୋଇଥିବା ତାଙ୍କ ମା' ଏତଲାରେ ଉଲ୍ଲେଖ କରିଥିଲେ। ଘଟଣା ଦିନ ଚନ୍ଦ୍ରିକା ଏକ ଓଲା କ୍ୟାବରେ ତ୍ରିଶୁଳିଆ ନିକଟକୁ ଆସିଥିଲେ। ଏହା ପରେ ନିଜ ଫୋନରୁ ବାରମ୍ବାର ଭୀମସେନଙ୍କୁ କଲ୍ କରିଥିଲେ। କିନ୍ତୁ ଭୀମସେନ ଫୋନ୍ ଉଠାଇ ନ ଥିଲେ। ଭୀମସେନ ତାଙ୍କ ଫୋନ୍ ନଉଠାଇବାରୁ ରାସ୍ତାରେ ଯାଉଥିବା ଜଣେ ବ୍ୟକ୍ତିଙ୍କୁ ଫୋନ୍ ମାଗି ଚନ୍ଦ୍ରିକା ତାଙ୍କ ପାଖକୁ କଲ୍ କରିଥିଲେ। ତଥାପି ଭୀମସେନ ଫୋନ୍ ଉଠାଇ ନଥିଲେ। ତା'ପରେ ଚନ୍ଦ୍ରିକା ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଥିଲେ। ଚନ୍ଦ୍ରିକାଙ୍କ ମୃତ୍ୟୁ ଘଟଣା ସାମ୍ନାକୁ ଆସିବା ପରେ ଭୀମସେନ ଓଏଏସ୍ ଟ୍ରେନିଂ ସେଣ୍ଟରରୁ ଫେରାର ହୋଇଯାଇଥିଲେ। ତେଣୁ ପୁଲିସର ତାଙ୍କ ଉପରେ ସନ୍ଦେହ ବଢ଼ିଥିଲା। ଭୁବନେଶ୍ୱରରୁ ଫେରାର ହେବା ପରେ ସେ ବିଭିନ୍ନ ସ୍ଥାନରେ ଲୁଚିଥିଲେ। ମୟୂରଭଞ୍ଜର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଲୁଚି ରହିଥିଲେ। ଅତି ଚତୁରତାର ସହ ମୋବାଇଲ୍ ଫୋନ୍ ବ୍ୟବହାର ନକରି ଅନ୍ୟ ଲୋକଙ୍କ ମୋବାଇଲରେ କଥା ହୋଇ ସବୁ କଥା ବୁଝୁଥିଲେ।

### ଭୁବନେଶ୍ୱରରେ...

ଏହାପରେ ଟଣାଓଟରା କରିବା ସହ ଦୁଷ୍କର୍ମ ଉଦ୍ୟମ କରିଥିଲେ । ଏ ନେଇ ମହିଳା ଜଣଙ୍କ ଭରତପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୁଲିସ ଘଟଣାର ଖୋଳତାଡ଼ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

ଧ୍ୱନି ପ୍ରତିଧ୍ୱନି

# ବାଲେଶ୍ୱର ଶାଖା ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର ବାର୍ଷିକ ଉତ୍ସବ ପାଇଁ ଏକ ସାଧାରଣ ବୈଠକ

ବାଲେଶ୍ୱର , ୨୭/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବାଲେଶ୍ୱର ଶାଖା ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ ର ବାର୍ଷିକ ଉତ୍ସବ ସମ୍ପାଦକ ମହେଶ୍ୱର ପ୍ରଧାନ ସଭାପତିତ୍ୱରେ ୨୭/୦୬/୨୦୨୬ ଶନିବାର ଫାଣ୍ଡିଛକ ନିକଟ ଅଫିସରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଜିତେନ୍ଦ୍ର କୁମାର ଘୋଷାଲ , କାର୍ଯ୍ୟକାରୀ ସଭାପତି ରାଧା କୃଷ୍ଣ ଆଚାର୍ଯ୍ୟ , ରବିନାରାୟଣ ବେହେରା , ଶରତ କୁମାର ବେହେରା, ଲକ୍ଷ୍ମଣ କୁମାର ପଣ୍ଡା , ମନୋରଞ୍ଜନ ସାହୁ, ସନାତନ ସାହୁ , ପ୍ରଭାକର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ବୈଠକରେ ବାଲେଶ୍ୱର ରେ ଦିନକୁ ଦିନ ଦୁର୍ନୀତି ବୃଦ୍ଧି ପାଉଥିବାରୁ ଏହାକୁ କିପରି ରୋକ୍ ଲଗାଯିବ ସେ ବିଷୟରେ ଆଲୋଚନା ହୋଇଥିଲା। ସେଥିପାଇଁ ସ୍କୁଲ ଓ କଲେଜ ରେ ଆୱେର୍ ନେସ ପ୍ରଗ୍ରାମ କରାଯିବା ସ୍ଥିର କରାଗଲା । କାରଣ ଯୁବ ଗୋଷ୍ଠୀ ସଚେତନ ହେଲେ ଦୁର୍ନୀତି ଦୂର ହୋଇ ପାରିବ । ବାଲେଶ୍ୱର ଶାଖା ର ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ ର ବାର୍ଷିକ ଉତ୍ସବ ଆସନ୍ତା ୨୭/୦୯/୨୦୨୬ ରିଖରେ ସେପ୍ଟେମ୍ବର ରେ ହେବ ବୋଲି ସ୍ଥିର କରାଗଲା । ଓ କିପରି ଭାବରେ ସେ ବିଷୟରେ ଆଲୋଚନା ଓ ମାଗାଜିନ୍ କିପରି ପ୍ରକାଶ ପାଇବ ସେ ବିଷୟରେ ଆଲୋଚନା ହୋଇଥିଲା। ଏହି ବୈଠକକୁ ନାମଦେବ କମୀଲା, ବିଜୟ କୁମାର ବେହେରା , ପୂର୍ଣ୍ଣଚନ୍ଦ୍ର ବେହେରା, ସୁରେଶ ଚନ୍ଦ୍ର ରଣା, ସବ୍ୟସାଚୀ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



# ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅବହେଳା, ସାଧାରଣ ଲୋକଙ୍କ ପାଇଁ କାଳ ସାଜିଛି: ନିମ୍ନ ମାନର ଡ୍ରେନ୍ ନିର୍ମାଣ, ଲୋକଙ୍କ ଘରେ ପାଣି ପଶୁଛି

ବୈଶିଙ୍ଗା, ୨୭/୬ (ନି.ପ୍ର): ବୈଶିଙ୍ଗା ବଜାର ମଧ ଦେଇ ଯାଇଥିବା ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଜଳ ନିଷ୍କାସନ ପାଇଁ ଠିକ୍ ଭାବରେ ଡ୍ରେନ୍ ନିର୍ମାଣ ହୋଇ ନ ଥିବାରୁ ଯାନବାହନ ଚଳାଚଳରେ ବାଧାପ୍ରାପ୍ତ ହେବା ସହିତ ସାଧାରଣ ଲୋକ ତଥା ସାଇକେଲ ଓ ବାଇକ ଚାଳକଙ୍କୁ ବିପଦରେ ପକାଉଛି । ଅଧିକ ବର୍ଷା ହେଲେ ରାଜପଥ ଉପରେ ପାଣି ପ୍ରବାହିତ ହେଉଛି । ବଜାର ମଧ ଭାଗରେ ଏକ କିଲୋମିଟର ଲମ୍ବର ଉଡନ୍ତା ପୋଲ ନିର୍ମାଣ ହୋଇଥିବାରୁ ଉଭୟ ପାର୍ଶ୍ୱରେ ଯାନବାହନ ଚଳାଚଳ ପାଇଁ ଆପ୍ରୋଚ୍ ରୋଡ ନିର୍ମାଣ ହୋଇଛି ସତ ମାତ୍ର ଠିକ୍ ମାପ ଯୋଗରେ ତିଆରି ହୋଇ ନ ଥିବାରୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟି ଚାଲିଛି । ତିନି ଶହ ମିଟର ବ୍ୟବଧାନରେ ଏହି ରାଜପଥକୁ ଦୁଇଟି ସ୍ଥାନରେ ମାଣତ୍ରୀ ରାସ୍ତା ଓ ରୁପସା ରାସ୍ତା ସଂଯୋଗ କରୁଥିବାରୁ ଦୁଇଟି ଅଣ୍ଡରପାସ୍ ନିର୍ମାଣ ହେବାର ଯୋଜନା ରହିଥିଲ । ମାତ୍ର ଶେଷ ମୂହୁର୍ତ୍ତ ରେ ୩୦୦ ମିଟର ବ୍ୟବଧାନର ମଧ ଭାଗରେ ହିଁ ଗୋଟିଏ ଅଣ୍ଡରପାସ୍ ନିର୍ମାଣ ହୋଇଥିବାରୁ ଟ୍ରାଫିକ ନିୟମର ଉଲଙ୍ଘନ ଘଟାଇ ଯାନବାହନ ଚଳାଚଳ କରିବା ହେତୁ ଏଭଳି ଦୁର୍ଘଟଣାର ଶୀକାର ହେଉଛନ୍ତି । ଏହି ଆପ୍ରୋଚ୍ ରୋଡର ଶେଷ ଭାଗରେ ଓଭରବ୍ରୀଜ୍ ପାଣି ବୋହି ଆସି ଗୋଟିଏ ସ୍ଥାନରେ ରାସ୍ତା ପାର୍ଶ୍ୱକୁ ବୋହିବା ଯୋଗୁଁ ରାସ୍ତା ପାର୍ଶ୍ୱରେ ପ୍ରାୟ ଦଶ ଫୁଟ ଗଭୀରର ଗର୍ତ୍ତ ସୃଷ୍ଟି ହେବା ସହ ପିଚୁ ରାସ୍ତାର ତଳ ପାର୍ଶ୍ୱକୁ ଖାଇ ଚାଲାଣି । ବହୁ ଦାବି ପରେ ଜରକାଛକ ଠାରୁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ପର୍ଯ୍ୟନ୍ତ ଯେଉଁ ଡ୍ରେନ୍ ନିର୍ମାଣ ହେଲା ଏଥିରେ ପାଣି ବାହାରକୁ ଯିବା ବଦଳରେ ପାର୍ଶ୍ୱବର୍ତ୍ତୀ ଘର ମାନଙ୍କରେ ରହୁ ଥିବା ଲୋକଙ୍କ ଘରେ ପାଣି ପଶି ଯାଉଛି । ଏଥିପାଇଁ ଲୋକେ ପ୍ରମାଦ ଗଣୁଛନ୍ତି । କେତେବେଳେ କେଉଁ ମୂହୁର୍ତ୍ତରେ ତାଙ୍କ ଘର ଗୁଡ଼ିକୁ ତାଡି ନେଇଯିବ ତାହାର କୌଣସି ଗ୍ୟାରେଣ୍ଟି ନାହିଁ । ଏଥିପାଇଁ କର୍ତ୍ତୃପକ୍ଷଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ଫଳପ୍ରଦ ହୋଇପାରି ନାହିଁ । ଏଣୁ ତୁରନ୍ତ ଏହାର ପ୍ରତିକାର ନିମନ୍ତେ ଦାବୀ ହେଉଛି ।



# ଇଫ୍‌କୋ ପାରାଦୀପ ୟୁନିଟରେ ଏକ ଦିବସୀୟ କୃଷକ ତାଲିମ ଏବଂ ପରିଦର୍ଶନ କାର୍ଯ୍ୟକ୍ରମ

ପାରାଦୀପ, ୨୭/୬ (ନି.ପ୍ର): ଇଫକୋ ପାରାଦୀପ ୟୁନିଟ୍ ପରିସରରେ ସ୍ୱର୍ଣ୍ଣଜୟନ୍ତୀ ସଭାଗୃହ ରେ ଗତକାଲି ଏକ ଦିନିକିଆ କୃଷକ ତାଲିମ ଏବଂ ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡ଼ା ଏବଂ ମାର୍ଶାଘାଇ ବ୍ଲକର ପ୍ରାୟ ୭୫ ଜଣ ପ୍ରଗତିଶୀଳ ଚାଷୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ପାରାଦୀପ କୋର୍ଡେଟ ର ପ୍ରଧାନଶିକ୍ଷକ କୁଳମଣି ମାଝୀ ଯୋଗ ଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ନିଶ୍ଚିନ୍ତକୋଇଲି ବ୍ଲକର କୃଷି ରପ୍ତାନିକାରୀ ଅରବିନ୍ଦ କୁମାର ସାହୁ, ଇଫକୋ ପାରାଦୀପର ପ୍ରଶାସନିକ ଅଧିକାରୀ ଜୟନ୍ତ ଜେନା, ଭୂତମୁଣ୍ଡଇ ଗ୍ରାମ ପଞ୍ଚାୟତର କୁସି ମିତ୍ର ଅରକ୍ଷିତା ସାହୁ, ଏବଂ ଇଫକୋ ପାରାଦୀପର ଜୈବ-ସାର କାରଖାନା ଅଧିକାରୀ ଆଭ୍ରୋ ଦେ ପ୍ରମୁଖ ଉପସ୍ଥିତ ଥିଲେ । ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରି, ବିଶିଷ୍ଟ ବ୍ୟକ୍ତିମାନେ ଆଧୁନିକ କୃଷି ପଦ୍ଧତି, ଉନ୍ନତ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସେମାନେ ଫସଲ ଉତ୍ପାଦନ ବୃଦ୍ଧିରେ ନାନୋ ସାରର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସାର କ୍ଷେତ୍ରକୁ ପ୍ରଭାବିତ କରୁଥିବା ବିଶ୍ୱସ୍ତରୀୟ ଅନିଶ୍ଚିତତା ପରିପ୍ରେକ୍ଷୀରେ ଦକ୍ଷ ପୁଷ୍ଟିକର ପରିଚାଳନାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏକ ପାରସ୍ପରିକ ଆଲୋଚନା ଅଧିବେଶନ ଚାଷୀମାନଙ୍କୁ ବିଭିନ୍ନ କୃଷି ଚ୍ୟାଲେଞ୍ଜ ଉପରେ ଆଲୋଚନା କରିବା ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା, ବୈଜ୍ଞାନିକ ସାର ପ୍ରୟୋଗ ଏବଂ ଉନ୍ନତ ଫସଲ ଉତ୍ପାଦନ ପଦ୍ଧତି ଉପରେ ବିଶେଷଜ୍ଞ ମାର୍ଗଦର୍ଶନ ପାଇବାର ସୁଯୋଗ ପ୍ରଦାନ କରିଥିଲା । କାର୍ଯ୍ୟକ୍ରମର ଏକ ଅଂଶ ଭାବରେ, ପରିବେଶ ଅନୁକୂଳ ଏବଂ ସ୍ଥାୟୀ କୃଷି ଇନପୁଟ୍ ଗ୍ରହଣକୁ ଉତ୍ସାହିତ କରିବା ପାଇଁ ଅଂଶଗ୍ରହଣକାରୀ ଚାଷୀମାନଙ୍କ ମଧ୍ୟରେ ଜୈବ-ସାର ତରଳ କନସୋର୍ଟିଆ ବଣ୍ଟନ କରାଯାଇଥିଲା । କୃଷକ ସମ୍ପ୍ରଦାୟର ଲାଭ ପାଇଁ ଏପରି ଅଧିକ କ୍ଷମତା-ନିର୍ମାଣ ପଦକ୍ଷେପ ଆୟୋଜନ କରିବା ପାଇଁ ଧନ୍ୟବାଦ ପ୍ରସ୍ତାବ ଏବଂ ପୁନଃପ୍ରତିବଦ୍ଧତା ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।



# ଦଶବର୍ଷର ପ୍ରତୀକ୍ଷା ପରେ ମଧ ବିଧବା ମା'ଙ୍କୁ ମିଳିଲା ନାହିଁ ସାମାଜିକ ସୁରକ୍ଷା

ଉଦଳା, ୨୭/୬ (ନି.ପ୍ର): ଖୁଂଟା ବ୍ଲକର ଭୋଲାଗଡ଼ିଆ ପଂଚାୟତ ଅନ୍ତର୍ଗତ ଡ଼ବକ ଗ୍ରାମର ବାସିନ୍ଦା କହ୍ନେଇ ହେମ୍ବ୍ରମଙ୍କ ସହଧର୍ମିଣୀ ମାଇନ ହେମ୍ବ୍ରମ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇବାରୁ ବଂଚିତ ଥିବାର ଜଣାଇଛନ୍ତି । କହ୍ନେଇ ହେମ୍ବ୍ରମଙ୍କର ଦେହାନ୍ତ ହୋଇଯିବା ପରେ ଆଜକୁ ୧୦ ବର୍ଷ ଧରି 'ମାଇନ' ବିଧବା ଜୀବନ ବିତାଇବା ସାଙ୍ଗକୁ ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି । ବିଧବା ମା' ମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯେଉଁ ଭତା ପ୍ରଦାନ କରୁଛନ୍ତି ତାହା ପାଇବା ପାଇଁ 'ମାଇନ' ବାରମ୍ବାର ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ଗୁହାରି ଜଣାଇଛନ୍ତି । କିନ୍ତୁ କେହି ତାଙ୍କର ଗୁହାରି ଶୁଣିନଥିବାର ଅଭିଯୋଗ କରିଛନ୍ତି । ତାହାଚଡ଼ା ଆଦିବାସୀ ଭାଇ ଭଉଣୀ ମାନଙ୍କର ସବୁ ପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଯାହାର କାର୍ଯ୍ୟାଳୟ ଉଦଳା ଠାରେ ରହିଛି । 'ମାଇନ' ଜଣେ ଆଦିବାସୀ ବିଧବା ମା' ହୋଇଥିବା ବେଳେ ଉକ୍ତ ପ୍ରକଳ୍ପ ତାଙ୍କୁ କୌଣସି ସହଯୋଗ ନକରି କାହିଁକି ଚୁପ ମାରି ବସିଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି । ବିଭାଗୀୟ କତୃପକ୍ଷ ଉକ୍ତ ଘଟଣାର ତଦନ୍ତ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।



# ପାଟଣାଗଡ଼ରେ ଅଟଳ ବସ୍‌ଷ୍ଟାଣ୍ଡର ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର, ୨୭/୬ (ନି.ପ୍ର): ରାଜ୍ୟର ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଆଜି ବଲାଙ୍ଗିର ଜିଲ୍ଲାର ପାଟଣାଗଡ଼ରେ ନିର୍ମାଣ ହେବାକୁ ଥିବା ଅଟଳ ବସ୍‌ଷ୍ଟାଣ୍ଡର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଏହି ସୂଚନା ଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଧୁନିକ ସୁବିଧାସମ୍ପନ୍ନ ଏହି ବସ୍‌ଷ୍ଟାଣ୍ଡ ନିର୍ମାଣ ହେବା ପରେ ସ୍ଥାନୀୟ ଜନସାଧାରଣ ଏବଂ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀମାନେ ଅଧିକ ଉନ୍ନତ, ସୁରକ୍ଷିତ ଓ ସୁବିଧାଜନକ ପରିବହନ ସେବା ପାଇପାରିବେ । ସେ କହିଛନ୍ତି, ଏହି ପ୍ରକଳ୍ପ କେବଳ ଯାତାୟାତ ବ୍ୟବସ୍ଥାକୁ ସହଜ କରିବ ନାହିଁ, ବରଂ ସ୍ଥାନୀୟ ବ୍ୟବସାୟ, ବାଣିଜ୍ୟିକ କାର୍ଯ୍ୟକଳାପ ଓ ଆର୍ଥିକ ବିକାଶକୁ ମଧ ଅଧିକ ଗତିଶୀଳ କରିବ । ଏହା ମାଧ୍ୟମରେ ପାଟଣାଗଡ଼ ଓ ଏହାର ଆଖପାଖ ଅଂଚଳର ସାମଗ୍ରିକ ବିକାଶରେ ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

# ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ମୟୂରଭଞ୍ଜ ଜିଲ୍ଲା ଶାଖା ବୈଠକ



ବାଲେଶ୍ୱର, ୨୭/୬ (ନି.ପ୍ର): ଜିଲ୍ଲାରେ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଚେତନାର ବିକାଶ ତଥା ଓଡିଆ ଅସ୍ମିତାର ସରକ୍ଷା ନିମନ୍ତେ ଆବଶ୍ୟକୀୟ କାର୍ଯ୍ୟପନ୍ଥା ଗ୍ରହଣର ରୂପରେଖ ପ୍ରସ୍ତୁତ ପାଇଁ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ପୁରୀ, ମୟୂରଭଞ୍ଜ ଶାଖା ଆନୁକୂଲ୍ୟରେ, ସ୍ଥାନୀୟ ମୟୂରଭଞ୍ଜ ସାହିତ୍ୟ ପରିଷଦ ସଭାଗୃହ ଠାରେ ୨୭ ଜୁନ ୨୦୨୬ ପୂର୍ବାହ୍ନ ସଦସ୍ୟ/ସଦସ୍ୟା ଏବଂ ନିମନ୍ତ୍ରିତ ଅତିଥିମାନଙ୍କୁ ନେଇ ଏକ ବୈଠକର ଆୟୋଜନ ହୋଇଛି । ସଭାରେ ପ୍ରତିଷ୍ଠାନର ଜିଲ୍ଲା ସଭାପତି ସୁଶ୍ରୀ କାବେରୀ ମିଶ୍ର ପୌରୋହିତ୍ୟ କରିଥିଲେ । ସମ୍ପାଦକ ଅଜୟ କୁମାର ପାଳ ଶ୍ରୀଜଗନ୍ନାଥ ଚେତନା ଗବେଷଣାର ବିକାଶ ଲକ୍ଷ୍ୟ ରଖି ପ୍ରତିଷ୍ଠାନ ବିଶ୍ୱ ସ୍ତରରେ କିଭଳି ନିରନ୍ତର କର୍ତ୍ତବ୍ୟରତ ସେ ଉପରେ ସୂଚନା ଦେଇଥିଲେ । ପୁରୀ ଶ୍ରୀକ୍ଷେତ୍ରରେ ବିରାଜମାନ ଶ୍ରୀଜଗନ୍ନାଥଙ୍କ ମହିମା ଏବଂ କୈମ୍ୟଦନ୍ତିକ କଥାମୃତକୁ ଆଧାର କରି ଜିଲ୍ଲାର ତୃଣମୂଳ ସ୍ତରରୁ ସ୍କୁଲ ଛାତ୍ରଛାତ୍ରୀ ଭିତରେ ଆଗ୍ରହ ସୃଷ୍ଟିର ଆବଶ୍ୟକତା ବିଷୟରେ ବୈଠକରେ ଉତ୍ତରାଞ୍ଚଳ ସଭାପତି ଅଜିତ କୁମାର କାବାଟ, ରାଜ୍ୟ ଉପସଭାପତି ପଦ୍ମନାଭ ସାହୁ, ବିଶିଷ୍ଟ ସାହିତ୍ୟିକ ଇଂ ମନୋଜ ଦଳବେହେରା, ମହାପ୍ରଭୁ ଶ୍ରୀଚତୁର୍ଦ୍ଧାମୂର୍ତ୍ତିଙ୍କ ସେବାପୂଜା ବିଧିର ପ୍ରବକ୍ତା ଅରୁଣ କୁମାର ମିଶ୍ର, ବରିଷ୍ଠ ସଦସ୍ୟ ଦୁର୍ଗାଚରଣ ଜିତବାବୁ ଓ ନରସିଂହ ବାରିକ ପ୍ରମୁଖ ମୂଲ୍ୟବାନ ମତ ରଖିଥିଲେ । ଜିଲ୍ଲାଶାଖା ଆଗମୀ ଜୁଲାଇ ୨୦୨୬ରୁ ସ୍କୁଲ ସ୍ତରୀୟ ଏହି ଶୈକ୍ଷିକ କାର୍ଯ୍ୟକ୍ରମ ହାତକୁ ନେବେ ବୋଲି ସଭାରେ ସ୍ଥିର ହୋଇଛି । ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନ ଭାରତ ତରଫରୁ ବିଜ୍ଞ ସଦସ୍ୟ ଓ ପୂଜାପଣ୍ଡା ଅରୁଣ କୁମାର ମିଶ୍ର ସେବା ଶିରୋମଣି ସମ୍ମାନ ଲାଭ କରିଥିବାରୁ ସଭାସଦବୃନ୍ଦ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

# ଓୟୁଜେ ପକ୍ଷରୁ ଦହି ସରବତ ବଣ୍ଟନ




ବାଲେଶ୍ୱର, ୨୭/୬ (ନି.ପ୍ର): ଜଳବାୟୁ ପରିବର୍ତ୍ତନ ଜନିତ ପରିସ୍ଥିତି ଯୋଗୁଁ ଗ୍ରୀଷ୍ମ ପ୍ରବାହ ସବୁ ସମୟରେ ଲାଗି ରହିଥିବାରୁ ଏ ଦିଗରେ ଜନସାଧାରଣ ସଚେତନ ହୋଇ ନିଜେ ନିଜକୁ ସୁସ୍ଥ ରଖିବା ପାଇଁ ବାର ଆସୋସିଏସନ୍ ସଭାପତି ମନୋଜ କୁମାର ନାୟକ ପରାମର୍ଶ ଦେଇଛନ୍ତି ।ଆଜି ଓଡିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆୟୋଜିତ ଏକ ଜଳଛତ୍ର ଓ ଦହି ସରବତ ବଣ୍ଟନ କାର୍ଯ୍ୟକ୍ରମ କୁ ଉଦଘାଟନ କରି ଶ୍ରୀ ନାୟକ କହିଲେ ଯେ, ଜନସାଧାରଣଙ୍କୁ ସଚେତନ କରିବା, ବିଭିନ୍ନ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ସମସ୍ୟା କୁ ପ୍ରଶାସନ ର ଦୃଷ୍ଟିକୁ ଆଣିବା ସାମ୍ବାଦିକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ । ଏହା ସହିତ ସମାଜ ସେବା କରିବା ସାମ୍ବାଦିକ ଙ୍କ ଆଉ ଏକ ଦାୟିତ୍ୱ ବୋଲି ସେ କହିଥିଲେ ।ସେ କହିଲେ ଯେ, ଜଳଛତ୍ର , ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ, ରକ୍ତଦାନ ଶିବିର, ବୃକ୍ଷ ରୋପଣ ଆଦି ଅନେକ କାର୍ଯ୍ୟକ୍ରମ ଓଡ଼ିଶା ସାମ୍ବାଦିକ ୟୁନିଅନ କରୁଥିବା ବାସ୍ତବିକ ସ୍ୱାଗତ ଯୋଗ୍ୟ ପଦକ୍ଷେପ । ସମ୍ବାଦ ଲେଖା ଓ ପରିବେଷଣ ସହଏହି ସେବା ମୂଳକ କାର୍ଯ୍ୟକ୍ରମ ଚାଲୁ ରଖିବାକୁ ସେ ସମସ୍ତ ସଦସ୍ୟ ଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସଂପାଦକ ବିବେକାନନ୍ଦ ଦାସ, ବରିଷ୍ଠ ସଦସ୍ୟ ରାମନାରାୟଣ ଶତପଥି, ଅଜିତ କୁମାର ମହାନ୍ତି, ପ୍ରସନ୍ନଜିତ ଆଶ, ଅଧିପ୍ କୁମାର ଜେନା, ଆଶୁତୋଷ ମଲ୍ଲିକ,ଲୋକନାଥ ପିରି, ଅମ୍ରିତା ପିରୀ, ହାଇଦର ଖାନ, ଅଜୀମ ବାଲେଶ୍ୱରୀ, ସୋମନାଥ ସାହୁ, କହ୍ନେଇ ଚରଣ ପ୍ରଧାନ ଆଇନଜୀବୀ, ଅଜୟ କୁମାର ପାତ୍ର ସମାଜ ସେବୀ ଅରୁଣ ଚାଟାର୍ଜୀ , ଭବାନୀ ଶଙ୍କର ପାଣିଗ୍ରାହୀ, ଗୋପବନ୍ଧୁ ଗିରି , ହରେକୃଷ୍ଣ ପାତ୍ର, ମୀନାକ୍ଷି ଦାସ, ସିପୁନ କୁମାର ମହାନ୍ତି ଆଲୋକ କୁମାର ମଲ୍ଲିକ, ବାପୁନ କୁମାର ସାହୁ, ଅଭିରାମ ବାରିକ ପ୍ରମୁଖ ଙ୍କ ସମେତ ବହୁ ଆଇନଜୀବୀ, ସ୍ଥାନୀୟ ବ୍ୟବସାୟୀ, ଅଟୋ ଚାଳକ ମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida